ବର୍ଷ-୨୪, ସଂଖ୍ୟା-୧୫୧
ଭୁବନେଶ୍ୱର
୨୮ ଜୁନ, ୨୦୨ ଶୁକ୍ରବାର
ପୃଷ୍ଠା-୦୮, ମୂଲ୍ୟ : ୨ଟଙ୍କା

Vol.-24, Issue No. 151
Bhubaneswar
28 June, 2024, Friday
Page-08, Rs.: 2.00

# ମହାଭାରତ

RNI Regd. No.: ODIODI2000/03863
Website : www.mahabharataepaper.com
Mahabharat


ରିଲିଜ ହେଲା
'କଲ୍‌କୀ-୨୮୯୮'

## ମିଳିତ ଅଧିବେଶନକୁ ରାଷ୍ଟ୍ରପତିଙ୍କ ଉଦବୋଧନ

# ଗରିବୀରୁ ମୁକୁଳିଛନ୍ତି ୨୫ କୋଟି ଭାରତୀୟ

**ନୂଆଦିଲ୍ଲୀ,୨୭।୬(ମହାଭାରତ):** ସଂସଦ ଭବନର ମିଳିତ ଅଧିବେଶନକୁ ସମ୍ବୋଧିତ କରିଛନ୍ତି ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ। ଆଜି ସେ ସଂସଦ ଭବନରେ ପହଞ୍ଚିବା ପରେ ଉପରାଷ୍ଟ୍ରପତି ଜଗଦିଶ ଧନଖଡ ଏବଂ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ତାଙ୍କୁ ସ୍ୱାଗତ କରିଥିଲେ। ଏହାପରେ ମିଳିତ ଅଧିବଶେନକୁ ସମ୍ବୋଧିତ କରି ନବନିର୍ବାଚିତ ସାଂସଦମାନଙ୍କୁ ଶୁଭେଚ୍ଛା ଜଣାଇଛନ୍ତି ରାଷ୍ଟ୍ରପତି।

ସମ୍ବୋଧନ ସଭାରେ ଦେଶର ଗରିବୀଠୁ ନେଇ ଶିକ୍ଷା, ବିଜ୍ଞାନ, ବାଣିଜ୍ୟ, କୃଷି ଓ ଭବିଷ୍ୟତ ଯୋଜନା ଉପରେ ଆଲୋଚନା କରିଛନ୍ତି ରାଷ୍ଟ୍ରପତି ମୁର୍ମୁ। ଦେଶରେ ଗରିବୀ ଦୂର ହୋଇଛି, ୨୫ କୋଟି ଭାରତୀୟ ଗରିବୀରୁ ମୁକ୍ତ ହୋଇଛନ୍ତି ବୋଲି ରାଷ୍ଟ୍ରପତି ମୁର୍ମୁ କହିଛନ୍ତି। ଏଥିସହ ଦେଶରେ ବିଜୁଳି ବିଲ୍ ଶୂନ କରିବାକୁ ସରକାର ଯୋଜନା କରୁଥିବା ସେ କହିଛନ୍ତି। ଦେଶର ଉନ୍ନତି କ୍ଷେତ୍ରରେ ମହିଳାଙ୍କ ଭାଗିଦାରୀ ବିଷୟରେ ଆଲୋଚନା କରି ରାଷ୍ଟ୍ରପତି କହିଛନ୍ତି, ଆଗକୁ ମହିଳାମାନଙ୍କୁ ଡ୍ରୋନ୍ ପାଇଲଟ କରିବାକୁ ଉଦ୍ୟମ ଚାଲିଛି। ୩ କୋଟି ମହିଳାଙ୍କୁ ଲକ୍ଷପତି ଦିଦି କରିବାକୁ ବ୍ୟାପକ ଅଭିଯାନ ଚଳାଯାଇଛି। ଉତ୍ତର-ଦକ୍ଷିଣ ଭାରତରେ ବୁଲେଟ୍ ଟ୍ରେନ୍ ଚଳାଚଳ ପାଇଁ ମଧ ବ୍ୟବସ୍ଥା ଚାଲିଛି ବୋଲି ରାଷ୍ଟ୍ରପତି ମୁର୍ମୁ କହିଛନ୍ତି।

- ପିଏମ କିଷାନ ସମ୍ମାନ ନିଧି ଯୋଜନାରେ ମିଳିଛି ୩.୨୦ ଲକ୍ଷ କୋଟି ଟଙ୍କା
- ପେପର୍ ଲିକ୍ ରୋକିବାକୁ ନିଆଯିବ ଦୃଢ କାର୍ଯ୍ୟାନୁଷ୍ଠାନ
- ୭୦ ଡେଇଁଲେ ପ୍ରତ୍ୟେକ ଭାରତୀୟଙ୍କୁ ମିଳିବ ମାଗଣା ଚିକିତ୍ସା
- ଗ୍ରାମୀଣ ଅର୍ଥବ୍ୟବସ୍ଥାକୁ ସୁଦୃଢ଼କୁ ସର୍ବାଧିକ ଗୁରୁତ୍ୱ
- ୬୧ ରେଳ ଷ୍ଟେସନରେ ଖୋଲିବ ଜନୌଷଧି କେନ୍ଦ୍ର

ନିର୍ବାଚନ କମିଶନକୁ ପ୍ରଶଂସା କରି ରାଷ୍ଟ୍ରପତି କହିଛନ୍ତି, ଏଥର କାଶ୍ମୀର ଘାଟିରେ ରେକର୍ଡ ସଂଖ୍ୟକ ଭୋଟିଂ ହୋଇଛି। ଚାରି ଦଶକରୁ ଏଠାରେ ଭୋଟିଂ ପ୍ରତିଶତ କମ୍ ରହି ଆସୁଥିଲା। ଏଥର କିନ୍ତୁ ବିରାଟ ପରିବର୍ତ୍ତନ ଆସିଛି। ମୋ ସରକାର ଉପରେ ଲୋକେ ତୃତୀୟ ଥର ଭରସା କରିଛନ୍ତି। ଲୋକେ ଜାଣିଛନ୍ତି ମୋ ସରକାର ସେମାନଙ୍କ ଆକାଂକ୍ଷା ପୂରଣ କରିପାରିବ। ସମାଜର ସବୁ ବର୍ଗଙ୍କ ପାଖରେ ବିକାଶ ପହଞ୍ଚିବ ବୋଲି ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ କହିଛନ୍ତି। ସେ କହିଛନ୍ତି ଯେ, ପ୍ରତିଟି ଲୋକର ବିକାଶ ହୋଇପାରିଲେ ଏକ ବିକଶିତ ଭାରତ ସମ୍ଭବ ହେବ। ଗରିବ, ଚାଷୀ, ମହିଳା, ଯୁବ ବର୍ଗଙ୍କ ବିକାଶ ପାଇଁ ଧ୍ୟାନ ଦିଆଯାଉଛି। ସରକାରଙ୍କ ସବୁ ଯୋଜନାର ସୁବିଧା ସମସ୍ତଙ୍କ ନିକଟରେ ପହଞ୍ଚାଯିବ।



ଏହି ଅବସରରେ ରାଷ୍ଟ୍ରପତି ଗ୍ରାମୀଣ ତଥା କୃଷି କ୍ଷେତ୍ରରେ ଆସିଥିବା ସଂସ୍କାର ବିଷୟରେ ଆଲୋଚନା କରିଛନ୍ତି। ସରକାର କୃଷିଜାତ ଦ୍ରବ୍ୟର ସଂରକ୍ଷଣ ଉପରେ କାର୍ଯ୍ୟ କରୁଥିବା ରାଷ୍ଟ୍ରପତି କହୁଛନ୍ତି। ଆମ ସରକାର କୃଷି ଉତ୍ପାଦ ପାଇଁ ଗଝଚ(ସର୍ବନିମ୍ନ ସହାୟକ ମୂଲ୍ୟ) ବୃଦ୍ଧି କରିଛନ୍ତି। ବିଶ୍ୱରେ ଜୈବ ଉତ୍ପାଦର ଚାହିଦା ବୃଦ୍ଧି ପାଉଛି ଏବଂ ଭାରତୀୟ କୃଷକମାନେ ଏହି ଚାହିଦା ପୂରଣ କରିବାରେ ସକ୍ଷମ ବୋଲି ରାଷ୍ଟ୍ରପତି କହିଛନ୍ତି।

ରାଷ୍ଟ୍ରପତି କହିଛନ୍ତି, ପ୍ରଧାନମନ୍ତ୍ରୀ କିଷାନ ସମ୍ମାନ ନିଧି ଯୋଜନା ଅଧୀନରେ ମୋ ସରକାର ଦେଶର କୃଷକମାନଙ୍କୁ ୩.୨୦ ଲକ୍ଷ କୋଟି ଟଙ୍କା ଯୋଗାଇ ଦେଇଛନ୍ତି। ମୋ ସରକାରର ନୂତନ କାର୍ଯ୍ୟକାଳ ଆରମ୍ଭରୁ ୨୦,୦୦୦ କୋଟିରୁ ଅଧିକ ଟଙ୍କା କୃଷକଙ୍କୁ ହସ୍ତାନ୍ତର କରାଯାଇଛି। ଖରିଫ ଫସଲ ପାଇଁ ଗଝଚରେ ମଧ ରେକର୍ଡ ବୃଦ୍ଧି ଘଟିଛି।

ରାଷ୍ଟ୍ରପତି ଆହୁରି କହିଛନ୍ତି ଯେ, ଆଜିର ଭାରତ ଏହାର କୃଷି ବ୍ୟବସ୍ଥାରେ ପରିବର୍ତ୍ତନ ଆଣୁଛି। ପ୍ରାକୃତିକ ଚାଷ ତଥା ଆନୁଷଙ୍ଗିକ ଦ୍ରବ୍ୟର ଯୋଗାଣ ଶୃଙ୍ଖଳା(ଚେନ୍)କୁ ସରକାର ଏକୀଭୂତ କରୁଛନ୍ତି। ଭାରତ ସରକାରଙ୍କ ପଦକ୍ଷେପ ସ୍ୱରୂପ ଗତବର୍ଷ ସମଗ୍ର ବିଶ୍ୱ ଅନ୍ତର୍ଜାତୀୟ ମିଲେଟ ଦିବସ ପାଳନ କରିଛି।

ଗ୍ରାମକୁ ସଂଯୋଗ କରିବା ପାଇଁ ସରକାର ୩.୮ ଲକ୍ଷ କିଲୋମିଟର ଗ୍ରାମୀଣ ସଡ଼କ ନିର୍ମାଣ କରିଛନ୍ତି। ସରକାର ମଧ ଉତ୍ତର ପୂର୍ବ ରାଜ୍ୟରେ ଶାନ୍ତି ସ୍ଥାପନା ପାଇଁ କାର୍ଯ୍ୟ କରୁଛନ୍ତି। ଗତ ୧୦ ବର୍ଷ ମଧରେ ଅନେକ ପୁରୁଣା ସମସ୍ୟାର ସମାଧାନ ହୋଇସାରିଛି ବୋଲି ରାଷ୍ଟ୍ରପତି କହିଛନ୍ତି।

ଡାକ୍ତରୀ ପ୍ରବେଶିକା ପରୀକ୍ଷାକୁ ନେଇ ଚାଲିଥିବା ବିବାଦ ଉପରେ ପ୍ରତିକ୍ରିୟା ରଖିଛନ୍ତି ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ। ଆଜି ସଂସଦ ଭବନର ମିଳିତ ଅଧିବେଶନକୁ ଉଦବୋଧନ ଦେଇ ରାଷ୍ଟ୍ରପତି ମୁର୍ମୁ ଏହି ସମ୍ବେଦନଶୀଳ ବିଷୟ ପ୍ରତି ଗୁରୁତ୍ୱାରୋପ କରିଛନ୍ତି। ରାଷ୍ଟ୍ରପତି କହିଛନ୍ତି ଯେ, ନିଟ୍ ପରୀକ୍ଷାରେ ଅନିୟମିତତା ହୋଇଥିବା ଅଭିଯୋଗ ଆସିଛି। ପୂର୍ବରୁ ମଧ ବିଭିନ୍ନ ରାଜ୍ୟରେ ପେପର ଲିକ୍ ଖବର ସାମ୍ନାକୁ ଆସିଥିଲା। ନିଟ୍-ୟୁଜି ପେପର ଲିକ୍ ଉପରେ ନିରପେକ୍ଷ ଯାଞ୍ଚ ଚାଲିଛି। ପେପର୍ ଲିକ୍ ମାମଲା ଉପରେ ନିରପେକ୍ଷ ଯାଞ୍ଚ କରାଯିବ ବୋଲି ରାଷ୍ଟ୍ରପତି କହିଛନ୍ତି। ନିରପେକ୍ଷ ଯାଞ୍ଚ ପାଇଁ ଆମ ସରକାର ପ୍ରତିବଦ୍ଧ ବୋଲି କହିଛନ୍ତି ରାଷ୍ଟ୍ରପତି। ଦୋଷୀଙ୍କୁ କଠୋରରୁ କଠୋର ଦଣ୍ଡ ଦେବାକୁ ଆମ ସରକାର ପ୍ରତିବଦ୍ଧ। ପେପର ଲିକ୍ ରୋକିବାକୁ ଆମ ସରକାର କଡ଼ା ଆଇନ ଆଣିଛନ୍ତି। ପରୀକ୍ଷା ପରିଚାଳନାରେ ଜଡ଼ିତ ସଂସ୍ଥାରେ ସଂସ୍କାର ପାଇଁ ଉଦ୍ୟମ କରାଯାଉଛି। ଏଥିପାଇଁ ଦଳୀୟ ରାଜନୀତିରୁ ଊର୍ଦ୍ଧ୍ୱରେ ରହି ପଦକ୍ଷେପ ନେବା ଉଚିତ ବୋଲି ରାଷ୍ଟ୍ରପତି କହିଛନ୍ତି।

ରାଷ୍ଟ୍ରପତି କହିଛନ୍ତି, ଆୟୁଷ୍ମାନ ଭାରତ-ପ୍ରଧାନମନ୍ତ୍ରୀ ଜନ ଅରୋଗ୍ୟ ଯୋଜନାରେ ମାଗଣା ସ୍ୱାସ୍ଥ୍ୟ ସେବା ୫୫ କୋଟି ହତାଧିକାରୀଙ୍କୁ ଦିଆଯାଉଛି। ଏବେ ସରକାର ଏ କ୍ଷେତ୍ରରେ ଆଉ ଏକ ବଡ଼ ନିଷ୍ପତ୍ତି ନେବାକୁ ଯାଉଛନ୍ତି। ଏବେ ସମସ୍ତ ୭୦ ବର୍ଷ ବୟସରୁ ଅଧିକ ବୟସ୍କ ଏହି ଯୋଜନା ଅଧୀନରେ ସାମିଲ ହେବେ। ସେମାନଙ୍କୁ ଆୟୁଷ୍ମାନ ଭାରତ ଯୋଜନାରେ ମାଗଣା ସ୍ୱାସ୍ଥ୍ୟ ସେବା ଯୋଗାଇ ଦିଆଯିବ। ଏବି-ପିଏମ୍‌ଜେଏୱାଇ ହେଉଛି ବିଶ୍ୱର ସବୁଠାରୁ ବଡ଼ ସର୍ବସାଧାରଣ ସ୍ୱାସ୍ଥ୍ୟ ବୀମା ଯୋଜନା। ଏହି ଯୋଜନରେ ପ୍ରତି ପରିବାରକୁ ୫ ଲକ୍ଷ ଟଙ୍କା ଯାଏ ମାଗଣା ଚିକିତ୍ସା ସେବା ଯୋଗାଇ ଦିଆଯାଉଛି।

## ରାଷ୍ଟ୍ରପତି, ପ୍ରଧାନମନ୍ତ୍ରୀଙ୍କୁ ଭେଟିଲେ ମୁଖ୍ୟମନ୍ତ୍ରୀ-ଉପମୁଖ୍ୟମନ୍ତ୍ରୀ

**ନୂଆଦିଲ୍ଲୀ/ଭୁବନେଶ୍ୱର,୨୭।୬(ମହାଭାରତ):** ଓଡ଼ିଶାରେ ପ୍ରଥମ ଥର ପାଇଁ ବିଜେପି, ସରକାର ବଢ଼ିବା ପରେ ଦିଲ୍ଲୀ ଗସ୍ତରେ ଅଛନ୍ତି ମୁଖ୍ୟମନ୍ତ୍ରୀ ମୋହନ ମାଝୀ ଏବଂ ଦୁଇ ଉପ-ମୁଖ୍ୟମନ୍ତ୍ରୀ କେ.ଭି ସିଂଦେଓ ଏବଂ ପ୍ରଭାତି ପରିଡ଼ା। ଏହି ଅବସରରେ ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁଙ୍କୁ ସହ ସୌଜନ୍ୟମୂଳକ ସାକ୍ଷାତ କରିବା ପରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ, ଅର୍ଥମନ୍ତ୍ରୀ ନିର୍ମଳା ସୀତାରମଣ, ସଡ଼କ ପରିବହନ ମନ୍ତ୍ରୀ ନୀତିନ ଗଡ଼କରୀ ଏବଂ ଶିକ୍ଷାମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନଙ୍କ ସହ ସାକ୍ଷାତ କରିଛନ୍ତି।



ମୁଖ୍ୟମନ୍ତ୍ରୀ କହିଛନ୍ତି, ସୌଜନ୍ୟମୂଳକ ସାକ୍ଷାତ ଥିଲା, ଆଗାମୀ ଦିନରେ ରୋଡ ମ୍ୟାପ ହେବ ନୂଆ। ଓଡ଼ିଶା ଗଠନ ପାଇଁ ଆଗାମୀ ୫ ବର୍ଷରେ କାର୍ଯ୍ୟକ୍ରମ ହେବ ରଥଯାତ୍ରାକୁ ଆସିବା ପାଇଁ ରାଷ୍ଟ୍ରପତିଙ୍କୁ ନିମନ୍ତ୍ରଣ କରିଛୁ, ଆଉ ରାଷ୍ଟ୍ରପତି ଆସିବେ ବୋଲି କହିଛନ୍ତି। ଯଦିଓ ଏହାକୁ ସୌଜନ୍ୟମୂଳକ ସାକ୍ଷତ ବୋଲି କୁହାଯାଉଛି, ତଥାପି ରାଜନୈତିକ ଦୃଷ୍ଟିକୋଣରୁ ବେଶ ଗୁରୁତ୍ୱ ରହିଛି। କାରଣ, ନିର୍ବାଚନ ସମୟରେ ମୋଦୀ ଦେଇଥିବା ଗ୍ୟାରେଣ୍ଟି ଓ ଓଡ଼ିଶାର ବିକାଶ ନେଇ ବିଜେପି ଦେଇଥିବା ପ୍ରତିଶ୍ରୁତି ସମ୍ପର୍କରେ ଏହି ଗସ୍ତରେ ଆଲୋଚନା ହୋଇଥିବା ନେଇ ଚର୍ଚ୍ଚା। ପ୍ରଧାନମନ୍ତ୍ରୀ ନରେନ୍ଦ୍ରମୋଦୀ ଓଡ଼ିଶାରେ ଯେଉଁ ସବୁପ୍ରତିଶ୍ରୁତି ଦେଇଥିଲେ ତାକୁ କିଭଳି ରାଜ୍ୟରେ ମୋହନ ସରକାର କାର୍ଯ୍ୟକାରୀ କରିବେ ସେନେଇ ମୁଖ୍ୟମନ୍ତ୍ରୀ ମୋହନ ମାଝୀ, ପ୍ରଧାନମନ୍ତ୍ରୀଙ୍କ ସହ ଆଲୋଚନା କରିଥାଇପାରନ୍ତି। ଡବଲ ଇଞ୍ଜିନ୍ ସରକାର ଗଠନ ପରେ କେମିତି ଓଡ଼ିଶା ଲୋକଙ୍କ ଆସ୍ଥା ଭାଜନ ହୋଇପାରିବେ ନୂଆ ସରକାର ସେ ଉପରେ ମଧ ଗୁରୁତ୍ୱ ଦେଇଛନ୍ତି। ଅନ୍ୟପଟେ ମୁଖ୍ୟମନ୍ତ୍ରୀ ଓ ଦୁଇ ଉପ-ମୁଖ୍ୟମନ୍ତ୍ରୀ, ଅର୍ଥମନ୍ତ୍ରୀ ନିର୍ମଳା ସୀତାରମଣଙ୍କ ସହ ସାକ୍ଷାତ କରିବା ମଧ ଅନେକ ସମ୍ଭାବନା ସୃଷ୍ଟି କରିଛି। ବିକାଶମୂଳକ ପ୍ରକଳ୍ପ ପାଇଁ ଅର୍ଥ, ଓଡ଼ିଶା ପାଇଁ ନୂଆ ଯୋଜନାର ପରିକଳ୍ପନା, ସୁଭଦ୍ରା ଯୋଜନା ଓ ଏମଏସପି ବୃଦ୍ଧି ନେଇ କେନ୍ଦ୍ରୀୟ ସହାୟତା ସମ୍ପର୍କରେ ଆଲୋଚନାର ସମ୍ଭାବନା ସୃଷ୍ଟି କରିଛି ଏହି ଗସ୍ତ।

ସେହିପରି ଜାତୀୟ ରାଜପଥ ସଂପ୍ରସାରଣ ଓ ପ୍ରଶସ୍ତିକରଣ ଏବଂ ସାଗରମାଳା ଭଳି ଏକାଧିକ ପ୍ରକଳ୍ପ ସମ୍ପର୍କରେ ଆଲୋଚନା ସୃଷ୍ଟି କରିଛି ସଡ଼କ ପରିବହନ ମନ୍ତ୍ରୀଙ୍କ ସହ ସାକ୍ଷାତ କାର୍ଯ୍ୟକ୍ରମ। ତେବେ ଏହି ତିନି ତିନିଆ। ଦିଲ୍ଲୀ ଗସ୍ତ ସମୟରେ ମୁଖ୍ୟମନ୍ତ୍ରୀ ଓ ଦୁଇ ଉପ-ମୁଖ୍ୟମନ୍ତ୍ରୀ, ମୋଦୀ କ୍ୟାବିନେଟର ଏକାଧିକ ମନ୍ତ୍ରୀ ଓ ବିଜେପିର ଅନେକ ବରିଷ୍ଠ ନେତାଙ୍କୁ ଭେଟିବାର କାର୍ଯ୍ୟକ୍ରମ ରହିଛି। ସୂଚନାଯୋଗ୍ୟ ଯେ, ଓଡ଼ିଶାରେ ବିଜେପି ପ୍ରଥମ ଥର ସରକାର ଗଢ଼ିଥିବା ବେଳେ ସାମ୍ନାରେ ଅଛନ୍ତି ଏକ ଶକ୍ତିଶାଳୀ ବିରୋଧୀ। ତେଣୁ ବିରୋଧୀଙ୍କୁ ସାମ୍ନା କରିବା ପାଇଁ ଅଭିଜ୍ଞ ଓ ବରିଷ୍ଠ ନେତାଙ୍କ ସହ ଆଲୋଚନା କରିପାରନ୍ତି ମୁଖ୍ୟମନ୍ତ୍ରୀ ଓ ଦୁଇ ଉପ ମୁଖ୍ୟମନ୍ତ୍ରୀ। ଏହି ଗସ୍ତ ଅବସରରେ ଅନେକ ନେତାଙ୍କୁ ଭେଟି ଆଲୋଚନା କରିବାର ମଧ କାର୍ଯ୍ୟକ୍ରମ ରହିଛି।

## ଘରୋଇକରଣ ହେବ ଭୁବନେଶ୍ୱର ସମେତ ୧୧ ବିମାନ ବନ୍ଦର

**ଭୁବନେଶ୍ୱର,୨୭।୬(ମହାଭାରତ):** ଦେଶର ୧୧ଟି ବିମାନ ବନ୍ଦରକୁ ଘରୋଇକରଣ କରାଯିବ। ସେଥିମଧ୍ୟରେ ରହିଛି ଭୁବନେଶ୍ୱର, ଇନ୍ଦୋର, ରାୟପୁର, ତ୍ରିଚି, ଅମୃତସର, କାଲିକଟ, କୋଏମ୍ବାଟୁର, ନାଗପୁର, ପାଟନା, ମଦୁରାଇ, ସୁରଟ, ରାଞ୍ଚି, ଯୋଧପୁର, ଚେନ୍ନାଇ, ବିଜୟୱାଡା, ଭଦୋଦରା, ଭୋପାଳ, ତିରୁପତି, ହବଲି, ଇମ୍ଫାଲ, ରାଜତାଲ, ଉଦୟପୁର ଭଳି ବିମାନ ବନ୍ଦର। ଏହି ସବୁ ବିମାନମନ୍ଦରକୁ ୨୦୨୨ରୁ ୨୦୨୫ ମଧରେ ଲିଜ୍ ସୂତ୍ରରେ ଘରୋଇ କମ୍ପାନୀକୁ ଦିଆଯିବ। ଏହା ଦ୍ୱାରା ଏହି ବିମାନ ବନ୍ଦରର ଉନ୍ନତି ଓ ପରିସୀମାକୁ ବୃଦ୍ଧି କରାଯିବ। ତେବେ ଯେଉଁ ବିମାନ ବନ୍ଦର ଗୁଡିକ କ୍ଷତିରେ ଚାଲୁଛି ସେଗୁଡିକୁ ଘରୋଇ କମ୍ପାନୀକୁ ଦିଆଯିବ। ବିମାନ ବନ୍ଦର ଗୁଡିକର ତାଲିକା ପ୍ରସ୍ତୁତ କରାଯିବ ଯେଉଁ ବିମାନ ବନ୍ଦର ଗୁଡିକ ଲାଭ ଓ କ୍ଷତି ସହୁଥିବ ତାର ବିଡିଂ କରାଯିବ। ଏହାପରେ କଣ ରହିବ ପ୍ରକ୍ରିୟା ତାର ନିଷ୍ପତ୍ତି କେନ୍ଦ୍ର କ୍ୟାବିନେଟ୍ ନେବ।

## ଅକ୍ଷୟଶକ୍ତି ପ୍ରକଳ୍ପକୁ ସିଙ୍ଗଲ୍ ୱିଣ୍ଡୋର ଅନୁମୋଦନ

**ଭୁବନେଶ୍ୱର,୨୭।୬(ମହାଭାରତ):** ରାଜ୍ୟ ଶକ୍ତି ବିଭାଗ ପ୍ରମୁଖ ଶାସନ ସଚିବ ବିଶାଳ କୁମାର ଦେବ୍ ଙ୍କ ଅଧକ୍ଷତାରେ ଅନୁଷ୍ଠିତ ଷଷ୍ଠ ସିଙ୍ଗଲ୍ ୱିଣ୍ଡୋ କମିଟି(ଏସ୍.ଡ଼ବ୍ଲ୍ୟୁ.ସି)ର ବୈଠକରେ ମୋଟ ୧୦୨.୨୨ ମେଗାୱାଟ୍ ଅକ୍ଷୟଶକ୍ତି ଉତ୍ପାଦନ ପାଇଁ ଆସିଥିବା ୯୦୩.୪୧ କୋଟି ଟଙ୍କାର ପୁଞ୍ଜିନିବେଶ ପ୍ରସ୍ତାବ ଅନୁମୋଦିତ ହୋଇଛି।

ଏହି ଷଷ୍ଠ ସିଙ୍ଗଲ୍ ୱିଣ୍ଡୋ କମିଟି ଅନୁମୋଦିତ ପ୍ରକଳ୍ପ ଗୁଡିକ ମଧରେ ରହିଛି ଏଚପିସିଏଲ୍ ରିନୁଏବଲ୍ ଆଣ୍ଡ୍ ଗ୍ରୀନ ଏନର୍ଜୀ ଲିମିଟେଡ ପକ୍ଷରୁ ନବରଙ୍ଗପୁର ଜିଲ୍ଲାର ଉମରକୋଟ ଠାରେ ସ୍ଥାପିତ ହେବାକୁ ଥିବା ୪୮ ମେଗାୱାଟ କ୍ଷମତା ସଂପନ୍ନ ପବନଶକ୍ତି ପ୍ରକଳ୍ପ ଓ ଓଏନଜିସି ତ୍ରିପୁରା ପାୱାର୍ କମ୍ପାନୀ ଲିମିଟେଡ୍ ପକ୍ଷରୁ ପୁରୀ ଜିଲ୍ଲା ଅସ୍ତରଙ୍ଗ ଠାରେ ସ୍ଥାପିତ ହେବାକୁ ଥିବା ୪୯.୫ ମେଗାୱାଟ କ୍ଷମତା ସଂପନ୍ନ ପବନଶକ୍ତି ପ୍ରକଳ୍ପ। ଏହି ଦୁଇଟି ପ୍ରକଳ୍ପ ନିମନ୍ତେ ମୋଟ ୮୮୧.୨୮ କୋଟି ଟଙ୍କାର ପୁଞ୍ଜିନିବେଶ ହେବ।

ସେହିପରି ସୌରଶକ୍ତି କ୍ଷେତ୍ରରେ ଭିଶାଖା ଇଣ୍ଡଷ୍ଟ୍ରିଜ୍ ଲିମିଟେଡ ପକ୍ଷରୁ ସମ୍ବଲପୁରର ମାନେଶ୍ୱର ଠାରେ ୦.୭୨ ମେଗାୱାଟ୍ କ୍ଷମତା ସଂପନ୍ନ ସୌର ପ୍ରକଳ୍ପ, ଆଇ.ଟି.ସି ଲିମିଟେଡ୍ ଦ୍ୱାରା ଖୋର୍ଦ୍ଧା ଜିଲ୍ଲା ଜଟଣୀ ଠାରେ ୦.୮ ମେଗାୱାଟ୍ କ୍ଷମତା ସଂପନ୍ନ ସୌର ପ୍ରକଳ୍ପ, ଆମ୍ପ୍ ଏନର୍ଜୀ ପକ୍ଷରୁ ସୁନ୍ଦରଗଡ଼ ଜିଲ୍ଲା କାଂଶବାହାଲ ଠାରେ ୨.୨ ମେଗାୱାଟ୍ କ୍ଷମତା ସଂପନ୍ନ ସୌର ପ୍ରକଳ୍ପ, ଏବଂ ଓଡ଼ିଶା ଟେଲିଭିଜନ ଲିମିଟେଡପକ୍ଷରୁ ଖୋର୍ଦ୍ଧା ଜିଲ୍ଲା ସାରୁଅ ଠାରେ ୧ ମେଗାୱାଟ୍ କ୍ଷମତା ସଂପନ୍ନ ସୌର ପ୍ରକଳ୍ପ ସ୍ଥାପିତ କରିବା ନିମନ୍ତେ ହୋଇଥିବା ପୁଞ୍ଜିନିବେଶ ଲାଗି ଆଜି କମିଟି ଅନୁମୋଦନ କରିଛି। ଏହି ସୌରଶକ୍ତି ପ୍ରକଳ୍ପ ଗୁଡ଼ିକ ନିମନ୍ତେ ମୋଟ ୨୨.୧୩ କୋଟି ଟଙ୍କାର ପୁଞ୍ଜିନିବେଶ ହେବ।

ଉଲ୍ଲେଖଯୋଗ୍ୟ ଯେ, ରାଜ୍ୟ ଶକ୍ତି ବିଭାଗର ସିଙ୍ଗଲ୍ ୱିଣ୍ଡୋ କମିଟି(ଏସ୍.ଡ଼ବ୍ଲ୍ୟୁ.ସି)"ଓଡ଼ିଶା ଅକ୍ଷୟଶକ୍ତି ନୀତି-୨୦୨୨" ଅନୁଯାୟୀ, ଆଜି ସୁଦ୍ଧା ୪୯୯.୪୮ ମେଗାୱାଟ୍ ଅକ୍ଷୟଶକ୍ତି ଉତ୍ପାଦନ ପାଇଁ ମୋଟ ୩୭୨୩.୫୭ କୋଟି ଟଙ୍କା ବିନିଯୋଗ ପ୍ରସ୍ତାବକୁ ଅନୁମୋଦନ କରିଛି।

## 'ଅଭ୍ୟାସ'ର ସଫଳ ପରୀକ୍ଷଣ

**ବାଲେଶ୍ୱର,୨୭।୬(ମହାଭାରତ):** ଚାନ୍ଦିପୁର ଆଇଟିଆର୍ ପରିସରରୁ ଆଜି ଦ୍ରୁତଗାମୀ କ୍ଷେପଣାସ୍ତ୍ର ଅଭ୍ୟାସର ସଫଳ ପରୀକ୍ଷଣ କରାଯାଇଛି। ଏକ ଚାଳକବିହୀନ ପ୍ରତିରୂପ କ୍ଷେପଣାସ୍ତ୍ର ପ୍ରଥମେ ଆକାଶ ମାର୍ଗକୁ ନିକ୍ଷେପ କରାଯିବା ପରେ ତାକୁ ଲକ୍ଷ୍ୟଭେଦ କରିଥିଲା। ଏହି କ୍ଷେପଣାସ୍ତ୍ର ଆଜିର ପରୀକ୍ଷା ଥିଲା ଅଭ୍ୟାସର ଦଶମ ପରୀକ୍ଷଣ ପ୍ରତିରକ୍ଷା ଗବେଷଣା ବିକାଶ ସଂସ୍ଥା (ଡିଆରଡିଓ) ପକ୍ଷରୁ ସ୍ୱଦେଶୀ ଜ୍ଞାନ କୌଶଳରେ ବିକଶିତ ହୋଇଥିବା ଅଭ୍ୟାସ ଏକ ଲକ୍ଷ୍ୟଭେଦୀ କ୍ଷେପଣାସ୍ତ୍ର ଯାହା ରାଡାର ଓ ଇଲେକ୍ଟ୍ରୋ ଅପ୍‌ଟିକ ସିଷ୍ଟମ୍ ଭଳି ସ୍ୱୟଂଚାଳିତ ବ୍ୟବସ୍ଥା ଦ୍ୱାରା ପରିଚାଳିତ ଏଥିରେ ଗ୍ୟାସ୍ ଟର୍ବାଇନ୍ ଇଞ୍ଜିନ, ଏମ୍‌ଇଏମ୍‌ଏସ୍ ନାଭିଗେସନ୍ ସିଷ୍ଟମ୍ ପ୍ରଭୃତି ଅତ୍ୟାଧୁନିକ ପ୍ରଯୁକ୍ତି ବ୍ୟବସ୍ଥା ରହିଛି।

ବେଙ୍ଗାଲୁରୁସ୍ଥିତ ଡିଆରଡିଓର ଏରୋନଟିକାଲ୍ ଡେଭେଲପ୍‌ମେଣ୍ଟ ଏଷ୍ଟାବ୍ଲିସ୍‌ମେଣ୍ଟ ଦ୍ୱାରା ଏହାର ଡିଜାଇନ୍ କରାଯାଇଥିବା ବେଳେ ହିନ୍ଦୁସ୍ତାନ ଏରୋନଟିକ୍ସ ଲିମିଟେଡ୍ (ଏଚ୍‌ଏଏଲ) ଓ ଲାରସେନ୍ ଏବଂ ଟର୍‌ବୋ ଏହାକୁ ପ୍ରସ୍ତୁତ କରିଛନ୍ତି। ଅଭ୍ୟାସର ସଫଳ ପରୀକ୍ଷଣ ପାଇଁ ପ୍ରତିରକ୍ଷା ମନ୍ତ୍ରୀ ରାଜନାଥ ସିଂହ, ପ୍ରତିରକ୍ଷା ସଚିବ ତଥା ଡିଆରଡିଓର ଚେୟାରମେନ୍ ଡ.ସମୀର.ଭି.କାମାତ୍ ଡିଆର୍‌ଡିଓର ସମସ୍ତ ବୈଜ୍ଞାନିକମାନଙ୍କୁ ଅଭିନନ୍ଦନ ଜଣାଇଛନ୍ତି।

## ନନ୍ଦନକାନନରେ ବାଘୁଣୀ 'ସାରା' ମୃତ

**ଭୁବନେଶ୍ୱର,୨୭।୬(ମହାଭାରତ):** ପ୍ରିୟ ବାଘୁଣୀ 'ସାରା' ଆଜି ଭୋରରୁ ଆଖି ବୁଜିଛି। ସମଗ୍ର ନନ୍ଦନକାନନ ପ୍ରାଣୀ ଉଦ୍ୟାନରେ ପ୍ରିୟ ବଣୁଆ। ବାଘୁଣୀ 'ସାରା'ର ମୃତ୍ୟୁ ଏକ ଶୋକାକୁଳ ପରିବେଶ ସୃଷ୍ଟି କରିଛି ବୋଲି ନନ୍ଦନକାନନ ପ୍ରାଣୀ ଉଦ୍ୟାନର ନିର୍ଦ୍ଦେଶକ ଡ. ମନୋଜ ନାୟାର ପ୍ରକାଶ କରିଛନ୍ତି।



ନନ୍ଦନକାନନ ବାଘ ପରିବାରର ଅବିଚ୍ଛେଦ୍ୟ ଅଙ୍ଗ ଭାବେ 'ସାରା' ବାଘୁଣୀ ସୁପରିଚିତ ଥିଲା। ମଧ୍ୟପ୍ରଦେଶର ବାନ୍ଧବଗଡ଼ ବ୍ୟାଘ୍ର ଅଭୟାରଣ୍ୟରୁ ୨୦୦୬ ମସିହା ଅକ୍ଟୋବର ୧୮ ତାରିଖରେ ମାତ୍ର ୫ ବର୍ଷ ବୟସରେ ଉଦ୍ଧାର କରାଯାଇ ଭୋପାଳର ବନ ବିହାର ପ୍ରାଣୀ ଉଦ୍ୟାନରେ 'ସାରା'କୁ ଲାଳନପାଳନ କରାଯାଇଥିଲା। ପ୍ରାଣୀ ବିନିମୟ କାର୍ଯ୍ୟକ୍ରମ ମାଧ୍ୟମରେ ୨୦୦୯ ମସିହା ଏପ୍ରିଲ ୧୮ ତାରିଖରେ ଭୁବନେଶ୍ୱରସ୍ଥିତ ନନ୍ଦନକାନନ ପ୍ରାଣୀ ଉଦ୍ୟାନକୁ ଆସିଥିଲା।

ବ୍ୟାଘ୍ର ସଂରକ୍ଷଣ ଓ ପ୍ରଜନନ କାର୍ଯ୍ୟକ୍ରମରେ ବାଘୁଣୀ 'ସାରା'ର ଅବଦାନ ଥିଲା ଗୁରୁତ୍ୱପୂର୍ଣ୍ଣ। ବାଘ ''ଋଷି'' ଓ ବାଘୁଣୀ 'ସାରା'ଙ୍କ ଔରସରେ ଜାନୁଆରୀ ୧୩, ୨୦୧୨ରେ ଆଶା, ଅଙ୍କିତା ଏବଂ ଶୁଭଶ୍ରୀ ଜନ୍ମ ହୋଇଥିଲେ। ବ୍ୟାଘ୍ର ପ୍ରଜନନ ଦୃଢ଼ ହୋଇଥିଲା ଓ ନନ୍ଦନକାନନ ପ୍ରାଣୀ ଉଦ୍ୟାନରେ ବ୍ୟାଘ୍ରର ବଂଶ ବୃଦ୍ଧି କରିବାରେ 'ସାରା' ଏକ ମୁଖ୍ୟ ଭୂମିକା ନେଇଥିଲା। ପରେ ଅନ୍ୟ ଏକ ପ୍ରାଣୀ ବିନିମୟ କାର୍ଯ୍ୟକ୍ରମ ଅଧୀନରେ 'ଆଶା'କୁ ହାଇଦ୍ରାବାଦର ନେହେରୁ ପ୍ରାଣୀ ଉଦ୍ୟାନକୁ ସ୍ଥାନାନ୍ତର କରାଯାଇଥିଲା। ୨୦୨୪ ଫେବୃଆରୀ ୨୯ ତାରିଖରେ 'ସାରା'ଙ୍କୁ ଠିଆ ହୋଇ ନପାରିବା, ନିଃଶ୍ୱାସ ପ୍ରଶ୍ୱାସ ନେବାରେ କଷ୍ଟ ହେଉଥିବା ଓ ନିସ୍ତେଜ ଭାବେ ଦେଖିବାକୁ ମିଳିଥିଲା। ଆଣ୍ଟିବାୟୋଟିକ୍ ଓ ସପୋର୍ଟିଭ ଥେରାପିରେ ଚିକିତ୍ସା କରିବା ପରେ 'ସାରା' ୨୦୨୪ ମାର୍ଚ୍ଚ ୩ରେ ଠିଆ ହୋଇ ମାଂସ ଗ୍ରହଣ କରିଥିଲା। ବାର୍ଦ୍ଧକ୍ୟଜନିତ ରୋଗରେ ପୀଡ଼ିତ ଥିବା 'ସାରା' କେବଳ ଆହାର ଏବଂ ଛୋଟ ଖୁଆଡ଼ ଅଞ୍ଚଳ ମଧ୍ୟରେ ଚଳାଚଳକୁ ସୀମିତ କରିଦେଇଥିଲା। ୨୦୨୪ ମସିହା ମାର୍ଚ୍ଚ ୩୧ ତାରିଖରେ ଉଭୟ ଜାନୁରେ ଡେକ୍ୟୁବିଟାଲ ଅଲସର ହୋଇଥିଲା ଏବଂ ନିରବଚ୍ଛିନ୍ନ ଭାବେ ତା'ର ଚିକିତ୍ସା କରାଯାଉଥିଲା। ଖାଦ୍ୟ ଗ୍ରହଣ କରିବା ସତ୍ତ୍ୱେ ସେ ଧୀରେ ଧୀରେ ଦୁର୍ବଳ ହୋଇଯାଇଥିଲା। ଜୁନ୍ ୨୬, ୨୦୨୪ରେ 'ସାରା'ର ଶ୍ୱସକ୍ରିୟା ଦୁର୍ବଳ ସହିତ ପାର୍ଶ୍ୱ ପ୍ରକ୍ରିୟାରେ ଆକ୍ରାନ୍ତ ଥିବାର ଦେଖାଯାଇଥିଲା। ନନ୍ଦନକାନନ ପ୍ରାଣୀ ଉଦ୍ୟାନର ପ୍ରାଣୀ ଚିକିତ୍ସକମାନଙ୍କ ସମସ୍ତ ଉଦ୍ୟମ ସତ୍ତ୍ୱେସେ ଜୁନ୍ ୨୭ ଭୋର ୪ଟା ୪୨ ମିନିଟ୍‌ରେ ୧୮ ବର୍ଷ ଏକମାସ ବୟସରେ 'ସାରା' ବାର୍ଦ୍ଧକ୍ୟଜନିତ ରୋଗରେ ଶେଷ ନିଃଶ୍ୱାସ ତ୍ୟାଗ କରିଥିଲା। ନନ୍ଦନକାନନର ପ୍ରିୟ ବାଘୁଣୀ 'ସାରା'ର ମୃତ୍ୟୁରେ ନନ୍ଦନକାନନ ପ୍ରାଣୀ ଉଦ୍ୟାନର ସମସ୍ତ ଅଧିକାରୀ ଓ କର୍ମଚାରୀ ଦୁଃଖ ପ୍ରକାଶ କରିଛନ୍ତି।

## ନିଟ୍ ପ୍ରସଙ୍ଗରେ ସରଗରମ ହେବ ସଂସଦ

**ନୂଆଦିଲ୍ଲୀ,୨୭।୬(ଏଜେନ୍ସି):** ମେଡିକାଲି ପ୍ରବେଶିକା ପରୀକ୍ଷା ନିଟ୍‌କୁ ନେଇ ସାରା ଦେଶରେ ଛାତ୍ର ଆନ୍ଦୋଳନ ତୀବ୍ର ହେବାରେ ଲାଗିଛି। ସରକାର ଏହାକୁ ନେଇ ବ୍ୟାକଫୁଟରେ ଥିବା ବେଳେ ବିରୋଧୀ ଏହାକୁ ମୁଖ୍ୟ ପ୍ରସଙ୍ଗ କରିବାକୁ ଯାଉଛନ୍ତି। ଆସନ୍ତାକାଲି ସଂସଦରେ ବିରୋଧୀ ଏହି ପ୍ରସଙ୍ଗ ଉଠାଇବେ ବୋଲି କହିଛନ୍ତି। ଆଜି ସନ୍ଧ୍ୟାରେ ବିରୋଧୀ ଦଳର ସଦସ୍ୟମାନେ ବୈଠକ କରିଥିଲେ। ଏହି ସମୟରେ ସେମାନେ ଅନ୍ୟ କୌଣସି ପ୍ରସଙ୍ଗ ଉଠାଇବା ପୂର୍ବରୁ ସଂସଦରେ ନିଟ୍ ଅନିୟମିତତା କଥା ଉଠାଇବେ ବୋଲି ନିଷ୍ପତ୍ତି ନେଇଛନ୍ତି। ଆସନ୍ତକାଲି ରାଷ୍ଟ୍ରପତିଙ୍କ ଉଦବୋଧନ ଉପରେ ଧନ୍ୟବାଦ ପ୍ରସ୍ତାବ ଉପରେ ଆଲୋଚନା ହେବାର ଅଛି କିନ୍ତୁ ବିରୋଧୀ ନିଟ୍ ପ୍ରସଙ୍ଗ ଉଠାଇ ସରକାରଙ୍କୁ ଘେରିବାକୁ ଲକ୍ଷ୍ୟ ରଖିଛନ୍ତି। ତେବେ ବିତର୍କ ବେଳେ ବିରୋଧୀ ଉଠାଇବାକୁ ଥିବା ସମସ୍ତ ପ୍ରଶ୍ନର ଉତ୍ତର ଦେବାକୁ ସରକାର ପ୍ରସ୍ତୁତ ହୋଇ ରହିଥିବା ମଧ କହିଛନ୍ତି। ସରକାରଙ୍କ କହିବା କଥା ଯେ ନିଟ ଅନିୟମିତତା ପ୍ରସଙ୍ଗରେ ସମସ୍ତ ପ୍ରକାରର ଆବଶ୍ୟକ ପଦକ୍ଷେପ ଗ୍ରହଣ କରାଯାଇଛି। ସିବିଆଇ ତଦନ୍ତ ଠାରୁ ଆରମ୍ଭ କରି ସ୍ୱତନ୍ତ୍ର କମିଟି ବି ଗଠନ ହୋଇଛି କମିଟି। ରିପୋର୍ଟ ଖୁବଶୀଘ୍ର ଆସିବ। ଏହାବାଦ ସରକାର ପ୍ରଶ୍ନପତ୍ର ଲିକୁ ରୋକିବା ଓ ଦୋଷୀଙ୍କୁ କଠୋ ଦଣ୍ଡ ଦେବା ପାଇଁ ବ୍ୟବସ୍ଥା ହୋଇଛି ଏହାକୁ ଆଧାର କରି ସରକାର ବିରୋଧୀଙ୍କୁ କାଉଣ୍ଟର କରିବାକୁ ଲକ୍ଷ୍ୟ ରଖିଛନ୍ତି। ଆସନ୍ତାକାଲି ବିରୋଧୀ ଉଠାଇବାକୁ ଥିବା ସମସ୍ତ ପ୍ରଶ୍ନର ଉତ୍ତର କେନ୍ଦ୍ର ଶିକ୍ଷାମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ଦେବେ। ଶ୍ରୀ ପ୍ରଧାନ ସଂସଦରେ ଶପଥ ନେବା ବେଳେ ବିରୋଧୀ ନିଟ୍ ନିଟ୍ ନାରା ମଧ ଦେଇଥିଲେ।

ଆଜି ରାଷ୍ଟ୍ରପତିଙ୍କ ସମ୍ବୋଧନ ବେଳେ ମଧ ଏହି ପ୍ରସଙ୍ଗ ଉଠିଥିଲା। ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ କହିଛନ୍ତି ଯେ ସରକାର ନିରପେକ୍ଷ ତଦନ୍ତ ପାଇଁ ପ୍ରତିଶ୍ରୁତିବଦ୍ଧ।

କଂଗ୍ରେସ ନେତା ଜୟରାମ ରମେଶ କହିଛନ୍ତି, ବିରୋଧୀ ଆଟାକିଂ ମୁଡରେ ରହିବେ। ଲୋକସଭା ନିର୍ବାଚନ ଫଳାଫଳ ପ୍ରଧାନମନ୍ତ୍ରୀଙ୍କ ପାଇଁ ବ୍ୟକ୍ତିଗତ, ରାଜନୀତି ଓ ମାନସିକ ପରାଜୟ।

## ଫାଇନାଲରେ ଭାରତ

**ଗୁଏନା,୨୭।୬(ଏଜେନ୍ସି):** ଟି-୨୦ ବିଶ୍ୱକପରେ ଆଜି ଖେଳା ଯାଉଥିବା ବର୍ଷା ବାଧାପ୍ରାପ୍ତ ଦ୍ୱିତୀୟ ସେମି ଫାଇନାଲ୍ ମୁକାବିଲାରେ ଭାରତ ବିଜୟୀ ହେବା ସହ ଫାଇନାଲରେ ପ୍ରବେଶ କରିଛି। ପ୍ରଥମେ ବ୍ୟାଟିଂ କରି ଭାରତ ୭ ୱିକେଟ୍ ହରାଇ ୧୭୧ ରନର ଚ୍ୟାଲେଞ୍ଜିଂ ସ୍କୋର କରିଥିଲା। ଜବାବରେ ଇଂଲଣ୍ଡ ୧୦୩ ରନ୍ କରି ଅଲ୍‌ଆଉଟ୍ ହୋଇଯିବା ୬୮ ରନ୍‌ରେ ପରାସ୍ତ ହୋଇଛି।। ଆସନ୍ତା ଶନିବାର ଦିନ ଦ. ଆଫ୍ରିକା ସହ ଭାରତ ଟ୍ରଫି ପାଇଁ ଲଢ଼େଇ କରିବ।

ଟସ୍ ହାରି ପ୍ରଥମେ ବ୍ୟାଟିଂ କରି ଭାରତ ଅଧିନାୟକ ରୋହିତ ଶର୍ମାଙ୍କ ୫୭ ରନ, ସୂର୍ଯ୍ୟକୁମାର ଯାଦବ ୪୭ ରନର ଇନିଂସ ଖେଳିଥିଲେ। ସେହିପରି ବିରାଟ କୋହଲି (୯), ରିଷଭ ପନ୍ତ (୪), ହାର୍ଦ୍ଦିକ ପାଣ୍ଡ୍ୟା ୧୩ ବଲରୁ ୨୩ ରନ୍(୧ ଚୌକ, ୨ ଛକା), ଜାଡେଜା ୧୭ ଅପରାଜିତ, ଦୁବେ (୦), ପଟେଲ ୧୦ ରନ୍ କରିଥିଲେ। ଫଳରେ ଧିମା ପିଚରେ ମୁକାବିଲା ଜିତିବା ପାଇଁ ଇଂଲଣ୍ଡ ସମ୍ମୁଖରେ ରହିଥିଲା ୧୭୧ ରନର ବିଜୟ ଲକ୍ଷ୍ୟ। ବୋଲିଂରେ ଇଂଲଣ୍ଡ ପକ୍ଷରୁ କ୍ରିସ୍ ଜୋର୍ଡାନ ସର୍ବାଧିକ ୩ଟି ୱିକେଟ୍ ନେଇଛନ୍ତି। ଜବାବରେ ଇଂଲଣ୍ଡ ୧୦୩ରନ୍ କରି ଅଲ୍‌ଆଉଟ୍ ହୋଇଯାଇଥିଲା। ଦଳ ପକ୍ଷରୁ ବଟଲର ୨୩ ରନ୍, ବ୍ରୁକ୍ ୨୫ ରନ୍ ଓ ଆର୍ଚ୍ଚର ୨୧ ରନ୍ କରିଥିଲେ। ଅନ୍ୟମାନଙ୍କ ମଧରେ ସଲ୍‌ଟ (୫), ଅଲୀ (୮), ବେୟାରଷ୍ଟୋ (୦), କୁରାନ (୨), ଲିଭିଙ୍ଗଷ୍ଟୋନ (୧୧), ଜୋର୍ଡାନ (୧) ରନ୍ କରିଥିଲେ। ଭାରତ ପକ୍ଷରୁ କୁଲଦୀପ ଯାଦବ ଓ ଅକ୍ଷର ପଟେଲ ୩ ଲେଖାଏଁ ୱିକେଟ ନେଇଥିବାବେଳେ ବୁମରା ୨ ୱିକେଟ ନେଇଥିଲେ।



# ପନୀର ଭୁଜିଆ

ପନୀରକୁ ଶାକାହାରୀ ଭୋଜନରେ ବହୁତ ପସନ୍ଦ କରାଯାଏ । କାରଣ ଯେତେବେଳେ ବି କୌଣସି ସ୍ପେଶାଲ ଡ଼ିସ ପ୍ରସ୍ତୁତ କରାଯାଏ ସେତେବେଳେ ଆଗ ପନୀରକୁ ରଖାଯାଏ । ଏମିତିରେ ଆଜି ଆମେ ଆପଣଙ୍କ ପାଇଁ ଝଟପଟ ପସ୍ତୁତ ହେଉଥିବା ମସାଲାଦାର ପନୀର ଭୁଜିଆ ନେଇ ଆସିଛୁ । ତେବେ ଆସନ୍ତୁ ଜାଣିବା ଏହା ବନାଇବାର ପ୍ରସ୍ତୁତି ।

ଆବଶ୍ୟକ ସାମଗ୍ରୀ

ପନୀର-୧୦୦ଗ୍ରାମ,ଟମାଟୋ-୨ଟା,ପିଆଜ-୧ (ଛୋଟ କଟା ହୋଇଥିବା),କଞ୍ଚା ଲଙ୍କା-୨,ଅଦା-ଅଳ୍ପ ପେଶା ହୋଇଥିବା,ରସୁଣ-୨କୋଳା,ସୁଖିଲା ମସଲା,ଜିରା -୧/୪ ଚାମଚ,ହଳଦି-ଚିମୁଟାଏ,ଗରମ ମସଲା-୧/୨ ଚାମଚ,ତେଲ-ଆବଶ୍ୟକ ଅନୁଯାୟୀ,ଲୁଣ-ସ୍ୱାଦାନୁସାରେ

ପ୍ରସ୍ତୁତି ପ୍ରଣାଳୀ:

ସର୍ବ ପ୍ରଥମେ ପନୀରକୁ କଦୁକସ କରିଦିଅନ୍ତୁ । ତାପରେ ତେଲ କିମ୍ବା ଘିଅ ଗରମ କରନ୍ତୁ । ଏହା ପରେ ଜିରା, ପିଆଜ,କଞ୍ଚା ଲଙ୍କା,ଅଦା ଏବଂ ରସୁଣ ପକାନ୍ତୁ । ଏହା ସୁନେଲୀ ରଙ୍ଗ ହେବା ଯାଏଁ ଭାଜନ୍ତୁ । ଏହା ପରେ ଟମାଟୋ ପକାଇ ପାଣି ମାରି ଦିଅନ୍ତୁ । ତାପରେ ସୁଖିଲା ମସଲା ପକାଇ ଭାଜନ୍ତୁ ।ଏହା ପରେ ମସଲାରେ ପନୀର ପକାଇ ଭାଜନ୍ତୁ । ଅଳ୍ପ ଭାଜି ହେବା ପରେ ପ୍ରସ୍ତୁତ ହୋଇଗଲା ଆପଣଙ୍କର ପନୀର ଭୁଜିଆ ।



ଖବର

# ରିଲିଜ୍ ପରେ କମାଲ କଲା 'କଳ୍କି ୨୯୮୯ ଏଡି



ପ୍ରଶଂସକମାନେ ଉତ୍ସାହର ସହିତ ପ୍ରଭାସଙ୍କ ଫିଲ୍ମ 'କଳ୍କି ୨୯୮୯ ଏଡି'କୁ ଅପେକ୍ଷା କରି ରହିଥିଲେ। ଏହି ଚଳଚ୍ଚିତ୍ରଟି ଆଜି ପ୍ରେକ୍ଷାଳୟରେ ମୁକ୍ତିଲାଭ କରିବା ପରେ ସମସ୍ତଙ୍କ ଅପେକ୍ଷାର ଅନ୍ତ ଘଟିଛି। ରିଲିଜ୍ ପରେ ପରେ ଫିଲ୍ମକୁ ନେଇ ଲୋକେ ପ୍ରତିକ୍ରିୟା ରଖିବା ଆରମ୍ଭ କରିସାରିଲେଣି। ଟ୍ରେଲର ରିଲିଜ୍ ପରେ ଫିଲ୍ମର ଯେତିକି ପ୍ରଶଂସା କରାଯାଉଥିଲା, ରିଲିଜ୍ ପରେ ଏହାକୁ ଅଧିକ ପସନ୍ଦ କରୁଛନ୍ତି ଦର୍ଶକ । ଫିଲ୍ମଟି ୨୦୨୪ର ସବୁଠୁ ବଡ଼ ବ୍ଲକବଷ୍ଟର ହେବ ବୋଲି କୁହାଯାଉଛି ।ଚଳଚ୍ଚିତ୍ରକୁ ନେଇ ଲୋକଙ୍କ ମଧ୍ୟରେ କ୍ରେଜ୍ ବଜାୟ ରଖିବା ପାଇଁ ନିର୍ମାତାମାନେ ପ୍ରତିଦିନ କିଛି ନା କିଛି ଅପଡେଟ୍ ସେୟାର୍ କରୁଥିଲେ, ଯେଉଁଥିପାଇଁ ଫିଲ୍ମକୁ ନେଇ ଦର୍ଶକଙ୍କ ଉତ୍ସାହ ବିଥିଲା । ଏବେ ଏହାର ଫଳାଫଳ ନିର୍ମାତାଙ୍କୁ ମିଳିଛି। କୁହାଯାଉଛି ଯେ, ଫିଲ୍ମଟି ପ୍ରଥମ ଦିନରେ ୨୦୦କୋଟି ଆୟ କରିବ। ସୂଚନା ମୁତାବକ, ପ୍ରଥମ ଦିନ ପାଇଁ ଫିଲ୍ମର ୧୯ଲକ୍ଷ ଟିକେଟ ବିକ୍ରି ହୋଇଥିବାରୁ ଫିଲ୍ମର ଆୟ ସହଜରେ ୨୦୦କୋଟି ପାର୍ କରିଯିବ ବୋଲି ଫିଲ୍ମ ସମୀକ୍ଷକମାନେ ମତ ରଖିଛନ୍ତି ।ସବୁଠାରୁ ବଡ଼ କଥା ହେଲା ଏହି ଫିଲ୍ମରେ ବିଜୟ ଦେବରକୋଣ୍ଡା, ଦଲକୀର ସଲମାନ ଓ ମୃଣାଲ ଠାକୁରଙ୍କ ଭଳି କଳାକାର କାମିଓ କରିଛନ୍ତି। ଏହା ବ୍ୟତୀତ ଫିଲ୍ମରେ ମୁଖ୍ୟ ଭୂମିକାରେ ପ୍ରଭାସ, ଅମିତାଭ ବଚ୍ଚନ, ଦୀପିକା ପାଦୁକୋନ, ଦିଶା ପଟାନୀ, କମଲ ହାସନଙ୍କ ଭଳି କଳାକାର କାମ କରିଛନ୍ତି ।

## ଭାଗ୍ୟ ଚମକାଇବ ଦୁବ ଘାସ

ଅନେକ ସମୟରେ ଆର୍ଥିକ ସମସ୍ୟା ଲାଗି ରହୁଥିବା ଦେଖାଯାଏ। ଏହି କାରଣରୁ ଘରେ କଳହ ପରିସ୍ଥିତି ମଧ୍ୟ ସୃଷ୍ଟି ହୋଇଥାଏ। ତେବେ ଏକ ସରଳ ବାସ୍ତୁ ଉପାୟ ଆପଣାଇବା ଦ୍ୱାରା ଆର୍ଥିକ ସମସ୍ୟା ଦୂର ହୋଇଥାଏ। ଜାଣନ୍ତୁ..

ଦୁବ ଘାସ ଭାଗ୍ୟରେ ପରିବର୍ତ୍ତନ ଆଣିଥାଏ। ଘରର ଦକ୍ଷିଣ-ପୂର୍ବ କୋଣରେ ଦୁବ ଘାସ ଲଗାଇବା ଦ୍ୱାରା ଘରେ ସକରାତ୍ମକ ଶକ୍ତି ପ୍ରବେଶ କରିଥାଏ।ଦୁବ ଘାସର ସଠିକ ଭାବେ ଯତ୍ନ ନିଅନ୍ତୁ। ଏହା ସବୁଜ ଶ୍ୟାମଳା ହୋଇ ରହିଲେ ଘରେ ସୁଖଶାନ୍ତିରେ ବୃଦ୍ଧି ଓ ଉନ୍ନତି ହୋଇଥାଏ। ପରିବାର ସଦସ୍ୟଙ୍କ ମଧ୍ୟରେ ଉତ୍ତମ ସମ୍ପର୍କ ସହ କାର୍ଯ୍ୟରେ ସଫଳତା ପ୍ରାପ୍ତି ହୋଇଥାଏ। ଘରେ ଆର୍ଥିକ ସ୍ଥିତିରେ ଉନ୍ନତି ପାଇଁ ଦୁବ ଘାସକୁ ଘରର ଐଶାନ୍ୟ କୋଣରେ ଲଗାନ୍ତୁ।

ଏହାସହ ମନ୍ଦିର ନିକଟରେ ମଧ୍ୟ ଦୁବ ଘାସ ଲଗାଇପାରିବେ। ଏହାଦ୍ୱାରା ଆମଦାନୀରେ ବୃଦ୍ଧି,କର୍ମକ୍ଷେତ୍ରରେ ସଫଳତା ଓ ଉନ୍ନତି ହୋଇଥାଏ



# ଖାଆନ୍ତୁ କଦଳୀ ଚୋପା

ପ୍ରତ୍ୟେକ ବୟସରେ କଦଳୀ ଖାଇବା ସ୍ୱାସ୍ଥ୍ୟ ପାଇଁ ଖୁବ ଉପକାରୀ। ଏହା ଖୁବ ସ୍ୱାଦିଷ୍ଟ ମଧ୍ୟ ପୋଷକ ତ□ରେ ଭରପୁର କଦଳୀ, ସ୍ୱାସ୍ଥ୍ୟ ପାଇଁ ଖୁବ ଲାଭଦାୟକ ବୋଲି କୁହାଯାଏ। କଦଳୀର ଉପକାରୀ ଗୁଣ ବିଷୟରେ ସମସ୍ତଙ୍କୁ ଜଣା। ମାତ୍ର ଏହାର ଚୋପାର ଉପକାରୀ ଗୁଣ ବିଷୟରେ ଜାଣିଛନ୍ତି କି? ଅଧିକାଂଶ ଲୋକେ ସାଧାରଣତଃ କଦଳୀ ଖାଇବା ପରେ ଏହାର ଚୋପାକୁ ଫିଙ୍ଗି ଦେଇଥାଆନ୍ତି। ମାତ୍ର ଏହାର ଚୋପା ଆଶ୍ଚର୍ଯ୍ୟଜନକ ଲାଭ ଦେଇଥାଏ। କଦଳୀ ଓ ଏହାର ଚୋପା ଉଭୟ ସ୍ୱାସ୍ଥ୍ୟ ପାଇଁ



ଭିନ୍ନ ଭିନ୍ନ ଉପକାର କରିଥାଏ। ସବୁଜ କଦଳୀ ପାଚନ ଜନିତ ସମସ୍ୟା ଦୂର କରିବା ପାଇଁ ଅଧିକ ପ୍ରଭାବଶାଳୀ। ଏହାସହ ପାଚିଲା କଦଳୀ ଶରୀରକୁ ଅନେକ ସଂକ୍ରମଣରୁ ରକ୍ଷା କରିଥାଏ। କଦଳୀ ଚୋପାରୁ ସ୍ୱାସ୍ଥ୍ୟକର ଜଳଖିଆ ଓ ମିଠା ମଧ୍ୟ ପ୍ରସ୍ତୁତ କରି ହେବ। କଦଳୀର ଭିତର ଅଂଶ ନରମ ଓ ମିଠା ହୋଇଥାଏ। ମାତ୍ର କଦଳୀ ଚୋପାକୁ ସେବନ କରିବା ପୂର୍ବରୁ ଏହାକୁ ଭଲ ଭାବେ ଧୋଇବା ଆବଶ୍ୟକ।କଦଳୀ ଚୋପାରେ କ୍ୟାଲୋରୀ, କାର୍ବୋହାଇଡ୍ରେଟ, ଶର୍କରା, ଫାଇବର, ପୋଟାସିୟମ, ପ୍ରୋଟିନ, ଭିଟାମିନ ଏ, କ୍ୟାଲସିୟମ ଓ ଆଇରନ ସମେତ ଅନେକ ପୋଷକ ତ□ ରହିଛି। ଏହାର ସେବନ କରିବା ଦ୍ୱାରା ଶରୀରକୁ ଆବଶ୍ୟକ ପରିମାଣରେ ପୋଷକ ତ□ ମିଳିଥାଏ। ଏହା ଶରୀରକୁ ମଜଭୂତ କରିଥାଏ।ଯ କଦଳୀ ଚୋପାରେ ଥିବା ଏକ ପ୍ରକାର ପୋଷକ ତ□ ମାନସିକ ସୁସ୍ଥତା ବଜାୟ ରଖେ। ମାନସିକ ଦୁଶ୍ଚିନ୍ତା ଦୂର କରିଥାଏ। ଶାନ୍ତି ଅନୁଭବ ହୋଇଥାଏ। ଚୋପାରେ ଥିବା ଭିଟାମିନ ବି୬ ଉତ୍ତମ ନିଦରେ ମଧ୍ୟ ସହାୟକ ହୋଇଥାଏ। ମସ୍ତିଷ୍କ ମଧ୍ୟ ସୁସ୍ଥ ରହିଥାଏଯକଦଳୀ ଚୋପାରେ ଫାଇବର ପ୍ରଚୁର ମାତ୍ରାରେ ରହିଛି। ପେଟ ଖରାପ ସମୟରେ ଓ କୋଷ୍ଠକାଠିନ୍ୟ ସମସ୍ୟା ଥିଲେ କଦଳୀ ଚୋପା ଖାଇବା ଖୁବ୍ ଉପକାରୀ। ଚକ୍ଷୁକୁ ସୁସ୍ଥ ରଖିବା ପାଇଁ କଦଳୀ ଚୋପାର ସେବନ କରିବା ଉଚିତଯ ଏଥିରେ ଥିବା ଭିଟାମିନ ଏ ଆଖିକୁ ସୁସ୍ଥ, ଦୃଷ୍ଟି ଶକ୍ତି ବୃଦ୍ଧି କରିବାରେ ବେଶ ସହାୟକ ହୋଇଥାଏ। ଏହି ଭିଟାମିନ କଦଳୀ ଓ ଏହାର ଚୋପା ଉଭୟରେ ପ୍ରଚୁର ମାତ୍ରାରେ ରହିଛିଯକଦଳୀ ଚୋପାରେ ଆଣ୍ଟି-ଅକ୍ସିଡାଣ୍ଟ ମଧ୍ୟ ରହିଛି। କଦଳୀ ଚୋପାର ସେବନ କରିବା ଦ୍ୱାରା ଆଣ୍ଟି-ଅକ୍ସିଡାଣ୍ଟ ସ୍ତର ବୃଦ୍ଧି ହୋଇଥାଏ। ଏହାସହ କର୍କଟ ରୋଗରୁ ମଧ୍ୟ ଶରୀରକୁ ରକ୍ଷା କରିଥାଏ।

# ମଙ୍ଗଳସୂତ୍ରର ମହତ୍ତ୍ୱ



ମଙ୍ଗଳସୂତ୍ର ଧାରଣ କରିବା ଏକ ପରମ୍ପରା ଭାବେ ବହୁ ପୁରାତନ ସମୟରୁ ପାଳନ ହୋଇଆସୁଛି । ମଙ୍ଗଳସୂତ୍ରକୁ ବିବାହର ଓ ସ୍ୱାମୀଙ୍କର ଏକ ପ୍ରତୀକ ବୋଲି କୁହାଯାଏ । ବିବାହ ପରେ ସଧବା ନାରୀମାନେ ମଙ୍ଗଳସୂତ୍ରକୁ ଶ୍ରଦ୍ଧାପୂର୍ବକ ଧାରଣ କରି ଥାଆନ୍ତି । ଏହା ଷୋହଳ ଶୃଙ୍ଗାର ମଧ୍ୟରୁ ଗୋଟିଏ ଅଟେ । ମାତ୍ର ଏହା କେବଳ ଏକ ଗହଣା ନୁହେଁ, ଏଥିରେ ବହୁ ଚମତ୍କାରୀ ଓ ଲାଭଦାୟକ ଗୁଣ ମଧ୍ୟ ରହିଛି ।

ମଙ୍ଗଳସୂତ୍ର ଧାରଣ କରିବାର ବୈଜ୍ଞାନିକ ମହତ୍ତ୍ୱ-

ବୈଜ୍ଞାନିକ ଦୃଷ୍ଟିକୋଣରୁ କୁହାଯାଏ ଯେ, ମଙ୍ଗଳସୂତ୍ର ସୁନା ଅଥବା ଚାନ୍ଦି ଓ କଳା ମୋତିରେ ନିର୍ମିତ ହୋଇଥାଏ । ଦୁଇଟି ଧାତୁ ଚାନ୍ଦି ଓ ସୁନା ମହିଳାଙ୍କ ହୃଦୟକୁ ସୁସ୍ଥ ରଖିଥାଏ । ଏହି ଧାତୁ କାରଣରୁ ନାରୀମାନଙ୍କ ରକ୍ତଚାପ ସଠିକ ରହିଥାଏ । ମଙ୍ଗଳସୂତ୍ରରେ ଥିବା ସୁନା ଶକ୍ତି ଓ ତେଜର ପ୍ରତୀକ । ତେଣୁ ସୁନା ଧାରଣ କରିବା ଦ୍ୱାରା ମହିଳାଙ୍କୁ ଶକ୍ତି ମିଳିଥାଏ । ମଙ୍ଗଳସୂତ୍ରରେ ଥିବା କଳା ମୋତି ବାୟୁଜନିତ ରୋଗରୁ ରକ୍ଷା କରିବା ପାଇଁ ଶକ୍ତି ପ୍ରଦାନ କରିଥାଏ । ମଙ୍ଗଳସୂତ୍ର ଧାରଣ କରିବା ଦ୍ୱାରା ମହିଳାଙ୍କ ଶରୀରରେ ସକରାତ୍ମକ ଶକ୍ତି ରହିବା ସହ ସେ ନିଜକୁ ଶକ୍ତିଶାଳୀ ଅନୁଭବ କରିଥାଆନ୍ତି ।


ମଙ୍ଗଳସୂତ୍ରର ଧାର୍ମିକ ମହତ୍ତ୍ୱ ଓ ଏହା ସହ ଜଡ଼ିତ ମାନ୍ୟତା-

ହିନ୍ଦୁ ଧର୍ମର ପରମ୍ପରା ଅନୁଯାୟୀ ବିବାହ ପରେ ମହିଳାମାନେ ବିଭିନ୍ନ ଶୃଙ୍ଗାର ଦ୍ରବ୍ୟ ବ୍ୟବହାର କରିଥାଆନ୍ତି । ଏହାସହ ବହୁ ଗହଣା ପିନ୍ଧିବାର ମଧ୍ୟ ଆବଶ୍ୟକତା ଥାଏ । ମଙ୍ଗଳସୂତ୍ର ମଧ୍ୟ ସେହି ଗହଣା ମଧ୍ୟରୁ ଗୋଟିଏ । ମଙ୍ଗଳସୂତ୍ର କଳା ମୋତି ଓ ସୁନାର ଲକେଟକୁ ନେଇ ତିଆରି କରାଯାଏ । ଏହା ଅଖଣ୍ଡ ସୌଭାଗ୍ୟର ପ୍ରତୀକ କାରଣ ନାରୀଟି ନିଜ ସ୍ୱାମୀଙ୍କ ଦ୍ୱାରା ହିଁ ବିବାହ ସମୟରେ ମଙ୍ଗଳସୂତ୍ର ପିନ୍ଧିଥାଏ । ମଙ୍ଗଳସୂତ୍ରରେ ଥିବା କଳା ମୋତି ନାରୀମାନଙ୍କୁ ନକରାତ୍ମକ ଦୃଷ୍ଟିରୁ ରକ୍ଷା କରିଥାଏ ।



## ବାଉଁଶ ଜଳାଯାଏନି, ଜାଣନ୍ତୁ ଏହା ପଛରେ ଥିବା ଧାର୍ମିକ ଓ ବୈଜ୍ଞାନିକ କାରଣ

କୌଣସି ଧାର୍ମିକ ବିଧିବିଧାନ ହେଉ ଅଥବା ସଂସ୍କାରରେ ବାଉଁଶ କେଉଁଠାରେ ବି ଜଳାଇବା କାର୍ଯ୍ୟରେ ଆସେନ। ଯଦିଓ ମଣିଷର ମୃତ୍ୟୁରେ ତାକୁ ବାଉଁଶ କୋକେଇରେ ନେବାର ବିଧି ରହିଛି ହେଲେ ହିନ୍ଦୁ ଧର୍ମରେ ଦାହ କାର୍ଯ୍ୟରେ




କାଠ ବ୍ୟତୀତ ବାଉଁଶର ଉପଯୋଗ ସମ୍ପୂର୍ଣ୍ଣ ବର୍ଜିତ। ହଜାର ହଜାର ବର୍ଷର ଭାରତୀୟ ଧାର୍ମିକ ସଂସ୍କୃତିରେ ଥିବା ବିଧିବିଧାନରେ ବାଉଁଶକୁ ବର୍ଜିତ ରଖା ଯାଇଛି। ତେବେ କେବଳ ଧାର୍ମିକ କାର୍ଯ୍ୟ ଲାଗି ନା ଏହା ପଛରେ ଅନ୍ୟ ବୈଜ୍ଞାନିକ କାରଣ ରହିଛି ସେ ସମ୍ପର୍କରେ ଆସନ୍ତୁ ଜାଣିବାଯ।

ବାଉଁଶକୁ ଭାରତୀୟ ଧର୍ମ ଶାସ୍ତ୍ରରେ ଜଳେଇବା ନିଷିଧ। ହୋମ ହେଉ କି ଯଜ୍ଞ ଏଥିରେ ବିଭିନ୍ନ କାଠର ଉପଯୋଗ ହୁଏ ହେଲେ ସୁଖିଲା ଥିଲେ ବି ବାଉଁଶକୁ ଏ ସବୁ ଧାର୍ମିକ କାର୍ଯ୍ୟରେ ବ୍ୟବହାର କରାଯାଏନି। ସେହିପରି ମଣିଷର ମୃତ୍ୟୁରେ ବାଉଁଶକୁ କୋକେଇ କରି ବୋହିନେବାର ବିଧି ରହିଛି। କିନ୍ତୁ ଶ୍ମଶାନରେ କାଠ ବ୍ୟତୀତ ଶବ ପୋଡିବାରେ ବାଉଁଶକୁ କେବେବି ବ୍ୟବହାର କରନ୍ତିନି। ହିନ୍ଦୁ ଧାର୍ମିକ ନିୟମରେ ବାଉଁଶ ଜଳାଇଲେ ଲୋକଙ୍କୁ ପିତୃ ଦୋଷ ଲାଗିଥାଏ ବୋଲି ମାନ୍ୟତା ରହିଛ। ଏଣୁ ଲୋକେ ଦୋଷ ଲାଗିବା ଭୟରେ ବାଉଁଶ ଜଳାନ୍ତିନି। ତେବେ ଏହାର ବୈଜ୍ଞାନିକ କାରଣ ବି ରହିଛି। ତାହା ହେଉଛି ବାଉଁଶରେ ଉପସ୍ଥିତ ଥିବା ଲିଡଯ ବାଉଁଶ ଜଳିଲେ ସେଥିରୁ ଲିଡ ଅକ୍ସାଇଡ ନିର୍ଗତ ହୁଏଯ ଯାହା ନ୍ୟୁରୋଟିକ୍ସିକ ବୋଲି ବିଜ୍ଞାନ କୁହେ। ତେବେ ଧୂପ କାଠିରେ ବାଉଁଶ ବ୍ୟବହାର ହେଉଛି। ଏଣୁ ଭାରତୀୟ ଧାର୍ମିକ ବିଧିରେ କେଉଁଠାରେ ହେଲେ ପୂଜାରେ ଅଗରବତୀ ଉପଯୋଗର ନିୟମ ନାହିଁ। ଅଗରବତୀ ଜଳିଲେ ଏଥିରୁ ସୁଗନ୍ଧ ବିଚ୍ଛୁରିତ ହୁଏଯ ହେଲେ ଏହା ସହ ଜଳୁଥିବା ବାଉଁଶ କାଠି ଶାରୀରିକ ସମସ୍ୟାର କାରଣ ପାଲଟିଥାଏ। ବାଉଁଶ ପୋଡା ବାସ୍ନା ନିଶ୍ୱାସରେ ଶରୀରକୁ ପହଞ୍ଚିଯାଏ। ଶରୀରରେ ଏହାର ସାମାନ୍ୟତମ ଉପସ୍ଥିତି କ୍ୟାନସର ଅଥବା ମସ୍ତିଷ୍କାଘାତର କାରଣ ହୋଇପାରେ। ଭାରି ଧାତୁ ପୋଡିଲେ ଲିଡ୍ ଅକ୍ସାଇଡ ନିର୍ଗତ ହୁଏ ।ତେବେ ବାଉଁଶରୁ ମଧ୍ୟ ସେତିକି ପରିମାଣରେ ଏହି ବିଷାକ୍ତ ବାଷ୍ପ ନିର୍ଗତ ହେଉଥିବାରୁ ଜାଳିବା ଲାଗି ବାଉଁଶ ବର୍ଜିତ କରାଯାଇଛ।

## ଦକ୍ଷତା ବିକାଶ ଶିକ୍ଷାନୁଷ୍ଠାନ, ମହାବିଦ୍ୟାଳୟ ଓ ମିଶନ ଶକ୍ତି ପରିସରଭୁକ୍ତ କରାଯିବ

**ଭୁବନେଶ୍ୱର, ୨୭।୬ (ମହାଭାରତ):** ଦକ୍ଷତା ବିକାଶ କାର୍ଯ୍ୟକ୍ରମକୁ ନିର୍ଦ୍ଦିଷ୍ଟ କେତେକ ଟ୍ରେନି ଛାତ୍ରଛାତ୍ରୀ ମଧ୍ୟରେ ସୀମିତ ନରଖି ଏହାକୁ ଶିକ୍ଷାନୁଷ୍ଠାନ,ମହାବିଦ୍ୟାଳୟ ଓ ମିଶନଶକ୍ତି ପରିସରଭୁକ୍ତ କରାଯିବା ଉପରେ ଦକ୍ଷତା ବିକାଶ ମନ୍ତ୍ରୀ ସମ୍ପଦ ଚନ୍ଦ୍ର ସ୍ୱାଇଁ ଗୁରୁତ୍ୱାରୋପ କରିଛନ୍ତି। ଗୁରୁବାର ପୂର୍ବାହ୍ନରେ ଦକ୍ଷତା ବିକାଶ କାର୍ଯ୍ୟକ୍ରମ ସମ୍ବନ୍ଧରେ ପୁଂଖାନୁପୁଂଖ ସମୀକ୍ଷା କରିବା ଅବସରରେ ମନ୍ତ୍ରୀ ଶ୍ରୀ ସ୍ୱାଇଁ କହିଥିଲେ ବିଭିନ୍ନ ଶିକ୍ଷାନୁଷ୍ଠାନ ଓ କମ୍ପାନୀଗୁଡ଼ିକରେ ଓଡ଼ିଆ ଛାତ୍ରଛାତ୍ରୀଙ୍କ ଯୋଗଦାନ ପୂର୍ବରୁ ସେମାନଙ୍କୁ ସୁଦକ୍ଷ କରିବା ଆବଶ୍ୟକ । କମ୍ପାନୀ ଓ ଶିକ୍ଷାନୁଷ୍ଠାନ ବୁଝାମଣାପତ୍ରରେ ଓଡ଼ିଆ ଯୁବକ ଯୁବତୀଙ୍କୁ ସେମାନଙ୍କ ଅନୁଷ୍ଠାନଗୁଡ଼ିକରେ ନିଯୁକ୍ତି ସୁଯୋଗ ପାଇଁ ଚୁକ୍ତିବଦ୍ଧ ହେଉଥିବାବେଳେ ଯୋଗ୍ୟ ପ୍ରାର୍ଥୀମାନେ କୁଶଳୀ ହେବା ନିହାତି ଜରୁରୀ । ସେଥିପାଇଁ ସେହି ପ୍ରାର୍ଥୀମାନଙ୍କୁ ଦକ୍ଷତା ବିକାଶ ପ୍ରଶିକ୍ଷଣ ଦିଆଯିବା ଆବଶ୍ୟକ। ସ୍ଥଳବିଶେଷରେ କମ୍ପାନୀ ଓ ଶିକ୍ଷାନୁଷ୍ଠାନଗୁଡ଼ିକୁ ମଧ୍ୟ ଉପଯୁକ୍ତ ଟ୍ରେନର ଓ ଭିତିଭୂମି ଯୋଗାଇ ଦେବା ପାଇଁ ଚୁକ୍ତି କରାଯାଇପାରିବ। ଯେଉଁ ଅଂଚଳରେ ଦକ୍ଷତା ବିକାଶ ଯେତେ ଉନ୍ନତ ସେ ଅଂଚଳର ଶିକ୍ଷାନୁଷ୍ଠାନ ଓ କମ୍ପାନୀଗୁଡ଼ିକ ସେତିକି ଦକ୍ଷ। ଏଥିପାଇଁ ଭିଏତ୍‌ନାମ, ସୁଇଜରଲାଣ୍ଡ ଓ ସିଙ୍ଗାପୁର ଇତ୍ୟାଦି ଅଞ୍ଚଳରେ ଉତ୍ପାଦିକତା ମଧ୍ୟ ତୁଳନାତ୍ମକ ଭାବେ ଅଗ୍ରଣୀ ଭୂମିକା ନେଇପାରିଛି । ତେଣୁ ଦକ୍ଷତା ବିକାଶ କାର୍ଯ୍ୟକ୍ରମକୁ ବ୍ୟାପକ କରି ଶିକ୍ଷାନୁଷ୍ଠାନ, ମହାବିଦ୍ୟାଳୟ ଓ ମିଶନ ଶକ୍ତି ସହ ଯୋଡ଼ିବା ଆବଶ୍ୟକ। ମହାବିଦ୍ୟାଳୟ ସ୍ତରରେ ମଧ୍ୟ ମହାବିଦ୍ୟାଳୟଗଡ଼ିକରେ ପାଠପଢ଼ା ସମୟରେ ଏହାର ଛାତ୍ରଛାତ୍ରୀ ଓ ପାଠପଢ଼ା ସମୟ ବାହାରେ ଯୁବକ ଯୁବତୀଙ୍କୁ ଦକ୍ଷତା ବିକାଶ କାର୍ଯ୍ୟକ୍ରମରେ ସାମିଲ କରାଯାଇପାରିବ । ସେହିପରି ମିଶନଶକ୍ତି ଓ ଆପ୍ରେଂଟିସିପ୍ ସହ



ଦକ୍ଷତା ବିକାଶ ଟ୍ରେନିଂକୁ ଯୋଡ଼ିବାର ଢେର ଆବଶ୍ୟକତା ଅଛି ବୋଲି ମନ୍ତ୍ରୀ ସମ୍ପଦ ଚନ୍ଦ୍ର ସ୍ୱାଇଁ କହିଛନ୍ତି ।

ସମୀକ୍ଷା ମୁତାବକ ୩୦ ଗୋଟି ଜିଲ୍ଲାର ଉଚ୍ଚଶିକ୍ଷା ଅନୁଷ୍ଠାନରେ ୩୦ ଗୋଟି ସ୍କିଲ୍-ହବ ପରିଚାଳନା କରାଯିବ । ଏଥିରେ ଉଚ୍ଚଶିକ୍ଷା ଅନୁଷ୍ଠାନର ଛାତ୍ରଛାତ୍ରୀଙ୍କୁ ଦକ୍ଷତା ବିକାଶ ଓ ବୈଷୟିକ ଶିକ୍ଷା ସମ୍ପର୍କରେ ସଚେତନତା କରାଯିବା ସହ ପ୍ରଶିକ୍ଷଣ ଦିଆଯିବ । ଜୁଲାଇ ୧୫ ତାରିଖରେ "ବିଶ୍ୱ ଯୁବ ଦକ୍ଷତା ଦିବସ'' ଅବସରରେ କୌଶଳ ରଥ ଦୁଇଗୋଟି ବସ୍ ଦ୍ୱାରା ୩୦ଟି ଜିଲ୍ଲାକୁ ଅତିକ୍ରମ କରିବ । ବିଭିନ୍ନ ଦକ୍ଷତା ବିକାଶ କାର୍ଯ୍ୟକ୍ରମ ଓ ଯୋଜନା ସମ୍ପର୍କରେ ଯୁବପିଢ଼ିଙ୍କ ମଧ୍ୟରେ ସଚେତନତା ସୃଷ୍ଟି କରିବା ପାଇଁ କୌଶଳରଥ ଆରମ୍ଭ କରିବାକୁ ପ୍ରସ୍ତାବ ଅଛି ଯେଉଁଥିରେ ହାଇସ୍କୁଲ, ଆଶ୍ରମ ବିଦ୍ୟାଳୟ, ଶିଶୁ ଯନି ଅନୁଷ୍ଠାନ, ପିଭିଟିଜି (ପ୍ରାଚୀନ ଜନଜାତି) ଅଞ୍ଚଳରେ (ବଣ୍ଡା ଓ ମାଙ୍କଡ଼ିଆ ଇତ୍ୟାଦି) ଏବଂ ଆଇଟିଆଇ ଓ ପଲିଟେକ୍‌ନିକ୍ ଉଚ୍ଚଶିକ୍ଷା ଅନୁଷ୍ଠାନ ଉପରେ ଗୁରୁତ୍ୱ ଦିଆଯିବ । ୭ ଗୋଟି ଦକ୍ଷତା ଉପରେ ସଚେତନତା ପାଇଁ ସରକାରଙ୍କ ବିଭିନ୍ନ ବିବରଣୀ, ରୋଲ ମଡେଲ୍ ଓ ଉଚ୍ଚଶିକ୍ଷା ସ୍କିମ୍ ଏହି କୌଶଳ ଅନ୍ ହୁଇଲ୍ ରେ ଫୋକସ୍ ହେବ ।

ସ୍ଥାନୀୟ ଜନପ୍ରତିନିଧି, ଅଭିଭାବକ, ଛାତ୍ରଛାତ୍ର, ପୂର୍ବତନ ଛାତ୍ରଛାତ୍ରୀଙ୍କୁ ଏଥିରେ ସାମିଲ ହେବା ପାଇଁ ନିମନ୍ତ୍ରଣ କରାଯିବ । ଏହା ବ୍ୟତୀତ ସ୍ୱଳ୍ପ ଅବଧି ଭିତ୍ତିକ ଦକ୍ଷତା କାର୍ଯ୍ୟକ୍ରମ, ଆଇ.ଟି.ଆଇ ଏବଂ ପଲିଟେକ୍ ?ନିକ୍ ?, ବିଶ୍ୱ ଦକ୍ଷତା କେନ୍ଦ୍ର ଓ ଉଚ୍ଚତର ବୈଷୟିକ ଶିକ୍ଷା ସଂସ୍ଥାନଗୁଡ଼ିକରେ ଦିଆଯାଉଥିବା କାର୍ଯ୍ୟକ୍ରମମାନ ଦୃଶ୍ୟ-ଶ୍ରାବ ଯନ୍ତ୍ର ମାଧ୍ୟମରେ ପ୍ରଚାର କରାଯିବ । ସ୍କିଲ୍-ଅନ୍-ହ୍ୱିଲ୍ ବା କୌଶଳ ରଥରେ ବିଭିନ୍ନ ପ୍ରକାର ପରିଯୋଜନା ଯଥା ବାଳିକାମାନଙ୍କ ପାଇଁ ସୁଦକ୍ଷା, ଅନାଥ ପିଲାଙ୍କ ପାଇ ଗ୍ରୀନ୍-ପ୍ୟାସେଜ୍ ସ୍କିମ୍ ଓ ନୂଆ-ଓ ଏବଂ ପିଏଲ୍ ?ଟିପି ଯୋଜନା ସଂପର୍କରେ ସୂଚନା ଦିଆଯିବ । ଏହି କୌଶଳ ରଥ ଅଭିଯାନ ପାଇଁ ମୁଖ୍ୟମନ୍ତ୍ରୀଙ୍କଠାରୁ ସ୍ୱୀକୃତି ଅଣାଯିବ । ଏତଦ୍ ?ବ୍ୟତୀତ ଯୁବକମାନଙ୍କୁ ଆତିଥେୟତା ପ୍ରଶିକ୍ଷଣ ପାଇଁ ବିଶ୍ୱ ଦକ୍ଷତା କେନ୍ଦ୍ରଠାରେ ପ୍ରଥମ ପର୍ଯ୍ୟାୟରେ ପ୍ରଥମ କୌଶଳ ଭବନ ନିର୍ମାଣ କରାଯାଉଛି । ନିର୍ମାଣ ହେବାକୁ ଥିବା ୧୦ ଗୋଟି କୌଶଳ ଭବନ ମଧ୍ୟରୁ ପ୍ରଥମେ ଗୋଟିଏ ନିର୍ମାଣ ହେବ । ଏହି ଭବନରେ ଯୁବକମାନଙ୍କୁ ଆତିଥ୍ୟ ପ୍ରଶିକ୍ଷଣ ଦେବା ପାଇଁ ଭୁବନେଶ୍ୱରସ୍ଥିତ ବିଶ୍ୱ ଦକ୍ଷତା କେନ୍ଦ୍ର ପରିସରରେ ପ୍ରଥମ କୌଶଳ ଭବନ ନିର୍ମାଣ କରାଯାଉଛି । ଏହି ଭବନରେ ରୋଷେଇ ବିଜ୍ଞାନ, ଖାଦ୍ୟ ଓ ପାନୀୟ, ଗୃହରକ୍ଷୀ ସେବା ଏବଂ ଫ୍ରଂଟ ଅଫିସ୍ ଆସୋସିଏଟ୍ ପାଠ୍ୟକ୍ରମରେ ପ୍ରଶିକ୍ଷଣ ପାଇଁ ସୁବିଧା ରହିବ ।

## ସାରା ରାଜ୍ୟରେ ଚାଷୀ ସମାବେଶ କରାଯିବ : ବିଜେପି

**ଭୁବନେଶ୍ୱର, ୨୭।୬ (ମହାଭାରତ):** ଓଡିଶାର ଚାଷୀମାନଙ୍କୁ ସମୃଦ୍ଧ କରିବା ସହିତ ସମସ୍ତ ବ୍ଲକରେ ଶୀତଳଭଣ୍ଡାର ପ୍ରତିଷ୍ଠା କରିବା, ଚାଷ ଜମିକୁ ଜଳସେଚିତ କରିବା ଓ ଧାନ କ୍ୱିଂଟାଲ ପ୍ରତି ୩୧ଶହ ଟଙ୍କା ଚାଷୀଙ୍କୁ ଦେବାକୁ ନେଇ ବିଜେପି କୃଷକମୋର୍ଚ୍ଚା ତରଫରୁ ସାରା ରାଜ୍ୟରେ ବ୍ୟାପକଭାବେ ଚାଷୀ ସମାବେଶ କରାଯାଇ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି, ମୁଖ୍ୟମନ୍ତ୍ରୀ ମୋହନ ମାଝୀଙ୍କୁ ଧନ୍ୟବାଦ ଦିଆଯିବ। ଏହାର ଶୁଭାରମ୍ଭ ଆସନ୍ତା ଜୁନ୍ ୩୦ତାରିଖ କେନ୍ଦୁଝର ଜିଲ୍ଲାର ପ୍ରଖ୍ୟାତ ପର୍ଯ୍ୟଟନସ୍ଥଳୀ ଆନନ୍ଦପୁର ସବ୍‌ଡିଭିଜନ ଅନ୍ତର୍ଗତ ଶାଳନ୍ଦୀ ଡ୍ୟାମ ହଦଗଡଠାରେ ଅନୁଷ୍ଠିତ ହେବ। ଏହି କାର୍ଯ୍ୟକ୍ରମରେ ଓଡ଼ିଶାର ୩୬ଟି ସାଂଗଠନିକ ଜିଲ୍ଲାରୁ ଦୁଇ ଶହ ଚାଷୀ ନେତାମାନେ ଯୋଗଦାନ କରିବେ ବୋଲି ବିଜେପି କୃଷକ ମୋର୍ଚ୍ଚା ରାଜ୍ୟ ସଭାପତି ମହେଶ୍ୱର ସାହୁ ସୂଚନା ଦେଇଛନ୍ତି। ଏହି କାର୍ଯ୍ୟକ୍ରମରେ ଓଡ଼ିଶାର ବରିଷ୍ଠ ଚାଷୀ ନେତାମାନେ ଯୋଗ ଦେବେ। ଏହି କାର୍ଯ୍ୟକ୍ରମ ପରେ ଓଡ଼ିଶାର ସମସ୍ତ ଜିଲ୍ଲା, ବ୍ଲକ ଓ ପଂଚାୟତମାନଙ୍କରେ ପ୍ରଧାନମନ୍ତ୍ରୀ ମୋଦି, ମୁଖ୍ୟମନ୍ତ୍ରୀ ମୋହନ ମାଝୀ "ଧନ୍ୟବାଦ କାର୍ଯ୍ୟକ୍ରମ"କୁ ବ୍ୟାପକଭାବେ କରାଯିବ ବୋଲି କୃଷକମୋର୍ଚ୍ଚା ରାଜ୍ୟ ସଭାପତି ମହେଶ୍ୱର ସାହୁ ସୂଚନା ଦେଇଛନ୍ତି। ଆସନ୍ତା ଖରିଫ ଧାନକିଣା ପ୍ରାରମ୍ଭ ଦିନ ଏହି କାର୍ଯ୍ୟକ୍ରମର ସମାରୋପ ଏକ ବିଶାଳ ଚାଷୀ ସମାବେଶ ଆୟୋଜନ କରାଯିବ। ଓଡ଼ିଶାରେ "ଡବଲ ଇଞ୍ଜିନ ସରକାର" ଆସିବା ପରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଆସନ୍ତା ଖରିଫ ଧାନ କିଣା ସମୟରେ ଧାନ କୁଇଂଟାଲ ପ୍ରତି ୩୧ଶହ ଟଙ୍କା ଚାଷୀମାନଙ୍କୁ ଦିଆଯିବା ପାଇଁ ଘୋଷଣା କରିଥିବାରୁ କୃଷକମୋର୍ଚ୍ଚା ରାଜ୍ୟ ସଭାପତି ମହେଶ୍ୱର ସାହୁ ଧନ୍ୟବାଦ ଦେବା ସହିତ କୃତଜ୍ଞତା ଜଣାଇଛନ୍ତି।

## ଚିଲିକା ବ୍ଲକର ବିଭିନ୍ନ ଉନ୍ନୟନମୂଳକ କାର୍ଯ୍ୟର ସମୀକ୍ଷା

**ଭୁବନେଶ୍ୱର, ୨୭।୬ (ମହାଭାରତ):** ଏ ସରକାର ଲୋକଙ୍କ ସରକାର । ସାଧାରଣ ଲୋକଙ୍କୁ ଉପଯୁକ୍ତ ସେବା ପ୍ରଦାନ ଆମ



ସରକାରଙ୍କ ମୁଖ୍ୟ ଉଦ୍ଦେଶ୍ୟ। ତେବେ ରାଜ୍ୟର ସାମଗ୍ରିକ ବିକାଶ ପାଇଁ ପ୍ରସ୍ତୁତ ସବୁଯୋଜନା ବ୍ଲକ୍ ସ୍ତରରୁ ଆରମ୍ଭ ହେବା ଉଚିତ ବୋଲି ଆଇନ, ପୂର୍ତ୍ତ, ଅବକାରୀ ବିଭାଗ ମନ୍ତ୍ରୀ ପୃଥ୍ୱୀରାଜ ହରିଚନ୍ଦନ ଚିଲିକା ବ୍ଲକ୍ ସମ୍ମିଳନୀ କକ୍ଷରେ ଆୟୋଜିତ ପ୍ରଥମ ସମୀକ୍ଷା ବୈଠକରେ ଯୋଗଦେଇ ମତବ୍ୟକ୍ତ କରିଛନ୍ତି ।

ଚିଲିକା ବ୍ଲକ୍ ର ବିଭିନ୍ନ ଉନ୍ନୟନମୂଳକ କାର୍ଯ୍ୟର ଅଗ୍ରଗତି ନେଇ ଆୟୋଜିତ ସମୀକ୍ଷା ବୈଠକରେ ଅଧ୍ୟକ୍ଷତା କରିବା ସହ ମନ୍ତ୍ରୀ ଶ୍ରୀ ହରିଚନ୍ଦନ କହିଲେ ଯେ ବ୍ଲକ୍ ହେଉଛି ଏପରି ସ୍ଥାନ ଯେଉଁଠି ପ୍ରତ୍ୟେକ ଲୋକ ସରକାରୀ ସୁବିଧା ଓ ନ୍ୟାୟ ପାଇପାରିବେ। ତେଣୁ ଏଠାରେ କାର୍ଯ୍ୟରତ ସମସ୍ତ ଅଧିକାରୀ ଏବଂ କର୍ମଚାରୀଙ୍କ ବେଶ୍ ଗୁରୁଦାୟିତ୍ୱ ରହିଛି। ତେଣୁ ଅଧିକାରୀ ଓ କର୍ମଚାରୀମାନେ ସେବାମନୋଭାବ ନେଇ ଦାୟିତ୍ୱ ନିର୍ବାହ କରନ୍ତୁ ବୋଲି ମନ୍ତ୍ରୀ ତାଙ୍କ ବକ୍ତବ୍ୟରେ କହିଛନ୍ତି। ସମସ୍ତ ବିକାଶମୂଳକ କାର୍ଯ୍ୟ, ଜନକଲ୍ୟାଣକାରୀ ଯୋଜନା, ବିଭିନ୍ନ ସରକାରୀ ଯୋଜନା ଓ କାର୍ଯ୍ୟକ୍ରମକୁ ପ୍ରାଧାନ୍ୟ ଦେବା ସହ ସାଧାରଣ ଲୋକଙ୍କ ମଙ୍ଗଳ ଉଦ୍ଦେଶ୍ୟରେ ନୂଆ ଯୋଜନା ଓ କାର୍ଯ୍ୟକ୍ରମ ପ୍ରଣୟନ ନେଇ ପ୍ରସ୍ତାବ ଦେବା ପାଇଁ ମଧ୍ୟ ଅଧିକାରୀମାନଙ୍କୁ ପରାମର୍ଶ ଦେଇଛନ୍ତି। ଏଥି ସହିତ ପ୍ରତି ତିନିମାସରେ ହେବାକୁ ଥିବା ସମୀକ୍ଷା ବୈଠକରେ କାର୍ଯ୍ୟକ୍ରମ ଏବଂ ଜାରି ରହିଥିବା ଯୋଜନାର ଅଗ୍ରଗତି ନେଇ ରିପୋର୍ଟ ପ୍ରଦାନ କରିବାକୁ ସେ ନିର୍ଦ୍ଦେଶ ଦେଇଛନ୍ତି। ବୈଠକରେ ବ୍ଲକ୍ ଅଧ୍ୟକ୍ଷା ଜ୍ୟୋତ୍ସ୍ନାମୟୀ ବେହେରା, ଉପାଧ୍ୟକ୍ଷ ଅରୁଣ କୁମାର ପଟ୍ଟନାୟକଙ୍କ ସମେତ ଜିଲ୍ଲା ଗ୍ରାମ୍ୟ ଉନ୍ନୟନ ସଂସ୍ଥାର ପ୍ରକଳ୍ପ ନିର୍ଦ୍ଦେଶକ ବାଦଲ କୁମାର ମହାନ୍ତି, ବ୍ଲକ୍ ଉନ୍ନୟନ ଅଧିକାରୀ, ସ୍ଥାନୀୟ ତହସିଲଦାରଙ୍କ ସମେତ ସଂପୃକ୍ତ ସମସ୍ତ କ୍ଷେତ୍ର ଅଧିକାରୀ ଉପସ୍ଥିତ ଥିଲେ।

## ଥେରୁବାଲି-ଟିଟିଲାଗଡ଼-ସମ୍ବଲପୁର ଏବଂ ସମ୍ବଲପୁର-ଝାରସୁଗୁଡା ରୋଡ-ସମ୍ବଲପୁର ସିଟି-ଜରପଡା ରେଳ ସେକ୍ସନ ନିରୀକ୍ଷଣ କଲେ ପୂର୍ବତଟ ରେଳପଥ ମହାପ୍ରବନ୍ଧକ

**ଭୁବନେଶ୍ୱର, ୨୭।୬ (ମହାଭାରତ):** ପୂର୍ବତଟ ରେଳପଥ ମହାପ୍ରବନ୍ଧକ ପରମେଶ୍ୱର ଫୁଙ୍କୱାଲ ଦୁଇଦିନିଆ ସମ୍ବଲପୁର ରେଳ ମଣ୍ଡଳ ଗସ୍ତରେ ଯାଇ ଥେରୁବାଲି-ଟିଟିଲାଗଡ଼-ସମ୍ବଲପୁର ଏବଂ ସମ୍ବଲପୁର-ଝାରସୁଗୁଡା ରୋଡ-ସମ୍ବଲପୁର ସିଟି-ଜରପଡା ରେଳ ସେକ୍ସନ ନିରୀକ୍ଷଣ କରିବା ସହିତ ଏହି ଅଂଚଳରେ ଚାଲୁରହିଥିବା ବିଭିନ୍ନ ପ୍ରକଳ୍ପ ଏବଂ ଭିତିଭୂମି କାର୍ଯ୍ୟର ସମୀକ୍ଷା କରିଥିଲେ । ଶ୍ରୀ ଫୁଙ୍କୱାଲ ଥେରୁବାଲି-ଟିଟିଲାଗଡ଼-ସମ୍ବଲପୁର ରେଳ ସେକ୍ସନର ମୁନିଗୁଡା, କେସିଙ୍ଗା, ଟିଟିଲାଗଡ, ବଲାଙ୍ଗୀର, ବରପାଲି ଏବଂ ସମ୍ବଲପୁରର ରେଳ ଷ୍ଟେସନ ପରିଦର୍ଶନ ସହିତ ବିଭିନ୍ନ କାର୍ଯ୍ୟର ନିରୀକ୍ଷଣ କରିଥିବାବେଳେ ସମ୍ବଲପୁର-ଝାରସୁଗୁଡା ରୋଡ-ସମ୍ବଲପୁର ସିଟି-ଜରପଡା ରେଳ ସେକ୍ସନର ଝାରସୁଗୁଡା ରୋଡ୍, ସରଲା, ସମ୍ବଲପୁର ସିଟି-ଜରପଡା ରେଳ ଷ୍ଟେସନ ଗୁଡିକର ନିରୀକ୍ଷଣ କରି ଭିତ୍ତିଭୂମି ବିକାଶ ଓ ଯାତ୍ରୀ ସୁବିଧା କାର୍ଯ୍ୟ ଗୁଡିକର ନିରୀକ୍ଷଣ କରିଥିଲେ ।



ଏହି ଗସ୍ତ ସମୟରେ ମହାପ୍ରବନ୍ଧକ ସରଲା ଠାରେ ମାଲବାହୀ ଟ୍ରେନ୍ ପରୀକ୍ଷଣ ସୁବିଧା ଓ ଆରଓଏଚ (ରୁଟିନ୍ ଓଭରହେଲ୍), ଟିଟିଲାଗଡ଼ ଓ ସମ୍ବଲପୁର ରେଳ ଷ୍ଟେସନ ଠାରେ କ୍ରୁ-ଲବି ଏବଂ ସମ୍ବଲପୁର ଷ୍ଟେସନରେ ରନିଙ୍ଗ ରୁମ ସହିତ ଅନେକ ଗୁରୁତ୍ୱପୂର୍ଣ୍ଣ ଭିତିଭୂମି ପ୍ରକଳ୍ପ ଯାଂଚ କରିଥିଲେ। ଶ୍ରୀ ଫୁଙ୍କୱାଲ ମଧ୍ୟ ବିଭିନ୍ନ ରେଳ ସାଇଡିଙ୍ଗରେ ପରିବହନ ସେବା ସହିତ ଜଡିତ ଟ୍ରାଫିକ୍ ସୁବିଧା ଯାଂଚ କରିଥିଲେ। ବୃନ୍ଦାମାଲ ଏବଂ ଆମ୍ଭୋଡୋଲା ଠାରେ ବେଦାନ୍ତ ଲିମିଟେଡ୍, ଲପଙ୍ଗା ଥ୍ରେବ ଭୂଷଣ ପାୱାର ଆଣ୍ଡ ଷ୍ଟିଲ ଲିମିଟେଡ୍ ଓ ଆଦିତ୍ୟ ଅଲୁମୁନିୟମ ଶିଳ୍ପ ସଂସ୍ଥା ଗୁଡିକୁ ପରିବହନ ଜନିତ ପ୍ରକଳ୍ପ ଗୁଡିକର ସମୀକ୍ଷା କରିଥିଲେ ଏହା ସହିତ ଶ୍ରୀ ଫୁଙ୍କୱାଲ କାର୍ଯ୍ୟକ୍ଷମ ଆବଶ୍ୟକତା ଏବଂ ଭବିଷ୍ୟତର ସହଯୋଗକୁ ସମାଧାନ କରିବା ପାଇଁ ଶିଳ୍ପଗୁଡିକର ପ୍ରତିନିଧୀଙ୍କ ସହ ଆଲୋଚନାରେ ମଧ୍ୟ ନିୟୋଜିତ ହୋଇଥିଲେ।

ଶ୍ରୀ ଫୁଙ୍କୱାଲ ଷ୍ଟେସନ ମାନଙ୍କରେ ଉପଲବ୍ଧ ଯାତ୍ରୀ ସୁବିଧା ଉପରେ ବିଶେଷ ଧ୍ୟାନ ଦେଇଥିଲେ ଏବଂ ରେଳ ବିଭାଗରେ ଚାଲିଥିବା ବିକାଶମୂଳକ କାର୍ଯ୍ୟକଳାପ ଏବଂ ନିର୍ମାଣ କାର୍ଯ୍ୟର ସମୀକ୍ଷା କରିଥିଲେ। ଯାତ୍ରୀ ସେବା ବୃଦ୍ଧି ପାଇଁ ଅନ୍ତର୍ନିହିତ ତଥା ପରାମର୍ଶ ସଂଗ୍ରହ କରିବାକୁ ସେ କର୍ମଚାରୀ ଏବଂ ଅଧିକାରୀଙ୍କ ସହ ସକ୍ରିୟ ଭାବରେ ଯୋଗାଯୋଗ କରିଥିଲେ ଏବଂ ଭବିଷ୍ୟତର ଉନ୍ନତି ପାଇଁ ବିଭିନ୍ନ ପରିବର୍ତ୍ତନର ପ୍ରସ୍ତାବ ମଧ୍ୟ ଦେଇଥିଲେ । ଏଥିସହ ମହାପ୍ରବନ୍ଧକ ଶ୍ରୀ ଫୁଙ୍କୱାଲଙ୍କ ଉପସ୍ଥିତିରେ ସମ୍ବଲପୁର ରେଳ ଷ୍ଟେସନରେ ଏକ ଜରୁରୀକାଳୀନ ଚିକିତ୍ସା ସେବା ସୁବିଧା କେନ୍ଦ୍ର ଉଦ୍ଘାଟନ କରାଯାଇଥିଲା। ମହାପ୍ରବନ୍ଧକ ମଧ୍ୟ ଅମୃତ ଷ୍ଟେସନ ଯୋଜନା ଅଧୀନରେ ରେଳ ଷ୍ଟେସନର ପୁନର୍ବିକାଶର ସମୀକ୍ଷା କରିଥିଲେ ଏବଂ ସଠିକ ସମୟରେ କାର୍ଯ୍ୟ ଶେଷ କରାଇବାପାଇଁ ନିର୍ମାଣ କାର୍ଯ୍ୟକୁ ତ୍ୱରାନ୍ୱିତ କରିବାକୁ ସମ୍ପୃକ୍ତ ଅଧିକାରୀମାନଙ୍କୁ ନିର୍ଦ୍ଦେଶ ଦେଇଥିଲେ।

## ପ୍ରଶିକ୍ଷଣ ମାଧ୍ୟମରେ ଦକ୍ଷତା ବୃଦ୍ଧି ହିଁ ସମ୍ଭବ ହୋଇପାରିବ

**ଭୁବନେଶ୍ୱର, ୨୭।୬ (ମହାଭାରତ):** ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ମନ୍ତ୍ରୀ ସୁରେଶ ପୂଜାରୀ ରାଜସ୍ୱ ଅଧିକାରୀଙ୍କ ପ୍ରଶିକ୍ଷଣ ପ୍ରତିଷ୍ଠାନକୁ ପରିଦର୍ଶନରେ ଯାଇ ୧୫ତମ ସଂସ୍ଥାଗତ ପ୍ରଶିକ୍ଷଣ ଶିବିରକୁ ଆନୁଷ୍ଠାନିକ ଭାବେ ଉଦ୍‌ଘାଟନ କରିଥିଲେ। ଏହି ଅବସରରେ ଆୟୋଜିତ କାର୍ଯ୍ୟକ୍ରମରେ ଯୋଗଦେଇ ମନ୍ତ୍ରୀ ଶ୍ରୀ ପୂଜାରୀ ସରକାରୀ ନୀତିନିୟମ ସହିତ ବୈଷୟିକ ଶିକ୍ଷାର ପ୍ରୟୋଗ ମାଧ୍ୟମରେ ସମସ୍ତ କାର୍ଯ୍ୟ ନିର୍ଦ୍ଧାରିତ ସମୟ ମଧ୍ୟରେ ସୁଚାରୁ ରୂପେ ନିର୍ବାହ କରିବା ଉପରେ ଗୁରୁତ୍ୱରୋପ କରିଥିଲେ। ପ୍ରଶିକ୍ଷକ ତଥା ପ୍ରଶିକ୍ଷାର୍ଥୀ ଉଭୟଙ୍କ ମଧ୍ୟରେ ଉପଯୁକ୍ତ ଯୋଗାଯୋଗ ଦ୍ୱାରା ହିଁ ଉନ୍ନତ ମାନର ପ୍ରଶିକ୍ଷଣ ସମ୍ଭବ। ସରକାରୀ କାର୍ଯ୍ୟ ନିମନ୍ତେ କାର୍ଯ୍ୟାଳୟକୁ ଆସୁଥିବା ପ୍ରତ୍ୟେକ ଜନସାଧାରଣ କିପରି ଉପକୃତ ହେବେ ଓ ସେମାନଙ୍କ ମଧ୍ୟରେ ଆତ୍ମସନ୍ତୋଷର ଭାବ କିପରି ପରିଲକ୍ଷିତ ହେବ ଏହା ସମସ୍ତଙ୍କର ଲକ୍ଷ୍ୟ ହେବା ଉଚିତ ଓ ଏଥି ପ୍ରତି ସ୍ୱତନ୍ତ୍ର ଭାବେ ଦୃଷ୍ଟି ଦେବାର ଆବଶ୍ୟକତା ରହିଛି ବୋଲି ମନ୍ତ୍ରୀ ଶ୍ରୀ ପୂଜାରୀ ନିଜର ଆଭିମୁଖ୍ୟ ବ୍ୟକ୍ତ କରିଥିଲେ ।

ସ୍ନେହ, ସହାନୁଭୂତି ଆଦି ଉତମ ମାନବୀୟ ଆଚରଣ ପ୍ରଦର୍ଶନ ମାଧ୍ୟମରେ ଜନସାଧାରଣଙ୍କ ବିଶ୍ୱାସଭାଜନ ହେବା ଉଚିତ । ସେହିପରି ନିଜର ବିଦେଶ ଭ୍ରମଣର ଅଭିଜ୍ଞତା ବର୍ଣ୍ଣନା କରି ମନ୍ତ୍ରୀ ଶ୍ରୀ ପୂଜାରୀ କହିଲେ ଯେ ପ୍ରଶିକ୍ଷାର୍ଥୀ ଅଭିମନ୍ୟୁଙ୍କର ଚକ୍ରବ୍ୟୁହର ଭେଦ କରିବା ଭଳି କୌଶଳରେ ପାରଦର୍ଶୀ ହେବା ସହ ଧର୍ମପଦଙ୍କ ଭଳି କୋଣାର୍କ ମନ୍ଦିର ମୁଣ୍ଡି ମାରିବା କାର୍ଯ୍ୟରେ ନିଜର କୁଶଳତା ପ୍ରଦର୍ଶନ କରିବା ଆବଶ୍ୟକ। ଆମେ ବ୍ୟବହାରିକ ଜ୍ଞାନକୁ ପ୍ରୟୋଗ କରି କୌଣସି ଅବସ୍ଥାକୁ ସ୍ୱାଭାବିକ କରାଇ ପାରିବା ତଥା ପ୍ରତ୍ୟେକ ମୁହୂର୍ତ୍ତକୁ ଜରୁରୀ ଅବସ୍ଥା ଭାବି କାର୍ଯ୍ୟ ସମ୍ପାଦନା କଲେ ସଫଳତା ମିଳିପାରିବ ବୋଲି ଗୁରୁତ୍ୱାରୋପ କରିଥିଲେ ।ଓଡ଼ିଶା ରାଜସ୍ୱ ସେବା ଅଧିନରେ କାର୍ଯ୍ୟରତ ଅଫିସରମାନେ ନିଜ ଘର ପାଖ ଜିଲ୍ଲାରେ କାର୍ଯ୍ୟ କରିବାର ଆଗ୍ରହ ପୋଷଣ ନକରି ସାରା ଓଡ଼ିଶାର ବିଭିନ୍ନ ଜିଲ୍ଲାରେ କାର୍ଯ୍ୟ ସମ୍ପାଦନ ପାଇଁ ଆଗ୍ରହ ପ୍ରକାଶ କରନ୍ତୁ । ତାହା ହେଲେ ଯାଇ ପ୍ରଶାସନିକ ସ୍ତରରେ ସନ୍ତୁଳନ ବଜାୟ ରହିପାରିବ । ଏହି ଅବସରରେ ରାଜସ୍ୱ ପ୍ରଶିକ୍ଷଣ ପ୍ରତିଷ୍ଠାନ ଦ୍ୱାରା ତିନିଗୋଟି ପୁସ୍ତିକାକୁ ମନ୍ତ୍ରୀ ଉନ୍ମୋଚନ କରିଥିଲେ ।

ଏହି ଉଦ୍‌ଘାଟନୀ ଉତ୍ସବରେ ଅନ୍ୟତମ ଅତିଥି ଭାବେ ଯୋଗଦେଇ ବିଭାଗୀୟ ଅତିରିକ୍ତ ମୁଖ୍ୟ ଶାସନ ସଚିବ ସତ୍ୟବ୍ରତ ସାହୁ କହିଲେ ଯେ ରାଜସ୍ୱ ବିଭାଗ ହେଉଛି ରାଜ୍ୟ ସରକାରଙ୍କ ଆଖି ଓ କାନ । ଏଣୁ ରାଜସ୍ୱ ବିଭାଗରେ ଆପଣମାନେ ଯୋଗଦେଇ ନିଜକୁ ଗୌରବାନ୍ୱିତ ମନେ କରିବା ସହ ଜନସାଧାରଣଙ୍କର ନିକଟତର ହୋଇ ପଛରେ ଥିବା ଲୋକମାନଙ୍କୁ କିପରି ମୁଖ୍ୟସ୍ରୋତରେ ସାମିଲ କରାଯାଇପାରିବ ସେ ଦିଗରେ ଚେଷ୍ଟା କରିବା ଦରକାର । ଏଥି ସହିତ ଜଣେ ଆବେଦନକାରୀଙ୍କ ଆବେଦନକୁ ବିଚାର କରିବା ନିମନ୍ତେ ପ୍ରଯୁକ୍ତି ବିଦ୍ୟାର ପ୍ରୟୋଗ ମାଧ୍ୟମରେ କିପରି ମାମଲାର ଫଇସଲା କରିଥିଲେ ତା'ର ଦୃଷ୍ଟାନ୍ତ ପ୍ରଦାନ କରିଥିଲେ ।

ମନ୍ତ୍ରୀ ଶ୍ରୀ ପୂଜାରୀ ଓଡ଼ିଶା ବିପର୍ଯ୍ୟୟ ପରିଚାଳନା କର୍ତୃପକ୍ଷ (ଓସ୍‌ଡମା)ଙ୍କ ଅଧିନରେ ନିର୍ମାଣାଧିନ ରାଜ୍ୟ ବିପର୍ଯ୍ୟୟ ପରିଚାଳନା ଅନୁଷ୍ଠାନ (ଏସ୍‌ଆଇଡିଏମ୍) ପରିଦର୍ଶନରେ ଯାଇ ନିର୍ମାଣାଧିନ ଅନୁଷ୍ଠାନ ବୁଲି ଦେଖିଥିଲେ । ଏହି ଅନୁଷ୍ଠାନ ଭବିଷ୍ୟତ ରୂପରେଖ ଅନୁଯାୟୀ ଏହା ବିପର୍ଯ୍ୟୟ ପରିଚାଳନା କ୍ଷେତ୍ରରେ ଏକ ଉତ୍କର୍ଷ କେନ୍ଦ୍ର ଭାବେ ଗଢ଼ିଉଠିବ। ଏଠାରେ ସରକାରୀ ଅଫିସର, ନିର୍ବାଚିତ ପ୍ରତିନିଧି ଓ ଗୋଷ୍ଠୀଗତ ସ୍ୱେଚ୍ଛାସେବୀ, ଓଡ୍ରାଫ୍‌ର କର୍ମଚାରୀ ଓ ଅନ୍ୟ ସହଭାଗୀମାନଙ୍କୁ ବିପର୍ଯ୍ୟୟ ପରିଚାଳନାର ବିଭିନ୍ନ ଦିଗ ସମ୍ପର୍କରେ ତାଲିମ ଦିଆଯିବ ।

## ଗ୍ରାମ୍ୟ ଉନ୍ନୟନ ବିଭାଗ ପ୍ରକଳ୍ପଗୁଡ଼ିକର ସମୀକ୍ଷା

**ଭୁବନେଶ୍ୱର, ୨୭।୬ (ମହାଭାରତ):** ଗ୍ରାମ୍ୟ ଉନ୍ନୟନ ବିଭାଗର ମାସିକ ସମୀକ୍ଷା ବୈଠକଗୁରୁବାର ଦିନ ବିଭାଗୀୟ ପ୍ରମୁଖ ଶାସନ ସଚିବ ସଂଜୟ କୁମାର ସିଂହଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଯାଇଛି। ଗ୍ରାମ୍ୟ ଉନ୍ନୟନ ବିଭାଗର ଓସ୍ୱାନ୍ ହଲ୍ ରେ ଅନୁଷ୍ଠିତ ଏହି ସମୀକ୍ଷା ବୈଠକରେ ଶ୍ରୀ ସିଂହ ରାଜ୍ୟର ସମସ୍ତ ଗ୍ରାମ୍ୟ ଉନ୍ନୟନ ଡିଭିଜନ୍ ର କାର୍ଯ୍ୟର ସମୀକ୍ଷା କରିଥିଲେ । ସମସ୍ତ ସର୍କଲ ଓ ଡିଭିଜନ୍ ର ବିଭାଗୀୟ ଅଧିକାରୀମାନେ ଆଭାସି ମାଧ୍ୟମରେ ଏହି ସମୀକ୍ଷା ବୈଠକରେ ସାମିଲ ହୋଇ ନିର୍ମାଣାଧିନ ଥିବା ସମସ୍ତ ପ୍ରକଳ୍ପର ସ୍ଥିତି ଓ ଅନ୍ୟାନ୍ୟ ଆନୁଷଙ୍ଗିକ ଦିଗଗୁଡ଼ିକ ବିଷୟରେ ପ୍ରମୁଖ ଶାସନ ସଚିବଙ୍କୁ ଅବଗତ କରାଇଥିଲେ ।

ସମୀକ୍ଷା ବୈଠକରେ ପ୍ରାରମ୍ଭରେ ପ୍ରମୁଖ ଶାସନ ସଚିବ ଶ୍ରୀ ସିଂହ ୨୦୨୪-୨୫ ଆର୍ଥିକ ବର୍ଷର ପ୍ରଥମ ୧୦୦ ଦିନ ମଧ୍ୟରେ କାର୍ଯ୍ୟନ୍ୱୟନ ପ୍ରକଳ୍ପର ସମୀକ୍ଷା କରିଥିଲେ। ଉକ୍ତ ପ୍ରକଳ୍ପଗୁଡ଼ିକର ସ୍ଥିତି ଓ ଅନ୍ୟାନ୍ୟ ଆନୁଷଙ୍ଗିକ ଦିଗଗୁଡ଼ିକର ସମୀକ୍ଷା କରାଯାଇଥିଲା । ଏହା ପାରେ ଆଗାମୀ ୧୦୦ ଦିନ ମଧ୍ୟରେ କେଉଁ ସମସ୍ତ ପ୍ରକଳ୍ପର କାର୍ଯ୍ୟାନ୍ୱୟନ ହେବ ସେ ଉପରେ ବିସ୍ତୃତ ଆଲୋଚନା କରାଯାଇଥିଲା। ଉକ୍ତ ପ୍ରକଳ୍ପଗୁଡ଼ିକର ନିର୍ମାଣ କାର୍ଯ୍ୟକୁ ତ୍ୱରାନ୍ୱିତ କରିବା ପାଇଁ ଶ୍ରୀ ସିଂହ ବିଭାଗୀୟ ଅଧିକାରୀମାନଙ୍କୁ ନିର୍ଦ୍ଦେଶ ଦେଇଥିଲେ। ଗ୍ରାମ୍ୟ ଉନ୍ନୟନ ବିଭାଗର ପ୍ରତିଟି ପ୍ରକଳ୍ପକୁ ନିର୍ଦ୍ଧାରିତ ସମୟ ମଧ୍ୟରେ ଶେଷ କରିବା ସହ ନିର୍ମାଣର ଗୁଣବତା ଉପରେ ଗୁରୁତ୍ୱ ଦେବା ପାଇଁ ଶ୍ରୀ ସିଂହ ନିର୍ଦ୍ଦେଶ ଦେଇଥିଲେ ।

ଏଥି ସହିତ ଶତପ୍ରତିଶତ ପ୍ରଶାସନିକ ଅନୁମୋଦନ ସହ ବାକି ରହିଥିବା ଟେଣ୍ଡର ପ୍ରକ୍ରିୟା ଯଦି କିଛି ରହିଥାଏ ତା'କୁ ଶେଷ କରିବାକୁ କହିଥିଲେ । ସେହିପରି ବିଜୁ ସେତୁ ଯୋଜନା ଅଧିନରେ ବିଭିନ୍ନ ଜିଲ୍ଲାରେ ଚାଲୁ ରହିଥିବା ପ୍ରକଳ୍ପଗୁଡିକର ଅଗ୍ରଗତି ସମ୍ବନ୍ଧରେ ପଚାରି ବୁଝିବା ସହ ଆପ୍ରୋଚ ରୋଡଗୁଡିକୁ ଯଥା ସମୟରେ ସାରିବାକୁ ବୈଠକରେ ବିଭାଗୀୟ ଯନ୍ତ୍ରୀମାନଙ୍କୁ ନିର୍ଦ୍ଦେଶ ଦିଆ ଯାଇଥିଲା । ନିର୍ବାହୀ ଯନ୍ତ୍ରୀମାନେ ପ୍ରକଳ୍ପର ଫିଜିବିଲିଟି ରିପୋର୍ଟ ପ୍ରଦାନ କରିବା ସମୟରେ କେଉଁ ଯୋଜନା ଏବଂ ଧାର୍ଯ୍ୟ ଲକ୍ଷ୍ୟ ପୂରଣ ହେଇପାରୁଛି ସେଗୁଡିକୁ ଅନୁଧ୍ୟାନପୂର୍ବକ ରିପୋର୍ଟ ପ୍ରଦାନ କରିବାକୁ ନିର୍ଦ୍ଦେଶ ଦେଇଥିଲେ ।

## ଗାଲାକ୍ସି ଏଆଇ ନିମନ୍ତେ ସାମସଙ୍ଗର ସଜବାଜ

**ଭୁବନେଶ୍ୱର,୨୭।୬ :** ଜୁଲାଇ ୧୦ ତାରିଖ ଏହାର ବିଶ୍ୱସ୍ତରୀୟ କାର୍ଯ୍ୟକ୍ରମ ଅବସରରେ ସାମସଙ୍ଗ ଆଜି ଏହାର ପରବ ?ୀ ପିଢ଼ୀ ଗାଲାକ୍ସି ଜେଡ୍ ସ୍ମାର୍ଟଫୋନ ତଥା ପରିବେଶ ସନ୍ତୁଳିତ ଉପକରଣ ସମୂହ ଶୁଭାରମ୍ଭର ଘୋଷଣା କରିଛି। ଏକ ବିବୃତିରେ ସାମସଙ୍ଗ ପ୍ରକାଶ କରିଛି ଯେ, ଗାଲାକ୍ସିର ଏହି ଅନାବରଣ କାର୍ଯ୍ୟକ୍ରମ ପ୍ୟାରିସ ଠାରେ ଆୟୋଜିତ ହେଉଛି, ଯେଉଁଠାରେ ଏହି ଆକର୍ଷଣୀୟ ସାଂସ୍କୃତିକ ସ୍ମାରକୀର ଦକ୍ଷ ଉତ୍ପତି ସ୍ଥଳ ଆମର ବ ?ମାନର ଉତ୍କୃଷ୍ଟ ଅଭିନବୀକରଣ କଳା, ବୈଷୟିକୀର ଏକ ଝଲକ ଭାବରେ ଏହାର ଦୃଶ୍ୟପଟରେ ଉପସ୍ଥିତ ସମସ୍ତଙ୍କ ପାଇଁ ଏକ ସମ୍ମାନୀତ ତାଲିକା ପ୍ରସ୍ତୁତ କରିପାରିବ। "ପରବ ?ୀ ସୀମାରକ୍ଷାକାରୀ ଗାଲାକ୍ସି ଏଆଇର ଆଗମନ ହେଉଛି। ଗାଲାକ୍ସି ଏଆଇ କ୍ଷମତା ଯୁକ୍ତ ପ୍ରସ୍ତୁତିର ଆବିଷ୍କାର ସହିତ, ବ ?ମାନ ଗାଲାକ୍ସି ଜେଡ୍ ଶୃଙ୍ଖଳ ଏବଂ ସମସ୍ତ ଗାଲାକ୍ସି ପରିବେଶ ସନ୍ତୁଳିତ ସମ୍ଭାର ଏହି ଦୁଇଟିର ସମ୍ମିଶ୍ରଣ ହେବାକୁ ଯାଉଛି। ଯେହେତୁ ଆମେ ସମସ୍ତେ ମୋବାଇଲ ଏଆଇ ସଂସ୍କରଣର ସ୍ତର ଦେଇ ଆଗକୁ ଯାଉଛୁ ସେଥିପାଇଁ ଏଭଳି ଏକ ବିଶ୍ୱସ୍ତରୀୟ ସମ୍ଭାବନାର ସ୍ୱାଦ ଚାଖିବାକୁ ଆମକୁ ପ୍ରସ୍ତୁତ ରହିବାକୁ ପଡ଼ିବ", କମ୍ପାନୀ ଏଭଳି ମତବ୍ୟକ୍ତ କରିଛି। ଓାମସଙ୍ଗର ଏହି ବିଶ୍ୱସ୍ତରୀୟ ଅନାବରଣ ନିମନ୍ତ୍ରଣର ଅବ୍ୟବହିତ ପୂର୍ବରୁ ଏହାର ଜଣେ ପ୍ରମୁଖ ପରିଚାଳକ ମତବ୍ୟକ୍ତ କରିଥିଲେ ଯେ, ସାମସଙ୍ଗ ନିଜର ଏହି ନୂତନ ପ୍ରବେଶକାରୀ ଗାଲାକ୍ସି ଏଆଇ ଭାଙ୍ଗ ଯୁକ୍ତ ସାମଗ୍ରୀ ଅନୁକୂଳତମ ଅଭିଜ୍ଞତା ପୋଷଣା କରିବା ସହିତ ଏକ ସମ୍ପୂର୍ଣ୍ଣ ନୂତନ କୌଶଳ ଯୁକ୍ତ ଅଦ୍ୱିତୀୟ ଏଆଇ ଅଭିଜ୍ଞତା ପ୍ରଦାନ ପାଇଁ ଆଶାବାଦୀ।

## ଛାତ୍ର ସଂସଦ ନିର୍ବାଚନ ପାଇଁ ଚାଲିଛି ବିଚାର

**ଭୁବନେଶ୍ୱର,୨୭।୬ (ମହାଭାରତ):** ୬ ବର୍ଷ ହେଲା ରାଜ୍ୟରେ ଛାତ୍ର ସଂସଦ ନିର୍ବାଚନ ବନ୍ଦ ରହିଛି। ବିଭିନ୍ନ ଅ ।ଳ ଦେଖାଇ ଏହାକୁ ବନ୍ଦ କରିଦେଇଥିଲେ ତତକାଳୀନ ସରକାର। କିନ୍ତୁ ଏବେ ନୂଆ। ସରକାର ଯୁବ ନେତୃତ୍ୱ ସୃଷ୍ଟି କରିବା ସପକ୍ଷରେ ମତଦେଇ ଅ ।ଶା ଦେଖାଇଛନ୍ତି। ନିର୍ବାଚନ ପାଇଁ ବିଚ୍ଚର କରୁଛନ୍ତି ବୋଲି କହିଛନ୍ତି ଉଚ୍ଚଶିକ୍ଷାମନ୍ତ୍ରୀ ସୂର୍ଯ୍ୟବଂଶୀ ସୂରଜ।

ଉଚ୍ଚ ଶିକ୍ଷା ମନ୍ତ୍ରୀଙ୍କ ଏହି ବୟାନ ବୟାନ୍ ହୁଏତ ସେହି ଛାତ୍ରଛାତ୍ରୀଙ୍କୁ ଅ ।ଶ୍ୱସ୍ତ କରିଥିବ, ଯେଉଁମାନେ ଛାତ୍ର ସଂସଦ ନିର୍ବାଚନ ପାଇଁ ଅ ।ଶାୟୀ ଅଛନ୍ତି । ୬ ବର୍ଷ ହେବ ରାଜ୍ୟରେ ବନ୍ଦ ରହିଛି ଛାତ୍ର ସଂସଦ ନିର୍ବାଚନ। କେତେବେଳେ ମହାମାରୀ ତ' ଅ ।ଉ କେତେ ବେଳେ କ୍ୟାମ୍ପସ୍ କମିଟି ଅ ।ଳରେ କଲେଜ୍ ନିର୍ବାଚନ ବନ୍ଦ ରହିଛି। ଛାତ୍ର ସଂସଦ ନିର୍ବାଚନ ଦାବିରେ କେତେ ଅ ।ନ୍ଦୋଳନ ହୋଇଛି, ତତ୍କାଳୀନ ମନ୍ତ୍ରୀଙ୍କ ବାସଭବନ ଘେରାଉ ହୋଇଛି । ହେଲେ ନିର୍ବାଚନ ହୋଇନି। ଅ ।ଉ ନୂଆ। ସରକାର ଅ ।ସିବା ପରେ ଉଚ୍ଚଶିକ୍ଷାମନ୍ତ୍ରୀ ନୂଆ। ଯୁବ ନେତୃତ୍ୱ ସୃଷ୍ଟି କରିବା ସପକ୍ଷରେ ମତଦେଇ ଛାତ୍ର ସଂସଦ ନିର୍ବାଚନ ପ୍ରତି ଅ ।ଶା ଦେଖାଇଛନ୍ତି।

ରାଜ୍ୟର ତିନି ଛାମୁଆ। ଛାତ୍ର ସଂଗଠନ ମଧ୍ୟ ନିର୍ବାଚନ ପାଇଁ ଏକପ୍ରକାର ପ୍ରସ୍ତୁତି କଲେଣି । ନିଟ୍ ଏବଂ ୟୁଜିସି ନେଟ୍ ପ୍ରସଙ୍ଗରେ ଛାତ୍ର କଂଗ୍ରେସ ରାସ୍ତାକୁ ଓହ୍ଲାଇଥିବା ବେଳେ ବିଜେଡି ଏବଂ ବିଜେପିର ଛାତ୍ର ସଂଗଠନ ମଧ୍ୟ ତତ୍ପର ରହିଛି। ଅ ।ଉ ସମସ୍ତେ ଛାତ୍ର ସଂସଦ ନିର୍ବାଚନ ପାଇଁ ପ୍ରସ୍ତୁତ ଥିବା କହିଛନ୍ତି। ଏପଟେ ଛାତ୍ର ସଂସଦ ନିର୍ବାଚନ ବନ୍ଦ ରହିବା ଘଟଣାକୁ ନାପସନ୍ଦ କରିଛନ୍ତି ସମୀକ୍ଷକ। ଛାତ୍ର ନେତୃତ୍ୱ ଏବଂ ଯୁବ ନେତୃତ୍ୱ ସୃଷ୍ଟି କରିବା ଦିଗରେ ଛାତ୍ର ସଂସଦ ନିର୍ବାଚନର ଭୂମିକା ଗୁରୁତ୍ୱପୂର୍ଣ୍ଣ ବୋଲି କହିଛନ୍ତି । ତେବେ ଯେଉଁ ଦିଗ ପ୍ରତି ଉଚ୍ଚ ଶିକ୍ଷାମନ୍ତ୍ରୀ ଇସାରା ଦେଇଛନ୍ତି, ସେଇ ଛାତ୍ର ସଂସଦ ନିର୍ବାଚନ ନେଇ କେବେ ନିଷ୍ପତି ନେଉଛନ୍ତି ନୂଆ। ସରକାର, ତାକୁ ଅପେକ୍ଷା ରହିଛି ।

## ଆସନ୍ତା ଶିକ୍ଷାବର୍ଷରେ ଠିକ୍ ସମୟରେ ଛାତ୍ରଛାତ୍ରୀଙ୍କୁ ମିଳିବ ପାଠ୍ୟପୁସ୍ତକ

**ଭୁବନେଶ୍ୱର,୨୭।୬ (ମହାଭାରତ):** ଓଡିଶାର ସମସ୍ତ ସରକାରୀ ଏବଂ ସରକାରୀ ଅନୁଦାନପ୍ରାପ୍ତ ବିଦ୍ୟାଳୟରେ ବୃଦ୍ଧି ପାଇବ ଶିକ୍ଷାର ମାନ । ଏଥିପାଇଁ ପ୍ରସ୍ତୁତ ହେଉଛି ସ୍ୱତନ୍ତ୍ର ରୂପରେଖ । ପ୍ରାରମ୍ଭିକ ପର୍ଯ୍ୟାୟରେ ବିଦ୍ୟାଳୟ ଓ ଗଣଶିକ୍ଷା ମନ୍ତ୍ରୀ ନିତ୍ୟାନନ୍ଦ ଗଣ୍ଡ ଏହାର ସମୀକ୍ଷା କରିବା ସହିତ ଭିତିଭୂମି, ଶୈକ୍ଷିକ ପରିବେଶ, ବିଦ୍ୟାଳୟ ପରିଚାଳନା ଉପରେ ଗୁରୁତ୍ୱାରୋପ କରିଛନ୍ତି।

ମଙ୍ଗଳବାର ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗର ସମ୍ମିଳନୀ କକ୍ଷରେ ଏକ ସମୀକ୍ଷା ବୈଠକ ଅନୁଷ୍ଠିତ ହୋଇଯାଇଛି । ବୈଠକରେ ବିଭାଗୀୟ ଆୟୁକ୍ତ ତଥା ଶାସନ ସଚିବଙ୍କ ସମେତ ଅତିରିକ୍ତ ସଚିବ, ଯୁଗ୍ମ ସଚିବ, ବିତ ପରାମର୍ଶଦାତା ଓ ବରିଷ୍ଠ ଅଧିକାରୀମାନେ ଉପସ୍ଥିତ ଥିଲେ। ବିଭାଗୀୟ କମିଶନର ତଥା ଶାସନ ସଚିବ ଶ୍ରୀମତୀ ଅଶ୍ୱତୀ ଏସ୍. ବିଭାଗ ସମ୍ପର୍କରେ ମନ୍ତ୍ରୀ ଶ୍ରୀ ଗଣ୍ଡଙ୍କୁ ଅବଗତ କରାଇଛନ୍ତି । ବିଭାଗ ଅଧିନରେ ସମସ୍ତ କାର୍ଯ୍ୟକ୍ରମ କିପରି ସୁଚାରୁ ରୂପେ କରାଯିବ, ସେ ନେଇ ମନ୍ତ୍ରୀ ବିଚାରବିମର୍ଶ କରିଛନ୍ତି। ଆଗାମୀ ପାଞ୍ଚବର୍ଷ ପାଇଁ ଯୋଜନା ଖସଡ଼ା ପ୍ରସ୍ତୁତ ହୋଇଛି। ସମସ୍ତ ସରକାରୀ ଓ ସରକାରୀ ଅନୁଦାନପ୍ରାପ୍ତ ବିଦ୍ୟାଳୟରେ ଉତମ ଶିକ୍ଷାଦାନର ବ୍ୟବସ୍ଥା ହିଁ ରାଜ୍ୟ ସରକାରଙ୍କ ପ୍ରାଥମିକତା, ଏ ଦିଗରେ ବିଭିନ୍ନ କାର୍ଯ୍ୟକ୍ରମ ଗ୍ରହଣ କରାଯିବ ବୋଲି ମନ୍ତ୍ରୀ ଶ୍ରୀ ଗଣ୍ଡ କହିଛନ୍ତି। ବିଭିନ୍ନ କାରଣରୁ ବନ୍ଦ କରାଯାଇଥିବା ସରକାରୀ ଓ ସରକାରୀ ଅନୁଦାନପ୍ରାପ୍ତ ବିଦ୍ୟାଳୟଗୁଡ଼ିକର ସମୀକ୍ଷା କରାଯିବାକୁ ନିଷ୍ପତି ନିଆଯାଇଛି।

ଉଚ୍ଚ ବିଦ୍ୟାଳୟଗୁଡ଼ିକର ଭିତିଭୂମିରେ ହୋଇଥିବା ପରିବର୍ତନକୁ ଦୀର୍ଘସ୍ଥାୟୀ କରିବା ସହ ଆଗାମୀ ଦିନରେ ପ୍ରତ୍ୟେକଟି ଶ୍ରେଣୀଗୃହରେ ସ୍ମାର୍ଟ ବୋର୍ଡ, ଛାତ୍ରଛାତ୍ରୀମାନଙ୍କୁ ସଠିକ୍ ଢାଂଚାରେ ଶିକ୍ଷାଦାନ ଆଦିକୁ ନେଇ ଯୋଜନା ପ୍ରସ୍ତୁତ କରାଯାଉଛି। ସେହିପରି ପାଠାଗାର ଏବଂ ଅନ୍ୟାନ୍ୟ ଭିତିଭୂମିର ଉନ୍ନତିକରଣ ପାଇଁ ମଧ୍ୟ ଯୋଜନା ରହିଛି । କୋଡିଂ, ପ୍ରକଳ୍ପ ଭିତିକ ପାଠ୍ୟକ୍ରମ, ଜୀବନ କୌଶଳ ଆଧାରିତ ଶିକ୍ଷା, ଭାଷାଭିତିକ ସୃଜନଶୀଳତାକୁ ପ୍ରଧାନ୍ୟ ଦେଇ ଆକାଂକ୍ଷୀ ପାଠ୍ୟକ୍ରମକୁ ପ୍ରତ୍ୟେକ ବିଦ୍ୟାଳୟରେ କାର୍ଯ୍ୟକ୍ଷମ କରିବା ପାଇଁ ନିଷ୍ପତି ନିଆଯାଇଛି । ଏଥିସହିତ ଆଗାମୀ ଶିକ୍ଷାବର୍ଷରେ ସମସ୍ତ ଜିଲ୍ଲାର ପ୍ରତ୍ୟେକ ବ୍ଲକରେ ଠିକ୍ ସମୟରେ ଯେପରି ବହି ପହଞ୍ଚିବ ସେ ନେଇ ବିଭାଗୀୟ ଅଧିକାରୀଙ୍କୁ ମନ୍ତ୍ରୀ ଶ୍ରୀ ଗଣ୍ଡ ନିର୍ଦ୍ଦେଶ ଦେଇଛନ୍ତି। ପ୍ରାଥମିକ ବିଦ୍ୟାଳୟଗୁଡିକର ଭିତିଭୂମିର ବିକାଶ ସହିତ ଛାତ୍ରଛାତ୍ରୀମାନଙ୍କୁ କିପରି ଉନ୍ନତମାନର ଶିକ୍ଷା ମିଳିପାରିବ ସେ ସମ୍ବନ୍ଧରେ ସମୀକ୍ଷା ବୈଠକରେ ଆଲୋଚନା କରାଯାଇଛି। ମୌଳିକ ସାକ୍ଷରତା ଓ ସଂଖ୍ୟାଜ୍ଞାନ ଉପଯୋଗୀ ଶ୍ରେଣୀଗୃହ ସ୍ଥାପନା ଦିଗରେ ବିଭାଗ ପକ୍ଷରୁ ଆରମ୍ଭ ହୋଇଥିବା ବିଭିନ୍ନ କାର୍ଯ୍ୟକୁ ତ୍ୱରାନ୍ୱିତ କରିବା ପାଇଁ ନିଷ୍ପତି ନିଆଯାଇଛି । ସ୍ୱତନ୍ତ୍ର ଭାବେ ଏକ ଆସେଟ୍ ମ୍ୟାନଜମେଂଟ ସଫ୍‌ଟୱୋର ବିକାଶ କରାଯାଉଛି ଯାହା ଶିକ୍ଷା କ୍ଷେତ୍ରରେ ଏକ ବଡ ପରିବର୍ତନ ଆଣିବ । ଗଣଶିକ୍ଷା ବିଭାଗ ଅଧିନରେ ଆଦର୍ଶ ବିଦ୍ୟାଳୟକୁ ନୂତନ ରୂପ ଦିଆଯିବ। ସେହପରି ଓଡ଼ିଶା ଆଦର୍ଶ ବିଦ୍ୟାଳୟଗୁଡ଼ିକରେ ବିଶେଷକରି ଛାତ୍ରମାନଙ୍କ ପାଇଁ ଆବାସିକ ସୁବିଧାକୁ ସୁଦୃଢ଼ କରିବା ଉପରେ ମନ୍ତ୍ରୀ ଶ୍ରୀ ଗଣ୍ଡ ଗୁରୁତ୍ୱ ଦେଇଛନ୍ତି । ସମସ୍ତ ଆଦର୍ଶ ବିଦ୍ୟାଳୟରେ ଛାତ୍ରାବାସଗୁଡ଼ିକ ଯଥା ସମୟରେ କାର୍ଯ୍ୟକ୍ଷମ ହେବା ନେଇ ଆଲୋଚନା କରାଯାଇଛି । ସ୍ଥାନୀୟ ଅଞ୍ଚଳକୁ ଭିତିକରି ଉଚ୍ଚ ବିଦ୍ୟାଳୟକୁ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟରେ ପରିବର୍ତିତ କରାଯିବା ନେଇ କାର୍ଯ୍ୟପନ୍ଥା ଗ୍ରହଣ କରାଯାଉଛି। ଉଚ୍ଚ ମାଧ୍ୟମିକ ଶିକ୍ଷା କ୍ଷେତ୍ରରେ ସମସ୍ତ ଛାତ୍ରଛାତ୍ରୀମାନଙ୍କ ସୁବିଧା ପାଇଁ ଇ-ବିଷୟବସ୍ତୁର ୱେବ୍ ପ୍ରକାଶନ କରାଯିବ।

## ପ୍ରତିଶ୍ରୁତି କାର୍ଯ୍ୟକାରୀ

ଭକ୍ତଙ୍କ ପାଇଁ ଶ୍ରୀମନ୍ଦିର ଚାରି ଦ୍ୱାରା ଖୋଲିଲା। ଏହା ଏକ ଛୋଟିଆ ନିଷ୍ପତ୍ତି କିନ୍ତୁ ବହୁତ ବଡ଼ ପଦକ୍ଷେପ ବୋଲି କୁହାଯାଇପାରିବ। ସରକାରଙ୍କ ଏହି ପଦକ୍ଷେପକୁ ବିଭିନ୍ନ ମହଲରୁ ସ୍ୱାଗତ କରାଯାଇଛି ଏବଂ ଭକ୍ତମାନେ ଆଶ୍ୱସ୍ତ ହୋଇଛନ୍ତି। ସରକାର ବଦଳିବାର ପ୍ରଭାବ ପ୍ରଥମ ଦିନରୁ ଲୋକେ ଅନୁଭବ କରୁଛନ୍ତି। ରାଜ୍ୟରେ ଏକ ଲୋକପ୍ରିୟ ସରକାର ପ୍ରତିଷ୍ଠା ହୋଇଛି ବୋଲି ଏବେ ସମସ୍ତେ ଅନୁଭବ କରୁଛନ୍ତି। ଆଜିକୁ ଶହ ଶହ ବର୍ଷ ହେବ ଭକ୍ତମାନେ ଶ୍ରୀମନ୍ଦିରକୁ ସ୍ୱଚ୍ଛନ୍ଦରେ ପ୍ରବେଶ କରିଆସୁଥିଲେଏବଂ ବିନା ବାଧାରେ ମହାପ୍ରଭୁଙ୍କୁ ଦର୍ଶନ କରୁଥିଲେ। ୨୦୨୦ରେ କୋଭିଡ ମହାମାରୀ ଆସିବା ପରେ ଶ୍ରୀମନ୍ଦିରରେ ଭକ୍ତଙ୍କ ପ୍ରବେଶ ଉପରେ କଟକଣା ଲାଗିଲା। ପରେ ଶ୍ରୀମନ୍ଦିରର ସିଂହଦ୍ୱାରା ଖୋଲିଲା, କିନ୍ତୁ ଭକ୍ତଙ୍କ ପ୍ରବେଶକୁ ନିୟନ୍ତ୍ରିତ କରାଗଲା। ମହାପ୍ରଭୁ ଶ୍ରୀ ଜଗନ୍ନାଥ ହେଉଛନ୍ତି ଓଡିଆ ଜାତିର ଆରାଧ୍ୟ ଦେବତା ଏବଂ ପ୍ରତ୍ୟେକ ଓଡ଼ିଆଙ୍କର ପରିଚୟ। ଶ୍ରୀମନ୍ଦିର ହେଉଛି ହିନ୍ଦୁଧର୍ମାବଲମ୍ବୀ, ପ୍ରତ୍ୟେକ ଓଡ଼ିଆଙ୍କର ନିଜସ୍ୱ। ଶ୍ରୀମନ୍ଦିରରେ ଭକ୍ତଙ୍କ ପ୍ରବେଶ ଉପରେ କଟକଣା ଲଗାଇବାର ଅଧିକାର କୌଣସି ସରକାରଙ୍କର ନାହିଁ। କୋଭିଡ ମହାମାରୀ ବେଳେ କିଛି ମାସ ପାଇଁ କଟକଣା ଲାଗୁ ହେଲା। ପରେ ଯେତେବେଳେ କଟକଣା ହଟିଲା ସେତେବେଳେ କୁହାଗଲା ଯେ, ପର୍ଯ୍ୟାୟକ୍ରମେ ସବୁ ଦ୍ୱାରା ଖୋଲାଯିବ। ପ୍ରଥମ ସିଂହଦ୍ୱାର ଖୋଲାଗଲା। ଆଶା କରାଯାଉଥିଲା ଯେ, ଆଗକୁ ସବୁ ଦ୍ୱାରା ଖୋଲିବ। କିନ୍ତୁ ଦୁଇ ବର୍ଷ ହେବ ଲୋକେ ଅପେକ୍ଷା କରିଛନ୍ତି, ଶ୍ରୀମନ୍ଦିର ଚାରିଦ୍ୱାରା ଖୋଲିଲା ନାହିଁ। କୋଟି କୋଟି ଟଙ୍କା ଖର୍ଚ୍ଚ କରି ଶ୍ରୀମନ୍ଦିର ପରିକ୍ରମା ପ୍ରକଳ୍ପ ନାମରେ ଫାର୍ସ ଚାଲିଲା। କେବଳ ଜଣେ ବ୍ୟକ୍ତିଙ୍କ ଚିନ୍ତାଧାରା ଆଧାରରେ ଏହା କରାଗଲା। କିନ୍ତୁ ଶ୍ରୀମନ୍ଦିର ଚାରିଦ୍ୱାର ଖୋଲିବା ପାଇଁ ସାଧାରଣ ଜନତା, ଭକ୍ତମାନେ ଯେତେ ଆକୁଳ ନିବେଦନ କଲେ ମଧ୍ୟ ତାହା ସରକାରଙ୍କ କାନରେ ପଡ଼ିଲା ନାହିଁ। ଏହାର ପରିଣାମ ଶାସକ ଦଳକୁ ଭୋଗିବାକୁ ପଡ଼ିଲା। ଶ୍ରୀମନ୍ଦିର ହେଉଛନ୍ତି ଆମ ମନ୍ଦିର, ସାଧାରଣ ଜନତାଙ୍କ ମନ୍ଦିର , ମହାପ୍ରଭୁ କାଳିଆ ଠାକୁର ହେଉଛନ୍ତି ସାଧାରଣ ଲୋକଙ୍କ ଠାକୁର। ତାଙ୍କୁ ଦର୍ଶନ କରିବାକୁ ଆଧାର କାର୍ଡ ଦେଖାଇବାକୁ ପଡ଼ିବ, ପ୍ରଚଣ୍ଡ ଖରାରେ ଲାଇନରେ ଠିଆ ହେବକୁ ପଡ଼ିବ, ଏହାଠାରୁ ବଳି ଆଉ କ'ଣ ଦୁର୍ଭାଗ୍ୟର ବିଷୟ କ'ଣ ଥାଇପାରେ? ଗଣତନ୍ତ୍ରରେ ସରକାରଙ୍କୁ ଲୋକଙ୍କ କଥା ଶୁଣିବାକୁ ପଡ଼ିବ, ଲୋକଙ୍କ ଭାବନାକୁ ସମ୍ମାନ ଦେବାକୁ ପଡ଼ିବ। କିନ୍ତୁ ନବୀନ ପଟ୍ଟନାୟକ ସରକାର ଏହାକୁ ଭୁଲିଗଲେ। ବିନା କାରଣରେ ଶ୍ରୀମନ୍ଦିର ଚାରିଦ୍ୱାର ବନ୍ଦ ରଖିଲେ। ଭକ୍ତମାନେ ଦୁର୍ଦ୍ଦଶାର ସମ୍ମୁଖୀନ ହେଲେ। ଗତ ନିର୍ବାଚନ ବେଳେଏହା ଏକ ବଡ଼ ପ୍ରସଙ୍ଗ ଥିଲା। ବିଜେପି ପ୍ରତିଶ୍ରୁତି ଦେଇଥିଲା ଯେ, କ୍ଷମତାକୁ ଆସିଲେ ଏହା ଶ୍ରୀମନ୍ଦିର ଚାରିଦ୍ୱାର ଖୋଲିବ। ସରକାର ଗଠନର ୨୪ ଘଣ୍ଟା ଭିତରେ ପ୍ରତିଶ୍ରୁତି କାର୍ଯ୍ୟକାରୀ ହେଲା। ଭକ୍ତ ଓ ଶ୍ରଦ୍ଧାଳୁମାନେ ଭାରି ଖୁସି। ସମସ୍ତେ ଆଶ୍ୱସ୍ତ। ଏବେ ସମସ୍ତେ ସ୍ୱଚ୍ଛନ୍ଦରେ ମହାପ୍ରଭୁଙ୍କୁ ଦର୍ଶନ କରିପାରିବେ। ଏଥିପାଇଁ ମୁଖ୍ୟମନ୍ତ୍ରୀଙ୍କୁ ଅଶେଷ ଧନ୍ୟବାଦ। ଏକ ଛୋଟିଆ ନିଷ୍ପତ୍ତି ଯାହା ପାଇଁ ଟଙ୍କାଟିଏ ଖର୍ଚ୍ଚ ହେଉନାହିଁ, କିନ୍ତୁ ତାହାର ପ୍ରଭାବ ଅସୀମ। ଲୋକେ ଏବେ ଅନୁଭବ କରୁଛନ୍ତି, ସେମାନେ ଯେଉଁ ଦଳକୁ ଭୋଟ ଦେଇଛନ୍ତି, ଯାହାକୁ କ୍ଷମତାସୀନ କରାଇଛନ୍ତି, ତାହା ସମ୍ପୂର୍ଣ୍ଣ ସଠିକ। କେବଳ ଶ୍ରୀମନ୍ଦିର ଚାରିଦ୍ୱାର ଖୋଲିବା ନିଷ୍ପତ୍ତି ନୁହେଁ, ଗତ ୪ ବର୍ଷ ହେବ ଲୋକସେବା ଭବନରେ ସାମ୍ବାଦିକମାନଙ୍କ ପ୍ରବେଶ ଉପରେ ଯେଉଁ କଟକଣା ଲାଗିଥିଲା ତାହାକୁ ହଟାଇଦିଆଯାଇଛି। ଏହା ବି ଏକ ବଡ଼ ନିଷ୍ପତ୍ତି।

## ସଂକ୍ରାମକ ହେପାଟାଇଟିସ୍

॥ ଡାକ୍ତର ଉମେଶ ଚନ୍ଦ୍ର ପାତ୍ର ॥

*“ ଛୋଟ ପିଲାମାନେ ସାଧାରଣତଃ ଜନ୍ମ ସମୟରେ ସଂକ୍ରମିତ ମାଆ ଠାରୁ ଭୂତାଣୁର ଶିକାର ହୋଇଥାନ୍ତି ଯାହାକୁ ସିଧାପ୍ରସାରଣ କୁହାଯାଏ । ଭୂତାଣୁ ପ୍ରସାରଣର ଦ୍ୱିତୀୟ ମାଧମ ହେଉଛି ଗୋଟିଏ ପିଲାଠାରୁ ଅନ୍ୟ ଏକ ପିଲାକୁ ସଂକ୍ରମଣ । ଏହାକୁ ସମାନ୍ତର ପ୍ରସାରଣ କୁହାଯାଏ । ଅସୁରକ୍ଷିତ ଯୌନ ସମ୍ପର୍କ ଦ୍ୱାରା ମଧ ଏହି ଭୂତାଣୁ ବ୍ୟାପିଥାଏ । ସମଗ୍ର ପୃଥିବୀରେ ୩୫୦ ମିଲିୟନ ଲୋକ ହେପାଟାଇଟିସ୍ 'ବି'ର ବାହକ । ଛଅ ଲକ୍ଷ ଲୋକ ପ୍ରତିବର୍ଷ ହେପାଟାଇଟିସ୍ 'ବି' ରୋଗରେ ଆକ୍ରାନ୍ତ ହୋଇ ମୃତ୍ୟୁବରଣ କରନ୍ତି ।*

ରାଜ୍ୟ ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ସୂଚୀତ କରାଯାଇଛି ଯେ ରାଜ୍ୟରେ ହେପାଟାଇଟିସ ବି ଓ ହେପାଟାଇଟିସ ସି ଏକ ବୃହତ ଜନସ୍ୱାସ୍ଥ୍ୟ ସମସ୍ୟା ସୃଷ୍ଟି କରିଛି ଓ ଏହା ଏକ ରୋଗ ରକ୍ତବାହିତ ରୋଗ ହୋଇଥିବାରୁ ଏହାକୁ ଏକ ନୋଟିଫାୟବଲ (ବିଜ୍ଞାପିତ ରୋଗ) ଅଟେ। ତେଣୁ ସମସ୍ତ ସରକାରୀ, ଘରୋଇ, ଏଜିଓ କ୍ଷେତ୍ରରେ ରୋଗୀଙ୍କ ପରୀକ୍ଷା ଚିକିତ୍ସା ହେଉଥିଲେ ଏ ନେଇ ସମସ୍ତ ସମ୍ପର୍କିତ ତଥ୍ୟ ଜିଲ୍ଲା ତଥା ରାଜ୍ୟର ସର୍ଭେଲାନ୍ସ ଅଧିକାରୀଙ୍କୁ ଜଣାଯିବ। ସୂଚନାଥାଉକି ହେପାଟାଇଟିସ ସିକୁ ସଠିକ ସମୟରେ ତନିମାସ ପାଇଁ ଚିକିତ୍ସା କରାଗଲେ ତାହା ଭଲ ହୋଇପାରିବ ମାତ୍ର ହେପାଟାଇଟିସ ବି ପାଇଁ ଜୀବନବ୍ୟାପୀ ଚିକିତ୍ସା ଦରକାର। ତେବେ ଡାଇଗ୍ନୋସିସର ଅଭାବ ପାଇଁ ଯକୃତ ନଷ୍ଟ ଓ ହେପାଟୋ ସେଲ୍ୟୁଲାର କାସିନୋମା ବା ଯକୃତ କର୍କଟ ଦେଖାଦେଉଛି। ରାଜ୍ୟରେ ଏହି ଦୁଇ ରୋଗକୁ ହ୍ରାସ କରିବାକୁ ହେଲେ ଧାର୍ଯ୍ୟ ସମୟରେ ଆବଶ୍ୟକ ତଥ୍ୟ ସହିତ ପ୍ଲାନିଂ ଓ ଇଣ୍ଟରଭେସନର ଆବଶ୍ୟକତା ରହିଛି। ସୂଚନା ଥାଉକି ଗତ ବର୍ଷ ସ୍ୱାସ୍ଥ୍ୟ ବିଭାଗ କର୍କଟ ରୋଗକୁ ଏକ ନୋଟିଫାଏବୁଲ ରୋଗ ଭାବେ ଘୋଷଣା କରିଥିଲେ।

ସାଧାରଣରେ ହେପାଟାଇଟିସ୍ ବି ଏକ ସଂକ୍ରାମକ ରୋଗ । ହେପାଟାଇଟିସ 'ବି' ଭୂତାଣୁ ଦ୍ୱାରା ସୃଷ୍ଟି ହେଉଥିବା ଏହି ରୋଗଟି ମଣିଷର ଯକୃତକୁ ଆକ୍ରାନ୍ତ କରି ଯନ୍ତ୍ରଣା ଦେଇଥାଏ । ଯାହାକୁ ଯକୃତ ପ୍ରଦାହ କୁହାଯାଏ । ଏହି ରୋଗୀ ମାନଙ୍କର ଆଖି ହଳଦିଆ ଦିଶେ, ଏହା ସହ ଯକୃତ ଫୁଲିଯାଇଥାଏ, ଜ୍ୱର ଅନୁଭୂତ ହେବା ସହ ବାନ୍ତି ମଧ ହୋଇଥାଏ । ଯଦି ଦୀର୍ଘ ଚିକିତ୍ସା ଦ୍ୱାରା ଶରୀରରୁ ଏହି ଭୂତାଣୁର ବିଲୋପ ନହୁଏ ତେବେ ଏହା ଲିଭର ସିରୋସିସ୍ ବା ଜଳଉଦରୀ ଏବଂ ଯକୃତ କର୍କଟ ରୋଗ ମଧ ସୃଷ୍ଟି କରିପାରେ । ଏକ ପରିସଂଖ୍ୟାନରୁ ଜଣାଯାଇଛି ଯେ ଆମ ଦେଶରେ ପ୍ରାୟ ୮୦ଭାଗ ଯକୃତ କର୍କଟ ରୋଗ ପାଇଁ ହେପାଟାଇଟିସ୍ 'ବି' ସଂକ୍ରମଣ ହିଁ ଦାୟୀ । ଦେଶରେ ହେପାଟାଇଟିସ୍ 'ବି' ଭୂତାଣୁର ବାହକ ବହୁ ସଂଖ୍ୟାରେ ଅଛନ୍ତି । ଏହି ବାହକମାନେ ସାଧାରଣରେ ନୀରୋଗ ଓ ସୁସ୍ଥ ଜଣାପଡ଼ିଥାନ୍ତି । ଏହି ଭୂତାଣୁ ଦ୍ୱାରା ଅନ୍ୟ ଲୋକମାନେ ମଧ ସଂକ୍ରମିତ ହୋଇଥାନ୍ତି। ବିଶୁଦ୍ଧ ହୋଇନଥିବା ଛୁଞ୍ଚି ଦ୍ୱାରା ଇଞ୍ଜେକସନ୍ ନେଲେ କିମ୍ବା କର୍ଣ୍ଣଛେଦନ (କାନଫୋଡା ବା ଚିତାକୁଟା) କଲେ, ଅପରିଷ୍କାର ଯନ୍ତ୍ରପାତି ଦ୍ୱାରା ଅସ୍ତ୍ରୋପଚାର ବା ଘା' ସିଲେଇ କଲେ, ଏହି ସଂକ୍ରମଣର ସମ୍ଭାବନା ରହିଥାଏ । ସେହିପରି ସଂକ୍ରମିତ ରକ୍ତଦେଲେ ହେପାଟାଇଟିସ୍ 'ବି' ଭୂତାଣୁ ଦ୍ୱାରା ସଂକ୍ରମିତ ହେବାର ସମ୍ଭାବନା ଖୁବ୍ ବଢ଼ିଥାଏ । ଅସୁରକ୍ଷିତ ଯୌନ ସମ୍ପର୍କ ଦ୍ୱାରା ମଧ ଏହି ରୋଗ ବ୍ୟାପିଥାଏ।

ଛୋଟ ପିଲାମାନେ ସାଧାରଣତଃ ଜନ୍ମ ସମୟରେ ସଂକ୍ରମିତ ମାଆ ଠାରୁ ଭୂତାଣୁର ଶିକାର ହୋଇଥାନ୍ତି ଯାହାକୁ ସିଧାପ୍ରସାରଣ କୁହାଯାଏ । ଭୂତାଣୁ ପ୍ରସାରଣର ଦ୍ୱିତୀୟ ମାଧମ ହେଉଛି ଗୋଟିଏ ପିଲାଠାରୁ ଅନ୍ୟ ଏକ ପିଲାକୁ ସଂକ୍ରମଣ । ଏହାକୁ ସମାନ୍ତର ପ୍ରସାରଣ କୁହାଯାଏ । ଅସୁରକ୍ଷିତ ଯୌନ ସମ୍ପର୍କ ଦ୍ୱାରା ମଧ ଏହି ଭୂତାଣୁ ବ୍ୟାପିଥାଏ। ସମଗ୍ର ପୃଥିବୀରେ ୩୫୦ ମିଲିୟନ ଲୋକ ହେପାଟାଇଟିସ୍ 'ବି'ର ବାହକ। ଛଅ ଲକ୍ଷ ଲୋକ ପ୍ରତିବର୍ଷ ହେପାଟାଇଟିସ୍ 'ବି' ରୋଗରେ ଆକ୍ରାନ୍ତ ହୋଇ ମୃତ୍ୟୁବରଣ କରନ୍ତି। ଆମେରିକା, ୟୁରୋପ, ଅଷ୍ଟ୍ରେଲିଆ ଓ ନ୍ୟୁଜିଲାଣ୍ଡ ଇତ୍ୟାଦି ଦେଶରେ ହେପାଟାଇଟିସ୍ 'ବି'ର ବାହକ ସାଧାରଣତଃ କମ୍ (୦.୧-୨%)। ଜାପାନ, ଭାରତ, ସିଙ୍ଗାପୁର ଓ ଭୂମଧ ସାଗରୀୟ ଅଞ୍ଚଳରେ ୩-୫% ବ୍ୟକ୍ତି ହେପାଟାଇଟିସ୍ 'ବି'ର ବାହକ। ଦକ୍ଷିଣ ପୂର୍ବ ଏସିଆ, ଚାଇନା ଓ ଆଫ୍ରିକା ମହାଦେଶରେ ୮ରୁ ୧୨% ବ୍ୟକ୍ତି ହେପାଟାଇଟିସ୍ 'ବି'ର ବାହକ ଅଟନ୍ତି।

ଆମ ଦେଶରେ ବର୍ତ୍ତମାନ ପାଖାପାଖି ପାଞ୍ଚକୋଟି ହେପାଟାଇଟିସ୍ 'ବି' ଭୂତାଣୁର ବାହକ ରହିଛନ୍ତି । ଏହି ହେପାଟାଇଟିସ୍ 'ବି' ଭୂତାଣୁ ସଂକ୍ରମିତ ପିଲାମାନଙ୍କ ସାଧାରଣତଃ କୌଣସି ଲକ୍ଷଣ ନଥାଏ ଓ ଏମାନେ ନୀରୋଗ ଓ ସୁସ୍ଥ ଜଣାପଡ଼ିଥାନ୍ତି । ଏହି ସୁସ୍ଥ ଦେଖାଯାଉଥିବା ପିଲାମାନେ ତାଙ୍କ ସଂସ୍ପର୍ଶରେ ଆସୁଥିବା ଅନ୍ୟ ପିଲାମାନଙ୍କୁ ଅଜାଣତରେ ଏହି ଭୂତାଣୁ ପ୍ରଦାନ କରିଥାନ୍ତି । ପରବର୍ତ୍ତୀ କାଳରେ ଏହି ସୁସ୍ଥ ଦେଖାଯାଉଥିବା ବାହକ ପିଲାଟି ଯକୃତ ସିରୋସିସ୍ ବା ଯକୃତ କର୍କଟ ରୋଗରେ ଆକ୍ରାନ୍ତ ହୋଇଥାଏ । କେତେକ ପ୍ରକାଶିତ ରିପୋର୍ଟ ଅନୁଯାୟୀ ଶିଶୁ ଅବସ୍ଥାରେ ସଂକ୍ରମିତ ହୋଇଥିବା ପ୍ରତି ଚାରିଜଣଙ୍କ ମଧ୍ୟରୁ ଜଣେ ଯକୃତ କର୍କଟ ରୋଗରେ ପ୍ରାଣ ହରାଇଥାନ୍ତି ।

ପ୍ରକାଶିତ ବିଭିନ୍ନ ରିପୋର୍ଟର ତଥ୍ୟ ଅନୁଯାୟୀ ଜଣାଯାଇଛି ଯେ, ଭାରତରେ ପ୍ରତି କୋଡିଏ ଜଣଙ୍କ ମଧ୍ୟରୁ ଅନ୍ୟୁନ ଜଣେ ଏହି ହେପାଟାଇଟିସ୍ 'ବି' ଭୂତାଣୁର ବାହକ । ସବୁଠାରୁ ଉଦ୍‌ବେଗଜନକ ତଥ୍ୟ ହେଉଛି ଏହାଯେ, ଅଧିକାଂଶ ବାହକମାନେ ଜାଣିନଥାନ୍ତି ଯେ ସେମାନେ ଏହି ଭୂତାଣୁ ଦ୍ୱାରା ସଂକ୍ରମିତ । ଏହି ବାହକ ମାନଙ୍କ ସାଙ୍ଗରେ ଆକସ୍ମିକ ସଂପର୍କ ଦ୍ୱାରା ଏହି ଭୂତାଣୁ ଜଣେ ସୁସ୍ଥ ଲୋକର ଶରୀରକୁ ପ୍ରବେଶ କରେ। ହେପାଟାଇଟିସ୍ 'ବି' ଏଡ୍‌ସ ଠାରୁ ଶହେଗୁଣ ଅଧିକ ସଂକ୍ରାମକ । ପରିସଂଖ୍ୟାନରୁ ଜଣାଯାଇଛି ଭାରତରେ ପାଞ୍ଚକୋଟିରୁ ଅଧିକ ହେପାଟାଇଟିସ୍ 'ବି'ର ବାହକ ଅଛନ୍ତି ଓ ଚାଳିଶ ଲକ୍ଷରୁ ଉର୍ଦ୍ଧ୍ୱ ଲୋକ ଏହି ଭୂତାଣୁ ଜନିତ ସାଂଘାତିକ ଯକୃତ ରୋଗରେ କଷ୍ଟ ପାଉଛନ୍ତି । ପ୍ରତିବର୍ଷ ପ୍ରାୟ ଏକଲକ୍ଷ ଲୋକ ଏହି ଭୂତାଣୁ ଜନିତ ଯକୃତ ରୋଗରେ ମୃତ୍ୟୁବରଣ କରିଥାନ୍ତି । ହେପାଟାଇଟିସ୍ 'ବି' ପ୍ରତିଷେଧକ ଟୀକା ବ୍ୟବହାର କଲେ ଏହି ରୋଗରୁ ସୁରକ୍ଷିତ ରହିହେବ । ସାଧାରଣତଃ ତିନୋଟି ଟୀକା ଜଣେ ଲୋକକୁ ନେବାକୁ ପଡ଼ିଥାଏ । ପ୍ରଥମ ଟୀକାର ଏକମାସ ପରେ ଦ୍ୱିତୀୟ ଟୀକା ଓ ପ୍ରଥମ ଟୀକାର ଛଅମାସରେ ତୃତୀୟ ଟୀକା ନେବାକୁ ପଡ଼ିଥାଏ । ସାଧାରଣତଃ ଏହି ଟୀକା ନେବାପରେ ଶରୀରରେ କୌଣସି କୁପ୍ରଭାବ ଦେଖାଯାଇନଥାଏ । ବର୍ତ୍ତମାନ ପର୍ଯ୍ୟନ୍ତ ଏହି ସଂକ୍ରାମକ ହେପାଟାଇଟିସ୍ 'ବି' ପାଇଁ ଯେଉଁ ପ୍ରକାରର ଉତ୍କୃଷ୍ଟ ଧରଣର ଔଷଧ ଆବିଷ୍କାର ହୋଇଅଛି ତାହାଦ୍ୱାରା ଏହି ଭୂତାଣୁକୁ ଶରୀରରୁ ସଂପୂର୍ଣ୍ଣ ନିଶ୍ଚିନ୍ନ କରିହେବନାହିଁ । ଯେଉଁ ଔଷଧଗୁଡ଼ିକ ଏହି ଭୂତାଣୁ ବିରୋଧରେ କିଛି ପରିମାଣରେ ସଫଳତା ଲାଭ କରିଥାଏ ସେଗୁଡ଼ିକ ମଧ୍ୟରୁ ବଜାରରେ ଉପଲବ୍ଧ ହେଉଥିବା ଇଣ୍ଟରଫେରନ୍, ଏଣ୍ଟାକେଭିର ଓ ଟେନୋଫୋଭିର୍ ମୁଖ୍ୟ । ଏହି କାରଣ ଯୋଗୁଁ ସବୁଠାରୁ ଉତ୍ତମ ଉପାୟ ହେଉଛି ସଂକ୍ରମଣରୁ ନିଜକୁ ରକ୍ଷା କରିବା, ଏହା କେବଳ ଟୀକା ଦ୍ୱାରା ସମ୍ଭବ । ସାଧାରଣତଃ ହେପାଟାଇଟିସ୍ 'ବି' ଏକ ସଂକ୍ରାମକ ରୋଗ ହୋଇଥିଲେ ବି ଏହାକୁ ନେଇ ସେପରି ଭୟଭୀତ ହେବାର କାରଣ ନାହିଁ । ଅଭିଜ୍ଞ ଲିଭର ବିଶେଷଜ୍ଞଙ୍କ ପରାମର୍ଶ ନେଲେ ପ୍ରାଥମିକ ଅବସ୍ଥାରୁ ଏହାର ନିରାକରଣ ସମ୍ଭବ ।

ପ୍ରଫେସର, ହେପାଟାଲୋଜି ବିଭାଗ, ଶ୍ରୀରାମଚନ୍ଦ୍ର ଭଞ୍ଜ ମେଡ଼ିକାଲ କଲେଜ, କଟକ, ଦୂରଭାଷ : ୯୪୩୭୦୫୧୯୫୭

## ବଢୁଛି ମଧୁମେହ ରୋଗୀଙ୍କ ସଂଖ୍ୟା

॥ ଗୋପାଳ ମହାପାତ୍ର ॥

ନିକଟରେ ଇଂଲଣ୍ଡରୁ ପ୍ରକାଶିତ ମେଡ଼ିକାଲ ଜର୍ଣ୍ଣାଲ ଲେସେଣ୍ଟରେ ପ୍ରକାଶିତ ଏକ ରିପୋର୍ଟ ଅନୁସାରେ ବାରତରେ ମଧୁମେହ (ଡାଇବେଟିସ୍) ରୋଗିଙ୍କ ସଂଖ୍ୟା ୧୦କୋଟିରୁ ଅଧିକ ହୋଇଗଲାଣି । ୪ ବର୍ଷ ତଳେ ଏହିରୋଗୀଙ୍କ ସଂଖ୍ୟା ଯାହାଥିଲା ତାର ୪୪ ପ୍ରତିଶତ ଏଇ ୪ ବର୍ଷ ମଧ୍ୟରେ ବୃଦ୍ଧି ପାଇଛି । ଆଇ.ସି.ଏମ୍.ଆର୍ ପକ୍ଷରୁ ଏ ପ୍ରସଙ୍ଗରେ କରାଯାଇଥିବା ଅଧ୍ୟୟନରୁ ଜଣାପଡ଼ିଛି ଯେ ପ୍ରି ଡାଇବେଟିସ୍ ବା ଯେଉଁମାନେ ଏହି ରୋଗରେ ଆକ୍ରାନ୍ତ ହେବାକୁ ଯାଉଛନ୍ତି ଅନ୍ୟ ଅର୍ଥରେ ଯେଉଁମାନଙ୍କଠାରେ ଏହି ରୋଗର ଲକ୍ଷଣ ଜଣାପଡୁଛି ସେମାନଙ୍କ ସଂଖ୍ୟା ସାଢ଼େ ତେର କୋଟିରୁ ଅଧିକ ଯାହା ଦେଶର ବର୍ତ୍ତମାନ ଜନସଂଖ୍ୟାର ୧୫ ପ୍ରତିଶତରୁ ଅଧିକ । ଅନ୍ୟପକ୍ଷରେ ବିଶ୍ୱ ସ୍ୱାସ୍ଥ୍ୟ ସଂଗଠନର ତଥ୍ୟ ଅନୁସାରେ ସାରା ବିଶ୍ୱରେ ପ୍ରତିବର୍ଷ ମଧୁମେହ ବା ଡାଇବେଟିସ ରୋଗରେ ପାଖାପାଖି ୪୦ ଲକ୍ଷ ଲୋକଙ୍କର ମୃତ୍ୟୁ ହେଉଛି । ଭାରତକୁ ଏକ ଯୁବା ଦେଶ ବୋଲି କୁହାଯାଉଛି କାରଣ ଦେଶରେ ଯୁବ ସଂଖ୍ୟା ଅଧିକ। କିନ୍ତୁ ଗୁରୁତ୍ୱପୂର୍ଣ୍ଣ କଥା ହେଉଛି ଭାରତରେ ଯୁବପିଢ଼ୀ ଅଧିକ ଭାବରେ ଏହି ରୋଗରେ ଆକ୍ରାନ୍ତ ହେଉଛନ୍ତି । ଏହି ତଥ୍ୟ ଗୁରୁତ୍ୱପୂର୍ଣ୍ଣ ନିଶ୍ଚୟ । ସ୍ୱର୍ଶକାତର କଥା ହେଉଛି ୨୦ରୁ ୩୫ ବର୍ଷର ଯୁବକମାନେ ଅଧିକ ଭାବେ ମଧୁମେହ ରୋଗରେ ପୀଡ଼ିତ ହେଉଛନ୍ତି । ଏଣୁ ମଧୁମେହ ବା ଡାଇବେଟିସ୍ ଏକ ସମସ୍ୟା ଭାବେ ଉଭାହେଲାଣି । ବିଶ୍ୱ ସ୍ୱାସ୍ଥ୍ୟ ସଂଗଠନର ରିପୋର୍ଟ କହୁଛି ଯେ ୧୮ବର୍ଷରୁ କମବୟସର ପିଲାଙ୍କ ମଧ୍ୟରୁ ୨୨ ପ୍ରତିଶତ ମେଦବହୁଳତାର ଶିକାର ହେଉଛନ୍ତି । ଏ ପ୍ରସଙ୍ଗରେ କୁହାଯାଇଛି ଯେ ଜୀବନଚର୍ଯ୍ୟାରେ ବ୍ୟତିକ୍ରମ ହିଁ ମଧୁମେହ ରୋଗର ପ୍ରମୁଖ କାରଣ । ବ୍ୟାୟାମ ନକରିବା ଏପରିକି ଶାରିରିକ ପରିଶ୍ରମରୁ ଦୁରେଇ ରହିବା, ଉଚ୍ଚ କ୍ୟାଲୋରୀର ଖାଦ୍ୟ ଖାଇବା, ଅଧିକ ମିଠା ଖାଇବା ମଧ୍ୟ ଏହି ରୋଗର ଅନ୍ୟତମ କାରଣ । ତାହେଲେ ପାଶ୍ଚାତ୍ୟ ଶୈଳୀକୁ ଆପଣେଇ ଆମେ କ'ଣ ରୋଗକୁ ଆମନ୍ତ୍ରଣ କରୁଛେ? ଖାଦ୍ୟ ବିଶେଷଜ୍ଞମାନଙ୍କ ମତରେ ସ୍ୱାସ୍ଥ୍ୟପାଇଁ ସେ ସବୁ ଜିନିଷ ଠିକ୍ ଯାହା ଆମ ଆଖପାଖରେ ମିଳିଥାଏ । ଫଳ, ପନିପରିବା, ଖାଦ୍ୟଶସ୍ୟର ପ୍ରକୃତି ଯାହା ଆମ ଶରୀରର ପ୍ରକୃତି ମଧ୍ୟ ଠିକ୍ ସେୟା । ଶରୀର ପାଇଁ ଫାଷ୍ଟଫୁଡ୍ ଆଦୌ ଠିକ୍ ନୁହେଁ । ସେହିଭଳି ଶୀତତାପ ନିୟନ୍ତ୍ରଣ ଯନ୍ତ୍ର ବ୍ୟବହାର କରିବା ଦ୍ୱାରା ବାହାରର ପ୍ରାକୃତିକ ବାୟୁ ପାଇବାରୁ ଆମେ ବଞ୍ଚିତ ହେଉଛେ । ନୂଆ ନୂଆ ପ୍ରକାରର ପାନୀୟ ଏବଂ ଆମ ପରିବେଷରେ ଉତ୍ପନ୍ନ ହେଉନଥିବା ଫଳ (ଖାଦ୍ୟପଦାର୍ଥ) ବାବଦରେ କୌଣସି ପରୀକ୍ଷା ନୀରିକ୍ଷା ନ କରି ଆମେ ତାକୁ ଗ୍ରହଣ କରିନେଉଛେ । ବଜାରରେ ଉପଲବ୍ଧ ଅନେକ ପ୍ରକାରର ପ୍ୟାକେଟ ଖାଦ୍ୟ ଏବଂ 'ଷ୍ଟ୍ରିଟ୍ଫୁଡ୍ ମଧ୍ୟ ଆମେ ବ୍ୟବହାର କରୁଛେ ଯାହା ସ୍ୱାସ୍ଥ୍ୟ ଉପରେ ବିପରିତ ପ୍ରଭାବ ପକାଇ ଥାଏ ।

ଭାରତରେ ମଧୁମେହ, ଏଞ୍ଜାଇଟି ଡିଜ୍‌ଅର୍ଡ଼ର, ଅବସାଦ ଭଳି ଜୀବନଶୈଳୀ ସଂବନ୍ଧିତ ରୋଗ ବିଶେଷ ଭାବରେ ସହରାଞ୍ଚଳରେ ଅଧିକ ଦେଖାଯାଉଛି । ମଧୁମେହ ଭଳି ଅବସାଦ ଓ ମାନସିକ ଚାପ ମଧ୍ୟ ଯୁବକ ମାନଙ୍କଠାରେ ଅଧିକ ଭାବେ ଦେଖିବାକୁ ମିଳୁଛି। ଏବେ ଗ୍ରାମାଞ୍ଚଳରେ ମଧ୍ୟ ଏସବୁ ରୋଗ ବ୍ୟାପିଲାଣି ଓ ରୋଗୀଙ୍କ ସଂଖ୍ୟା ବଢ଼ିବାରେ ଲାଗିଲାଣି । ବିଶ୍ୱସ୍ତରୀୟ ରିପୋର୍ଟ ଅନୁସାରେ ବିଶ୍ୱର ଅନ୍ୟଦେଶମାନଙ୍କ ଅପେକ୍ଷା ଭାରତରେ ଅଧିକ ମଧୁମେହ ରୋଗୀ ଅଛନ୍ତି । ଭାରତର ୩୧ରାଜ୍ୟ ଏବଂ କେନ୍ଦ୍ରଶାସିତ ପ୍ରଦେଶମାନଙ୍କ ବାବଦରେ ମେଡ଼ିକାଲ ଜର୍ଣ୍ଣାଲ ଲେସେଣ୍ଟରେ ପ୍ରକାଶ ପାଇଛି । ଗୋଆ, ପୁଡୁଚେରି, କେରଳ, ଚଣ୍ଡଗଡ଼, ଦିଲ୍ଲୀ, ତାମିଲନାଡୁ ଓ ପଶ୍ଚିମବଙ୍ଗ, ସିକିମ୍, ପଞ୍ଜାବ ଏବଂ ହରିଆଣାରେ ମଧୁମେହ ରୋଗୀଙ୍କ ସଂଖ୍ୟା ଅଧିକ । ଓଡ଼ିଶାରେ ମଧ୍ୟ ଏହି ରୋଗ ବ୍ୟାପିବାରେ ଲାଗିଛି । ୨୦୧୬ର ସରକାରୀ ତଥ୍ୟ ଅନୁସାରେ ଅଧିକ ମଧୁମେହ ରୋଗୀ ଥିବା ଦେଶର ୨୦ଟି ଜିଲ୍ଲା ମଧ୍ୟରେ ରହିଥିଲା ଖୋର୍ଦ୍ଧା ଜିଲ୍ଲା ଏବଂ କଟକ ଜିଲ୍ଲା । ୨୦୨୦ ଡିସେମ୍ବର ମାସରେ ପ୍ରକାଶିତ ଏକ ରିପୋର୍ଟ ଅନୁସାରେ ଓଡ଼ିଶାରେ ୪.୨ନିୟୁତ ମଧୁମେହ ରୋଗୀ ଥିଲେ । ଏଣୁ ଏବେ ଏମାନଙ୍କ ସଂଖ୍ୟା ବଢ଼ିଯିବଣି ନିଶ୍ଚୟ । ୨୦୨୧ରେକେନ୍ଦ୍ର ସରକାରଙ୍କ ଜାତୀୟ ପରିବାର ସ୍ୱାସ୍ଥ୍ୟ ସର୍ବେକ୍ଷଣ (ଏନ୍ ଏ଼, ଏଚ୍ ଏସ୍) ଯେଉଁ ରିପୋର୍ଟ ପ୍ରକାଶ କରିଥିଲେ ତାହା ଉଦ୍‌ବେଗ ଜନକ। ରିପୋର୍ଟ ଅନୁସାରେ ଓଡ଼ିଶାର ପ୍ରତି ୪ଜଣ ପୁରୁଷଙ୍କ ମଧ୍ୟରୁ ଜଣେ ମଧୁମେହ ଓ ଅବସାଦଗ୍ରସ୍ତ ରୋଗୀ ହୋଇଥିବା ବେଳେ ପ୍ରତି ୫ଜଣ ମହିଳାଙ୍କ ମଧ୍ୟରେ ଜଣେ ଏଭଳି ରୋଗୀ ଅଛନ୍ତି । ଏହି ରିପୋର୍ଟ ଅନୁସାରେ ରାଜ୍ୟର ୧୫ବର୍ଷର ୨୫.୫ ପ୍ରତିଶତ ପୁଅ ଏବଂ ୨୨.୪ ପ୍ରତିଶତ ପ୍ରତିଶତ ଝିଅ ଉଚ୍ଚରକ୍ତଚାପ ରୋଗର ଶୀକାର । ସ୍ୱାସ୍ଥ୍ୟ ବିଶେଷଜ୍ଞ ମାନଙ୍କ ଅନୁସାରେ ମଧୁମେହ ଏକ ସାଇଲେଣ୍ଟ କିଲର ବା ଅନ୍ୟ ଅର୍ଥରେ ଧିରେ ଧିରେ ମଣିଷକୁ ମୃତ୍ୟୁମୁଖକୁ ଟାଣି ନେଉଥିବା ରୋଗ।

ଦେଶରେ ମଧୁମେହ ରୋଗୀଙ୍କ ସଂଖ୍ୟା ଦିନ ପ୍ରତିଦିନ ବଢ଼ିବାରେ ଲାଗିଛି । ପିଲାଠାରୁ ବୁଢ଼ା ପର୍ଯ୍ୟନ୍ତ ସବୁ ବୟସର ଲୋକଙ୍କୁ ଆକ୍ରାନ୍ତ କରୁଛି ଏହି ରୋଗ । ସୁସ୍ଥବ୍ୟକ୍ତିର ଖାଇବା ପୂର୍ବର ରକ୍ତରେ ଗ୍ଲୁକୋଜ ସ୍ତର ୭୦ରୁ ୧୦୦ ଏମ୍.ଜି.ଡିଏଲ୍ ରହିଥାଏ । ଖାଇବା ପରେ ଏହି ସ୍ତର ୧୨୦ରୁ ୧୪୦ଏମ୍.ଜି.ଡିଏଲ୍ ହୋଇଯାଇଥାଏ ଏବଂ ଏହା ଧିରେ ଧିରେ କମିଯାଇଥାଏ । କିନ୍ତୁ ମଧୁମେହ ରୋଗ ହେଲେ ଏହିସ୍ତର ବଢ଼ିଯାଇଥାଏ । ଏକ ଦଶନ୍ଧି ପୂର୍ବରୁ ଭାରତରେ ମଧୁମେହ ରୋଗ ୪୦ବର୍ଷ ବା ତା ଠାରୁ ଅଧିକ ବୟସର ଲୋକଙ୍କୁ ହେଉଥିଲା । କିନ୍ତୁ ଏବେ ସବୁ ବୟସର ଲୋକଙ୍କୁ ଆକ୍ରାନ୍ତ କରୁଛି । ବିଶେଷଜ୍ଞ ମାନଙ୍କ ମତରେ ୨୦୩୦ ବେଳକୁ ଭାରତର ମଧୁମେହ ରୋଗୀଙ୍କ ସଂଖ୍ୟା ୫୫କୋଟିରୁ ଅଧିକ ହୋଇଥିବ । କେନ୍ଦ୍ର ସରକାର ଏକଥାକୁ ଗୁରୁତ୍ୱର ସହ ବିଚାର କରିବା ଉଚିତ୍ ନ ହେଲେ ଆଗାମୀ କିଛି ବର୍ଷ ପରେ ଭାରତ ଏକ ରୋଗୀଙ୍କ ଦେଶରେ ପରିଣତ ହୋଇଯିବ । ମଧୁମେହର ଚିକିତ୍ସା ପାଇଁ କେନ୍ଦ୍ର ଓ ରାଜ୍ୟ ସରକାର ଅଧିକ ଗୁରୁତ୍ୱ ଦେବା ଆବଶ୍ୟକ । ଅନେକ ବିଶେଷଜ୍ଞଙ୍କ ମତରେ ଜୀବନଚର୍ଯ୍ୟା ଠିକ୍ ରହିଲେ ଏହି ରୋଗ ପାଖ ମାଡ଼ି ପାରିବ ନାହିଁ। ମଧୁମେହ ରୋଗକୁ ବିଲୋପ କରାଯାଇ ନ ପାରିଲେ ମଧ୍ୟ ଏହାକୁ ନିୟନ୍ତ୍ରଣ କରାଯାଇ ପାରିବ । ଏହାର ନିୟନ୍ତ୍ରଣ ପାଇଁ ଅନେକ ଚିକିତ୍ସା ରହିଛି କିନ୍ତୁ ପ୍ରାକୃତିକ ଚିକିତ୍ସା ଏଥିପାଇଁ ଅଧିକ ଉପାଦେୟ । ଯୋଗ ମଧ୍ୟ ମଧୁମେହକୁ ନିୟନ୍ତ୍ରଣ କରିପାରେ । ପ୍ରାଣାୟାମ, ବ୍ୟାୟାମ ଓ ଆସନ ଦ୍ୱାରା ମଧ୍ୟ ମଧୁମେହକୁ ନିୟନ୍ତ୍ରଣ କରାଯାଇପାରିବ ।

ରାମଚନ୍ଦ୍ରପୁର, ରଣପୁର, ମୋ.- ୯୪୩୮୪୮୫୦୯୪

## ଶ୍ରୀମନ୍ଦିରର ରୋଷଘର ଓ କୋଠଭୋଗ

॥ ଡକ୍ଟର ରାଜକିଶୋର ମିଶ୍ର ॥


ମହାପ୍ରସାଦର ଉତ୍ପତ୍ତିସ୍ଥଳ ଶ୍ରୀମନ୍ଦିରର ପବିତ୍ର ରୋଷଘର । ଶ୍ରୀମନ୍ଦିର ପରିସରର ଦକ୍ଷିଣପୂର୍ବ କୋଣରେ, ଭିତରବେଢ଼ା ଏବଂ ବାହାରବେଢ଼ାର ମଧ୍ୟବର୍ତ୍ତୀ ସ୍ଥାନରେ ପ୍ରାୟ ୧୫୦ଫୁଟ ଦୀର୍ଘ ଓ ୧୦୦ଫୁଟ ପ୍ରସ୍ଥ ବିଶିଷ୍ଟ ରୋଷଘର ଅବସ୍ଥିତ । ରୋଷଘରଟି ତିନିଗୋଟି ବଖରାରେ ବିଭକ୍ତ । ୧୦ଟି ଧୂଆଁନଳା ଥିବା ଏହି ପାକଶାଳାଟି ମାଙ୍କଡାପଥରରେ ନିର୍ମିତ । ୬୦୦ରୁ ଅଧିକ ସୁଆର ଓ ସେମାନଙ୍କ ପ୍ରାୟ ୪୦୦ ସହକାରୀ ପ୍ରତିଦିନ ରୋଷଘରେ କାମ କରନ୍ତି । ବିଗ୍ରହମାନଙ୍କୁ ଅର୍ପଣ ହେଉଥିବା ଭୋଗଦ୍ରବ୍ୟ ଗୁଡ଼ିକ ପ୍ରସ୍ତୁତି ହେବା ପାଇଁ ରହିଛି ତିନିପ୍ରକାର ଚୁଲି, ଯାହା ଅନ୍ନଚୁଲି, ଅହିଆ ପିଠାଚୁଲି ନାମରେ ପରିଚିତ । ରୋଷଶାଳାରେ ପ୍ରବେଶ କରିବାର ଅଧିକାର ଓ ରାନ୍ଧିବା ଅଧିକାର କେବଳ ସୁଆରମାନଙ୍କର ହିଁ ରହିଛି । ସମସ୍ତ ଚୁଲିରେ ବଂଶାନୁକ୍ରମେ ସେଇମାନେ ହିଁ ପ୍ରସାଦ ପାକ କରନ୍ତି । କିମ୍ବଦନ୍ତୀ କହେ ଯେ, ସୁଆରମାନେ ବ୍ରାହ୍ମଣ ବିଦ୍ୟାପତି ଓ ଶବର ଲଳିତାଙ୍କ ବଂଶଧର । ରୋଷଶାଳା ଚଟାଣ ଉପରେ ପ୍ରାୟ ୪ଫୁଟ ଉଚ୍ଚ ଓ ଦୁଇଫୁଟ ପ୍ରସ୍ଥ ବିଶିଷ୍ଟ ଲମ୍ବା ଲମ୍ବା ମାଟିର ପ୍ଲାଟଫର୍ମ ରହିଛି । ଏହି ପ୍ଲାଟଫର୍ମ ଉପରେ ଧାଡ଼ି ଧାଡ଼ି ହୋଇ ରହିଛି ଚୁଲିସବୁ । ସବୁଠାରୁ ଅଧିକ ରହିଛି ଅନ୍ନଚୁଲି (ଏକଶହରୁ ଉର୍ଦ୍ଧ୍ୱ), ଯେଉଁଥିରେ ଅନ୍ନ, ଖେଚୁଡ଼ି, କନିକା ପ୍ରଭୃତି ରନ୍ଧାଯାଏ । ପ୍ରତି ଅନ୍ନଚୁଲିରେ ଏକାଥରକେ ୯ଟି ଅନ୍ନହାଣ୍ଡି ବସି ରନ୍ଧାଯାଏ । ଡାଲି, ତରକାରୀ, ଶାଗ, ବେସର, ମହୁର, ଖଟା ପ୍ରଭୃତି ରନ୍ଧା ଯାଉଥିବା ଅହିଆଚୁଲିର ସଂଖ୍ୟା ପ୍ରାୟ ଏକଶତ ଏବଂ ପିଠା ପ୍ରସ୍ତୁତ କରିବା ପାଇଁ ରହିଛି ୧୦ଟି ପିଠା ଚୁଲି । କାଠ ହିଁ ମନ୍ଦିର ରୋଷଶାଳାର ଏକମାତ୍ର ଇନ୍ଧନ । କୋଇଲା, ଗ୍ୟାସ୍ ବା ବିଦ୍ୟୁତ୍‌ଶକ୍ତି ରନ୍ଧାଶାଳାରେ ଗ୍ରହଣୀୟ ନୁହେଁ । ରୋଷଘରର ଅଧିଷ୍ଠାତ୍ରୀ ଦେବୀ ମା' ଲକ୍ଷ୍ମୀଙ୍କର ଗୋଟିଏ ପଥର ମୂର୍ତ୍ତି ମଧ ରହିଛି ରୋଷଶାଳା ରାସ୍ତାରେ । ରୋଷଘର ଦ୍ୱାରରେ ପୁଣି ରୋଷଗଣେଷଙ୍କର ଆସ୍ଥାନ । ସୁଆରମାନେ ତାଙ୍କ ସେବାରେ ନିୟୋଜିତ । କୋଠଭୋଗ ରୋଷରେ ଶ୍ରୀମନ୍ଦିରର କୋଠଭୋଗ ରନ୍ଧାଯାଏ । କୋଠଭୋଗ ପାଇଁ ଏକ 'ସରଘର' ରହିଛି । ଯେଉଁଠାରେ କି କୋଠଭୋଗ 'ଅମୁଣିଆ' (ଅର୍ଥାତ୍ ତିଆରି ହୋଇଥିବା ମାତ୍ର ଭୋଗ ଲାଗି ନଥିବା) ରଖାଯାଏ ।

ଦ୍ୱାଦଶ ଶତାବ୍ଦୀରେ ନିର୍ମିତ ବର୍ତ୍ତମାନର ଶ୍ରୀଜଗନ୍ନାଥ ମନ୍ଦିର ଉତ୍କଳୀୟ ଭାସ୍କର୍ଯ୍ୟ ତଥା କଳା ନୈପୁଣ୍ୟର ଏକ ଅନବଦ୍ୟ କୃତି । ରହସ୍ୟମୟ ଶ୍ରୀଜଗନ୍ନାଥଙ୍କ ରୀତି, ନୀତି, ବେଶ, ଭୋଗ, ଯାନିଯାତ୍ରା ସବୁଥିରେ ଏକ ସ୍ୱାତନ୍ତ୍ର୍ୟ ରହିଅଛି । ସମଗ୍ର ଭାରତବର୍ଷରେ ଏପରି କୌଣସି ନୀତି ବହୁଳ ମନ୍ଦିର ନାହିଁ, ଯାହାକି, ଶ୍ରୀମନ୍ଦିର ସହିତ ତୁଳନୀୟ ହୋଇପାରିବ । ଶ୍ରୀଜୀଉଙ୍କ ରାଜଭୋଗ ବା କୋଠଭୋଗର ସମସ୍ତ ଖର୍ଚ୍ଚ ଶ୍ରୀମନ୍ଦିର ପ୍ରଶାସନ ବହନ କରିଥାଏ । ଦୈନନ୍ଦିନ କୋଠ ଭୋଗ ସାମଗ୍ରୀ ମଧ୍ୟରେ ଥାଳି ଚାଉଳ-୫୮ କି.ଗ୍ରା.୮୪୦ ଗ୍ରାମ୍, ଚୁନା ଚାଉଳ-୨୯ କି.ଗ୍ରା. ୬୫୦ଗ୍ରାମ୍, ମୁଗ- ୭କି.ଗ୍ରା. ୨୫୦ ଗ୍ରାମ୍, ଖିସ୍‌ମିସ୍ - ୫୦ଗ୍ରାମ୍, ବିରି- ୧୮କି.ଗ୍ରା, ଓମ୍‌ଫେଡ୍ ଘିଅ - ୨୯ କି.ଗ୍ରା. ୯୦୬ଗ୍ରାମ୍, ଗୁଡ଼ - ୨୮ କି.ଗ୍ରା. ୭୯୨ ଗ୍ରାମ୍, ଚିନି - ୨୦ କି.ଗ୍ରା. ୯୬୨ ଗ୍ରାମ୍, ଅଟା - ୨୫ କି.ଗ୍ରା, ସୁଜି-୬୦୦ ଗ୍ରାମ୍, ବେସନ - ୩୦୦ଗ୍ରାମ୍, ଜୀରା - ୧୫୦ ଗ୍ରାମ୍, ମରିଚ- ୭୫ଗ୍ରାମ୍, ଅଳେଇଚ - ୧୧୫ ଗ୍ରାମ୍, ଲୁଣ - ୨ କି.ଗ୍ରା. ୫୦୦ ଗ୍ରାମ୍, ରାଶିତେଲ - ୫୦ ଗ୍ରାମ୍, ହଳଦୀ- ୫୦ ଗ୍ରାମ୍, ମଧୁରୀ - ୭୫ ଗ୍ରାମ୍, ହରଡ଼ଡାଲି - ୧କି.ଗ୍ରା., ଡାଲଚିନି - ୫୦ ଗ୍ରାମ୍, ଲବଙ୍ଗ - ୧୦ ଗ୍ରାମ୍, ହେଙ୍ଗୁ - ୧୦ ଗ୍ରାମ୍, ଜାଇଫଳ - ୧୨ ଗ୍ରାମ୍, ଲିଆ - ୫ ଗଉଣି ବା ୨ କି.ଗ୍ରା., ନଡ଼ିଆ (ବଲ୍ଲଭ ନିମନ୍ତେ) - ୧୨ଟା, କୋଠଭୋଗ (ନଡ଼ିଆ) - ୪ଟା, ପରିବା ମଧ୍ୟରେ କଖାରୁ - ୨ କି.ଗ୍ରା. ୫୦୦ ଗ୍ରାମ୍, ବାଇଗଣ - ୨ କି.ଗ୍ରା., ପୋଟଳ - ୨୫୦ ଗ୍ରାମ୍, ଅଦା - ୩୦୦ ଗ୍ରାମ୍, ଦେଶୀଆଳୁ - ୨୫୦ ଗ୍ରାମ୍, କଦଳୀ- ୧୨ଟା, ଶାଗ - ୨ ବିଡ଼ା, ତେନ୍ତୁଳୀ - ୧୦୦ ଗ୍ରାମ୍ ।

ଏତଦ୍ ବ୍ୟତୀତ ଶ୍ରୀଜୀଉମାନଙ୍କ ଦୈନନ୍ଦିନ କୋଠଭୋଗ ତଥା ବିଭିନ୍ନ ନୀତି ମାନଙ୍କରେ ଯେଉଁ ମାଟି ନିର୍ମିତ ପାତ୍ରର ଆବଶ୍ୟକ ହୋଇଥାଏ, ତାହା ହେଲା ଆଳି କୁଡୁଆ - ୪୦ଟି, ଅଙ୍ଗବାସ ଓଳି - ୧୯୫ଟି, ତାଡ଼-୬ଟି, ଟିପେଇ ହାଣ୍ଡି - ୨୧ଟି, ପାହାନ୍ତି - ୨ଟି, ଅଧା - ୧ଟି, ସାନ ପୁଳି - ୮୧ଟି, ପୁଳିସରା - ୨୪ଟି, ପାଲିସରା - ୬୦ ଟି, ବଡ଼ା - ୬୦ଟି, କଟା ସରା - ୧୪ଟି, ନମାଳି - ୨୪ଟି । ପ୍ରତ୍ୟେହ ତଥା ବିଶେଷ ପର୍ବପର୍ବାଣୀ ଦିନମାନଙ୍କରେ ଏକ ସ୍ୱତନ୍ତ୍ର ଶୈଳୀରେ ମହାସୁଆର ମାନଙ୍କ ଦ୍ୱାରା ଅନେକ ପ୍ରକାର ସୁମିଷ୍ଟପିଷ୍ଟକ, ଅନ୍ନ, ବ୍ୟଞ୍ଜନାଦି ପ୍ରସ୍ତୁତ ହୋଇ ଉତ୍କଳର ପରମ ଆରାଧ୍ୟ ଦେବତା ଶ୍ରୀଜଗନ୍ନାଥ ମହାପ୍ରଭୁଙ୍କୁ ନୈବେଦ୍ୟ ହେଉଅଛି । ଯାହାକି ଦୀର୍ଘ ଶହ ଶହ ବର୍ଷର ପରମ୍ପରାକୁ ଉଜ୍ଜୀବିତ କରିଆସୁଅଛି ।

ଉଦ୍ଭିଦ ବିଜ୍ଞାନୀ ଓ ପରିବେଶବିତ୍, ପୂର୍ବତନ ସମ୍ପାଦକ, ଶ୍ରୀସତ୍ୟସାଇ ବିଦ୍ୟାଳୟ, କଳାବିକାଶ କେନ୍ଦ୍ର ମାର୍ଗ, କଟକ,

ଦୂରଭାଷ : ୭୦୦୮୧୮୧୮୨୦


ମହାଭାରତ
ରାଇଜ କଥା
ଆଖି ଦେଖୁଥା କାନ ଶୁଣୁଥା
ପ୍ରତିଟି ଖବରରେ ଟଳୁଛି ମଥା




# ପରିବା ମହଙ୍ଗା : ସାଧାରଣ ଲୋକ ହନ୍ତସନ୍ତ



**ପାରାଦୀପ,(ମହାଭାରତ) :** ବନ୍ଦର ସହର ପାରାଦୀପରେ ପରିବା ଦର ଦିନକୁ ଦିନ ଅହେତୁକ ଭାବେ ବୃଦ୍ଧି ପାଇବାରେ ଲାଗିଛି । ଯାହାର ପ୍ରଭାବ ସିଧାସଳଖ ଭାବେ ଗ୍ରାହକମାନଙ୍କ ଉପରେ ପଡିଛି । ପାରାଦୀପ ବନ୍ଦରର ବିଭିନ୍ନ ଶିଳ୍ପସଂସ୍ଥାରେ କାମ କରୁଥିବା ଶ୍ରମିକମାନେ ଏହା ଦ୍ୱାରା ପ୍ରଭାବିତ ହେଉଛନ୍ତି । ପାରାଦୀପ ପରିବା ମାର୍କେଟରେ ଆଳି କିଲୋ ପିଛା ୩୫ଟଙ୍କା, ପିଆଜ ୪୫ଟଙ୍କା, ରସୁଣ ୨୫୦ଟଙ୍କା, ଅଦା ୨୦୦ଟଙ୍କା, ପୋଟଳ ୬୦ଟଙ୍କା,କାଙ୍କଣ ୮୦ ଟଙ୍କା, ବିନ୍ ୨୦୦ଟଙ୍କା, ଝୁଡଙ୍ଗ ୮୦ଟଙ୍କା, ବାଇଗଣ ୭୦ଟଙ୍କା,ଗାଜର ୪୦ଟଙ୍କା,କାକୁଡି ୮୦ଟଙ୍କା,ଟମାଟୋ ୮୦ଟଙ୍କା, ସଜନା ୧୦୦ଟଙ୍କା, ଭେଣ୍ଡି ୬୦ ରୁ ୮୦ ଟଙ୍କା, ଅମୃତଭଣ୍ଡା ୩୦ଟଙ୍କାରେ ବିକ୍ରି କରାଃଯାଉଛି । ପାରାଦୀପ ସହରରେ ରହୁଥିବା ଶ୍ରମିକ, ଟ୍ରଲି ରିକ୍ସା ଚାଳକ, ଦିନ ମଜୁରିଆ ଲୋକମାନେ ନାହିଁ ନଥିବା ଅସୁବିଧାର ସମ୍ମୁଖୀନ ହେଉଛନ୍ତି । ସ୍ୱଳ୍ପ ଆୟ ମଧ୍ୟରେ ଘର ସଂସାର ଚଳାଇବା କଷ୍ଟକର ହେଉଥିବା ବେଳେ ପିଲାଙ୍କ ପାଠପଢା, ସ୍କୁଲ ଦରମା,ଟ୍ୟୁସନ୍ ପଇସା ଦେବା ବେଳକୁ ପରିବା ଦରରେ ଅହେତୁକ ବୃଦ୍ଧି ସହି ହେଉନାହିଁ ବୋଲି କହିଛନ୍ତି ଷଣ୍ଢକୁଦରେ ରହୁଥିବା କିଶୋର କୁମାର ଜେନା । ଏଥି ସହିତ ରାସନ ଦର ମଧ୍ୟ ଦିନକୁ ଦିନ ବଢିବାରେ ଲାଗିଛି । ସରକାର ପରିବା ଦର ସହିତ ରାସନ ସାମଗ୍ରୀର ଦରବୃଦ୍ଧିରେ ରୋକ ନ ଲଗାଇଲେ ଚଳିବା ଦୁର୍ବିସହ ହୋଇ ପଡିଲାଣି । ଏହା ଉପରେ ତୁରନ୍ତ ଅଙ୍କୁଶ ଲଗାଇବାକୁ ସାଧାରଣରେ ଦାବୀ ହେଉଛି ।

# ରାଜସ୍ୱ ଲୁଟରେ ମୋରମ ମାଫିଆ ସକ୍ରିୟ



ଇଭମଷକ୍ଟକ୍ସ - ବ୍ୟାସନଗର ତହସିଲ ଅଧିନସ୍ଥ ବ୍ୟାସ ସରୋବର ସ୍ଥିତ ସମ୍ପଦ କେନ୍ଦ୍ର ପଛକଡୁ ଇଠୁଛି ଲକ୍ଷାଧିକ ଟଙ୍କାର ସହ ସହ ଟ୍ରିପ ମୋରମ । ପ୍ରତ୍ୟୋକ ଦିନ ରାତିରେ,, ପ୍ରାୟ ୮ ଏକର ଜମିରୁ ଜେସିବି ଦ୍ୱାରା ସହ ସହ ଟ୍ରିପ ମୋରମ ବାହାରକୁ ଚୋରା ଚାଲାଣ କରୁଛନ୍ତି ମୋରମ ମାଫିଆ ମାନେ କ୍ଷ ଫଳରେ ରାଜସ୍ୱ ବିଭାଗର କୋଟି କୋଟି ଟଙ୍କା ହରିଲୁଟ ହେଉଛି କ୍ଷ ସବୁ ଜାଣି ମଧ୍ୟ ପ୍ରଶାସନ ଚେଇଁ ଶୋଇଥିବା ଅଭିନୟ ଅଞ୍ଚଳ ବାସୀଙ୍କ ମନରେ ପ୍ରଶ୍ନବାଚୀ ସୃଷ୍ଟି କରିଛି କ୍ଷଅନ୍ୟପଟେ ଆମ୍ଭେ ବ୍ୟାସନଗର ତହସିଲଦାରଙ୍କୁ ଏବିଷୟରେ ପ୍ରଶ୍ନ କରିଥିଲୁ କ୍ଷ କିନ୍ତୁ ଉକ୍ତ ସ୍ଥାନରେ ବ୍ୟାସନଗର ତହସିଲ ତରଫରୁ କୌଣସି ଅନୁମତି ଦିଆଯାଇନାହିଁ ଏବଂ ମୋରମ ମାଫିଆଙ୍କୁ ତାଗିଦ କରିବା କିମ୍ବା ଚଢ଼ାଉ କରିବାର କ୍ଷମତା ତାଙ୍କ ହାତରେ ନାହିଁ ବୋଲି ତହସିଲଦାର ଶ୍ରୀଯୁକ୍ତ ଦେବାଶିଷ ରାଉତ କହିଥିଲେ ଓ ସବୁ କ୍ଷମତା କେବଳ ଲଘୁଖଣି ବିଭାଗର ଅଛି କ୍ଷ ତେଣୁ ଏ ବିଷୟରେ ତାଙ୍କୁ ଜଣାଇ ଚଢ଼ାଉ କରିବେ ବୋଲି ପ୍ରତିଶୃତି ଦେଇଥିଲେ କ୍ଷ ଅନ୍ୟପଟେ ତହସିଲଦାର କ୍ଷମତାହୀନ ଜାଣି ଏହାର ବ୍ୟାପକ ଫାଇଦା ଉଠାଉଛନ୍ତି ମୋରମ ମାଫିଆ ମାନେ କ୍ଷ ଏହି ଅଞ୍ଚଳ ଗାଈ ଗୋରୁଙ୍କ ଚରାଭୂମି ହୋଇଥିବାବେଳେ ଏହା ପୋଖରୀ ପାଲଟି ଗଲାଣି କ୍ଷ ତେବେ ଗାଈଗୋରୁମାନେ ଖାଦ୍ୟରୁ ବଞ୍ଚିତ ହେବା ସହ ଓ କେତେବେଳେଜେ ଜେ କାହାର ଜୀବନ ଚାଲିଯିବ କିଏ କହିପାରିବ କ୍ଷ ତେବେ ଯଥାଶୀଘ୍ର ଏହି ମାଫିଆଙ୍କ ଉପରେ ଚଢ଼ାଉ କରିବାକୁ ଅଞ୍ଚଳରେ ଦାବୀ ହେଉଛି କ୍ଷ ତେବେ ଦେଖିବାକୁ ବାକି ରହିଲା ପ୍ରଶାସନ କେବେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରୁଛି ? ନା ଆଖିରେ କଞ୍ଚା ଆଳୁ ଦେଇ ଚେଇଁ ଶୋଉଚି ?

# ବଜ୍ରାଘାତରେ ଛାତ୍ରଙ୍କର ମୃତ ପରିବାର ନିକଟରେ ପହଞ୍ଚିଲେ ବିଧାୟକ



**ବଡ଼ଚଣା,(ମହାଭାରତ) :** ଯାଜପୁର ଜିଲ୍ଲାର ବଡଚଣା ବ୍ଲକ ଅନ୍ତର୍ଗତ ସିହା ପଞ୍ଚାୟତ ଅଧିନସ୍ଥ ମଙ୍ଗରାଜପୁର ଗ୍ରାମର ମୋହନ ସେନାପତିଙ୍କ ପୁଅ ଡ଼ିଜୁନ ସେନାପତି ପତି (୧୪) ଗତ ମଙ୍ଗଳବାର ଦିନ ବିଦ୍ୟାଳୟ ରୁ ଘରକୁ ଫେରୁଥିବା ବେଳେ ବଜ୍ରପାତ ଘଟିଥିଲା । ଘଟଣା ସ୍ଥଳରେ ଛାତ୍ର ଜଣକ ସଂଜ୍ଞାହୀନ ହୋଇପଡି ଥିଲେ । ପରିବାର ଲୋକ ଲୋକ ଚିକିତ୍ସା ନିମନ୍ତେ ବଡ଼ଚଣା ଗୋଷ୍ଠି ସ୍ୱାସ୍ଥ୍ୟ କେନ୍ଦ୍ରରେ ଭର୍ତ୍ତି କରିଥିଲେ ।ଚିକିତ୍ସାରତ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଛନ୍ତି । ଏହି ଦୁଃଖଦ ଦୁଃଖଦ ଖବରପାଇ ବଡ଼ଚଣା ବିଧାୟକ ଅମର ନାୟକ ସ୍ୱାସ୍ଥ୍ୟ କେନ୍ଦ୍ରରେ ପହଞ୍ଚି ମୃତ ଛାତ୍ରର ପରିବାର ପ୍ରତି ସମବେଦନା ଜଣାଇବା ସହିତ ଚିକିତ୍ସା ରତ ଡାକ୍ତରଙ୍କ ସହିତ ଆଲୋଚନା କରିଥିଲେ ।

# ବୋଲେର ସହିତ ବାଇକ ମୁହାଁମୁହିଁ : ଜଣେ ମୃତ, ଜଣେ ଗୁରୁତର

**କରଞ୍ଜିଆ,(ମହାଭାରତ) :** ଠାକୁରମୁଣ୍ଡା -ଆନନ୍ଦପୁର ରାସ୍ତା ର ସାତକୋଶିଆ ନିକଟ ନାକଝରି ବାଙ୍କ ନିକଟରେ ବୁଧବାର ଏକ ବୋଲେରୋ ସହିତ ବାଇକ ର ମୁହାଁମୁହିଁ ଧକ୍କା ହେବାରୁ ବାଇକ ଚାଳକ ଙ୍କ ମୃତ୍ୟୁ ଘଟିଛି ।ଏଥିରେ ବାଇକ ରେ ଥିବା ଅନ୍ୟ ଜଣେ ଯୁବକ ଗୁରୁତର ହୋଇଛନ୍ତି ।ଗୁରୁତରଙ୍କୁ ଘଷିପୁରା ସ୍ୱାସ୍ଥ୍ୟ କେନ୍ଦ୍ର ରେ ପ୍ରାଥମିକ ଚିକିତ୍ସା ପରେ କଟକ ବଡ ମେଡିକାଲ କୁ ସ୍ଥାନାନ୍ତର କରାଯାଇଛି ।ମୃତ ବାଇକ ଚାଳକ ଜଣକ ହେଉଛନ୍ତି ଗୋଡଭଙ୍ଗା ଗ୍ରାମ ମହୁଲଘୁଟୁ ସାହିର କ୍ଷୀରୋଦ ସାମାଡ଼ ବୋଲି ଜଣାପଡିଛି ।ଦୁର୍ଘଟଣା ପରେ ପ୍ରାୟ ୧ ଘଣ୍ଟା ଧରି ଘଟଣାସ୍ଥଳରେ ଉତ୍ତକ୍ତ ଲୋକେ ରାସ୍ତା ରୋକ କରିଥିଲେ । ପରେ ବୁଝାସୁଝା ପରେ ରାସ୍ତା ରୋକ ହଟିଥିଲା ।ମିଳିଥିବା ସୂଚନା ଅନୁଯାୟୀ ଠାକୁରମୁଣ୍ଡା ନିକଟରୁ ଏକ ବୋଲେରୋ ନମ୍ବର ଓଆର ୦୨ ଏଭି ୩୦୪୪ ଆନନ୍ଦପୁର ଆଡକୁ ଯାଉଥିବା ବେଳେ ଦିନ ପ୍ରାୟ ୪ ଟା ସମୟରେ ଗୋଡ଼ଭଙ୍ଗା ଗ୍ରାମ ମହୁଲଘୁଟୁ ସାହିର ମନୋଜ ସାମାଡ଼ ଓ କ୍ଷୀରୋଦ ସାମାଡ଼ ଏକ ବାଇକ ନମ୍ବର ଓଡ଼ି ୦୯ ଟି ୩୦୪୩ ଯୋଗେ କୌଣସି କାମରେ ମହୁଲଡ଼ିହା ଆଡ଼କୁ ଅସୁଥିବା ବେଳେ ସାତକୋଶିଆ ନିକଟ ନକଝରୀ ବାଙ୍କ ରେ ବୋଲେରୋ ସହିତ ବାଇକ ର ମୁହାଁମୁହିଁ ଧକ୍କା ହୋଇ ଯାଇଥିଲା ।ଦୁର୍ଘଟଣା ପରେ ବାଇକ ରେ ଥିବା ମନୋଜ ଓ କ୍ଷୀରୋଦ କୁ ଘଟଣାସ୍ଥଳରୁ ୧୦୮ ଆମ୍ବୁଲାନ୍ସ ଯୋଗେ ଘଷିପୁରା ସ୍ୱାସ୍ଥ୍ୟ କେନ୍ଦ୍ର କୁ ଚିକିତ୍ସା ପାଇଁ ନେଇ ଭର୍ତ୍ତି କରିଥିବା ବେଳେ ଡାକ୍ତର କ୍ଷୀରୋଦ କୁ ମୃତ ଘୋଷଣା କରିଥିଲେ ଓ ମୋନଜ କୁ ପ୍ରଥମିକ ଚିକିତ୍ସା ପାରେ କଟକ ବଡ଼ଡ଼ାକ୍ତରଖାନାକୁ ସ୍ଥାନାନ୍ତରିତ କରିଛନ୍ତି ।ଦୁର୍ଘଟଣା ପରେ ସ୍ଥାନୀୟ ଲୋକେ ରାସ୍ତା ରୋକ କରିଥିଲେ ।ଖବର ପାଇ ମହୁଲଡ଼ିହା ଥାନା ପୋଲିସ ଠାକୁରମୁଣ୍ଡା ଓଆଇସି ସାବିତ୍ରୀ ଦଳେଇ,ଠାକୁରମୁଣ୍ଡା ବିଡ଼ିଓ ସ୍ୱପ୍ନେଶ୍ୱର୍ ବେହେରା ରାସ୍ତାରୋକ ସ୍ଥଳରେ ପହଞ୍ଚି ଉତ୍ତକ୍ତ ଲୋକଙ୍କୁ ବୁଝାସୁଝ କରିଥିଲେ ।ମୃତକ ପରିବାର କୁ ରେଡ଼କ୍ରୋସ ରୁ ୧୦ ହଜାର ଟଙ୍କା ସହିତ ଅନ୍ୟାନ୍ୟ ସରକାରୀ ସହାୟତା ଦେବାକୁ ପ୍ରତିଶ୍ରୁତି ପରେ ରାସ୍ତା ରୋକ ହଟିଥିଲା ।

# ରାସୋଳରେ ଅଳଙ୍କାର ଦୋକାନରୁ ଲୁଟ୍ ଉଦ୍ୟମ ବିଫଳ




**ଢ଼େଙ୍କାନାଳ,(ମହାଭାରତ) :** ରାଜ୍ୟରେ ଦିନକୁ ଦିନ ଅପରାଧ ବଢୁଚାଲୁଥିବା ବେଳେ ଅନେକାଂଶରେ ଲୁଟେରା ମାନେ କାୟା ବିସ୍ତାର କରୁଥିବା ଭଳି ଘଟଣା କିଛି ନୂଆ ହୋଇନଥିବା ବେଳେ ସେହିଭଳି ଏକ ନୂଆ ଘଟଣା ଢ଼େଙ୍କାନାଳ ଜିଲ୍ଲା ରାସୋଳ ଅଞ୍ଚଳ ରେ ଦେଖିବାକୁ ମିଳିଛି । ରାସୋଳ ଥାନା ଠାରୁ ମାତ୍ର ୫୦୦ ମିଟର ଦୁରରେ ଥିବା ମା ଅଳଙ୍କାର ଦୋକାନରୁ ଗତକାଲି ବିଳମ୍ବିତ ରାତ୍ରରେ ୪ଜଣ ଲୁଟେରା ଗ୍ୟାଙ୍ଗ ଦୋକାନର ସଟର ତାଡ଼ିବାକୁ ଉଦ୍ୟମ କରି ବିଫଳ ହୋଇଥିଲେ ।ତାଲା ଭାଙ୍ଗି ଦେଇଥିଲେ ମଧ୍ୟ ସଟର ଭାଙ୍ଗି ପାରିନଥିଲେ ଲୁଟେରା ।ତେବେ ଲୁଟେରା ଗ୍ୟାଙ୍ଗର ସଂପୂର୍ଣ୍ଣ ଚିତ୍ର ସିସିଟିଭି କ୍ୟାମେରାରେ କଏଦ ହୋଇଛି । ଏହି ଘଟଣାକୁ ନେଇ ସାରା ଅଞ୍ଚଳରେ କୋକୁଆ ଭୟ ସୃଷ୍ଟି ହୋଇଛି । ସବୁଠାରୁ ବଡ଼କଥା ହେଲା ଅଳଙ୍କାର ଦୋକାନଟି ଥାନା ଠାରୁ ମାତ୍ର କିଛି ଦୂରରେ ଥିବା ବେଳେ ପୋଲିସର କାର୍ଯ୍ୟଦକ୍ଷତାକୁ ନେଇ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି । ରାସୋଳ ଅଞ୍ଚଳରେ ବାରମ୍ବାର ଚୋରୀ ରାହାଜାନୀ ଭଳି ଘଟଣା ଘଟୁଥିବାରୁ ସ୍ଥାନୀୟ ବ୍ୟବସାୟୀ ମାନଙ୍କ ମଧ୍ୟରେ ତୀବ୍ର ଅସନ୍ତୋଷ ପ୍ରକାଶ ପାଇଛି ।

# ପୋଲିସ୍ ଉପସ୍ଥିତିରେ ଧାଡି ଭାଙ୍ଗି ଆସୁଛନ୍ତି ଆଇରନ୍ ଟ୍ରକ୍

## ପ୍ରତିବାଦ କଲେ ଟ୍ରକ୍ ମାଲିକ ସଂଘ

**ପାରାଦୀପ,(ମହାଭାରତ) :** ପାରାଦୀପ ସହରକୁ ପ୍ରତିଦିନ ହଜାରେ ସଂଖ୍ୟାରେ ଆଇରନ୍, କୋଇଲା ଆଦି ନେଇ ଟ୍ରକ୍ ପାରାଦୀପ ଆସୁଛନ୍ତି । ଏହି ଟ୍ରକ୍ ଗୁଡିକ ନିର୍ଦ୍ଧାରିତ ଟ୍ରକ୍ କରିଡରରେ ଆସିବା କଥା । ହେଲେ ଏହି ଟ୍ରକ୍ ଗୁଡିକ ମଧ୍ୟରୁ ଅନେକ ଟ୍ରକ୍ ଧାଡି ଭାଙ୍ଗି ସର୍ବସାଧାରଣ ରାସ୍ତାରେ ଆସୁଛନ୍ତି । ଯାହା ଦ୍ୱାରା ପ୍ରତିଦିନ ଦୁର୍ଘଟଣା ଘଟୁଛି । ରାସ୍ତା ଅବରୋଧ ହେବା ଦ୍ୱାରା ସାଧାରଣ ଲୋକ, ସ୍କୁଲ ଆସୁଥିବା ଛାତ୍ରଛାତ୍ରୀ, ରୋଗୀ ନାନା ଅସୁବିଧାର ସମ୍ମୁଖୀନ ହେଉଛନ୍ତି । ଏପରିକି ଶାନ୍ତିଶୃଙ୍ଖଳା ଦାୟିତ୍ୱରେ ଥିବା ପୋଲିସ୍ ଉପସ୍ଥିତିରେ ମଧ୍ୟ ଏହି ଟ୍ରକମାନେ ଧାଡି ଭାଙ୍ଗି ରାସ୍ତା ଅତିକ୍ରମ କରୁଛନ୍ତି ବୋଲି ଅଭିଯୋଗ କରିଛନ୍ତି ପାରାଦୀପର ତିନି ଗୋଟି ଟ୍ରକ୍ ମାଲିକମାନଙ୍କ ଦ୍ୱାରା ଗଠିତ ଯୁଗ୍ମ ସମନ୍ୱୟ କମିଟି(ଜେସିସି) ର ଅଧ୍ୟକ୍ଷ ସୁମନ୍ତ କୁମାର ବିଶ୍ୱାଳ । ବୁଧବାର ଦିନ ଜେସିସିର କର୍ମକର୍ତ୍ତା ଓ ତିନି ଗୋଟି ଟ୍ରକ୍ ମାଲିକ ସଂଘର ଲର୍ମକର୍ତ୍ତାମାନେ ଏହାକୁ ପ୍ରତିବାଦ କରି ପାରାଦୀପ ଥାନାକୁ ଆସିଥିଲେ । ପୂର୍ବରୁ ରାସ୍ତାରୁ ଅବରୋଧମୁକ୍ତ କରିବାକୁ ଜେସିସିର ସଦସ୍ୟ ଥିବା ଟ୍ରକ୍ ମାଲିକମାନେ ଦାୟିତ୍ୱରେ ରହିଥିଲେ । ଏହା ଦ୍ୱାରା ରାସ୍ତା ଅବରୋଧ, ଧାଡି ଭଙ୍ଗା, ଦୁର୍ଘଟଣା ବହୁ ମାତ୍ରାରେ ନିୟନ୍ତ୍ରଣରେ ରହିଥିଲା । କେନ୍ଦ୍ରାପଡା ପୋଲିସ୍ ଓ ପାରାଦୀପ ପୋଲିସ୍ ଜେସିସିକୁ ଏହି ଦାୟିତ୍ୱରେ ହଟାଇ ନିଜେ ଦାୟିତ୍ୱ ନେଇଥିଲେ ଫଳରେ ଆଜିବି ପୋଲିସ୍ ଉପସ୍ଥିତିରେ ଟ୍ରକ୍ ଧାଡି ଭାଙ୍ଗି ଅନାୟସରେ ପାରଦୀପ ଆସି ପଣ୍ୟ ଖଲାସ କରି ଯାଉଛନ୍ତି । ଜେସିସି ହଟିବା ପରେ ଦୁର୍ଘଟଣା ପ୍ରତିଦିନ ହେଉଛି ବୋଲି ଜେସିସିର ଆବାହକ ରାକେଶ କୁମାର ଜେନା ଅଭିଯୋଗ କରିଛନ୍ତି । ଏଣୁ ପୋଲିସ ନିଜ କାର୍ଯ୍ୟରେ ଅବହେଳା କରୁଛି ଏବଂ ରାସ୍ତାର ସୁରକ୍ଷା ଦାୟିତ୍ୱ ଏବେ ଜେସିସି ନେବ ବୋଲି ଦାବୀ କରିଛନ୍ତି ଜେସିସି ସମେତ ଟ୍ରକ୍ ମୀକ ସଂଘର କର୍ମକର୍ତ୍ତାମାନେ । ଏହା ଯଦି ନହୁଏ ତେବେ ଆଗାମୀ ଦିନରେ ପାରାଦୀପର ସମସ୍ତ ଟ୍ରକ୍ ମାଲିକମାନେ ରାସ୍ତାକୁ ଓହ୍ଲାଇବେ ବୋଲି କହିଛନ୍ତି ।

# ବାଇକ ଦୁର୍ଘଟଣାରେଦୁର୍ଘଟଣାରେ ଦୁଇ ଗୁରୁତର


**କୋରାଇ,(ମହାଭାରତ) :** କୋରାଇ ଥାନା ଅନ୍ତର୍ଗତ ୨୦ ନ. ଜାତୀୟ ରାଜପଥ ନୂଆଗଡ଼ - ନଗୁଆଁ ଛକ ମଧ୍ୟରେ ମଙ୍ଗଳବାର ରାତିରେ ଏକ ବାଇକ ଦୁର୍ଘଟଣାରେ ଚାଳକ ସମେତ ଅନ୍ୟ ଜଣେ ସହଯାତ୍ରୀ ଗୁରୁତର ଆହତ ହୋଇଛନ୍ତି ।ଫାୟାର ଆମ୍ବୁଲାନ୍ସ ଯୋଗେ ସେମାନଙ୍କୁ ଯାଜପୁର ରୋଡ ଡାକ୍ତର ଖାନା ରେ ଭର୍ତ୍ତି କରାଯାଇଥିଲା । ସେମାନେ ହେଲେ ଏହି ଥାନା ଅନ୍ତର୍ଗତ ପଛିକୋଟ ପଞ୍ଚାୟତ ପରମାନନ୍ଦପୁର ଗ୍ରାମର ଲିପୁନ ଖଟୁଆ( ୨୦)ଓ ଗୋପାଳ ପାତ୍ର (୨୨)। ଘରକୁ ଫେରୁଥିବା ବେଳେ ଭାରସାମ୍ୟ ହରାଇ ତଳେ ପଡିଯାଇ ଗୁରୁତର ଆହତ ହୋଇଥିଲେ ।

# ଆଦିବାସୀ ହଷ୍ଟେଲ ଛାତ୍ରୀଙ୍କ ଅଚାନକ ମୃତ୍ୟୁ



**ବାଲିଗୁଡ଼ା,(ମହାଭାରତ) :** ସ୍କୁଲକୁ ଯାଇଥିଲେ ପାଠ ପଢ଼ିବାକୁ, ହେଲେ ଘରକୁ ଫେରିଲା ଝିଅର ମର ଶରୀର। ଏଭଳି ଦୁଃଖଦ ଘଟଣା ଘଟିଛି କନ୍ଧମାଳ ଜିଲ୍ଲା ବାଲିଗୁଡ଼ା ବ୍ଲକ୍ ଅନ୍ତର୍ଗତ ବୃଡୁକିଆ ଆଶ୍ରମ ବିଦ୍ୟାଳୟରେ । ସୂଚନା ପ୍ରକାରେ ବୃଡୁକିଆ ଆଶ୍ରମ ବିଦ୍ୟାଳୟର ଛାତ୍ରାବାସରେ ରହି ତୃତୀୟ ଶ୍ରେଣୀରେ ପାଠ ପଢୁଥିଲେ କୁଟିକିଆ ଗ୍ରାମ ପଞ୍ଚାୟତର ସରୁକୁଇ ଗ୍ରାମର ଆଦିବାସୀ ଛାତ୍ରୀ ମିତା ମଲ୍ଲିକ । ଗତ ଦୁଇଦିନ ହେବ ଛାତ୍ରୀଙ୍କ ସ୍ୱାସ୍ଥ୍ୟବସ୍ଥା ଭଲ ନଥିଲା । ବୁଧବାର ସ୍କୁଲ କର୍ତ୍ତୃପକ୍ଷ ଛାତ୍ରୀଙ୍କ ପରିବାର ଲୋକଙ୍କୁ ଡକାଇ ମିତା ମଲ୍ଲିକଙ୍କୁ ଚିକିତ୍ସା ପାଇଁ ବାଲିଗୁଡ଼ା ଉପଖଣ୍ଡ ଚିକିତ୍ସାଳୟରେ ଭର୍ତ୍ତି କରାଇଥିଲେ । ତେବେ ଚିକସିତ ଅବସ୍ଥାରେ ଛାତ୍ରୀଙ୍କର ମୃତ୍ୟୁ ଘଟିଥିବା ଜଣାପଡ଼ିଛି । ମୃତକ ଘୋଷଣା ପରେ ଶୋକାକୁଳ ପରିବେଶରେ ଝିଅର ଶବକୁ ନେଇ ସରୁକୁଇ ଗ୍ରାମକୁ ଫେରିଛନ୍ତି । ଘଟଣାକୁ ନେଇ ପରିବାର ଲୋକଙ୍କ ପ୍ରତିକ୍ରିୟା ମିଳିପାରିନାହିଁ ।

# ଚତୁର୍ଥ ଓଡ଼ିଶୀ ଓ ଲୋକକଳା ଉତ୍ସବ ୨୦୨୩ -୨୪




**ଜଟଣୀ,(ମହାଭାରତ):** ପୌରାଞ୍ଚଳ କୁଦିଆରୀ ଗ୍ରାମ ଅନ୍ତର୍ଗତ ଝରଣା କଲ୍ୟାଣ ମଣ୍ଡପ ପରିସରରେ ନୀଳଶୈଳ ସଙ୍ଗୀତ ଏକାଡ଼େମୀ ଓ ଭାରତ ସରକାରଙ୍କ ସଂସ୍କୃତି ବିଭାଗ ଆନୁକୁଲ୍ୟରେ ଚତୁର୍ଥ ଓଡ଼ିଶୀ ଓ ଲୋକକଳା ଉତ୍ସବ ୨୦୨୩ - ୨୪ ନୀଳଶୈଳ ସଙ୍ଗୀତ ଏକାଡେମୀର ସମ୍ପାଦକ ଶୁକଦେବ ସେଠୀଙ୍କ ସଂଯୋଜନାରେ ଅନୁଷ୍ଠିତ ହୋଇଯାଇଛି । ଏହି ଉତ୍ସବରେ ଚଳଚ୍ଚିତ୍ର ନିର୍ଦ୍ଦେଶକ ସୁରେନ୍ଦ୍ର ପୁଷ୍ପାଳକ, ଚଳଚ୍ଚିତ୍ର ଅଭିନେତା ନବୀନ ମହାନ୍ତି, ନୀଳଶୈଳ ସଙ୍ଗୀତ ଏକାଡ଼େମୀର ପରାମର୍ଶଦାତ୍ରୀ ମିନାକ୍ଷୀ ମିଶ୍ର, ଓଡ଼ିଶୀ ନୃତ୍ୟଶିଳ୍ପୀ ମନସ୍ୱିନୀ ଦାସ, ରାଜଭାଷା ଶିକ୍ଷୟିତ୍ରୀ ସୁଜାତା ପଟ୍ଟନାୟକ, ଚଳଚ୍ଚିତ୍ର ଅଭିନେତା ସୁଶୀଲ ମିଶ୍ର, ଓଡ଼ିଶୀ ଓ ଲୋକକଳା ଗୁରୁ ଜଳନ୍ଧର ଦାସ, ଲୋକକଳା ଗୁରୁ ସୌରୀବନ୍ଧୁ ଜେନା, ଓଡ଼ିଶୀ ନୃତ୍ୟଶିଳ୍ପୀ ସୌମ୍ୟ ପଟ୍ଟନାୟକ, ନୀଳଶୈଳ ସଙ୍ଗୀତ ଏକାଡେମୀର ପରାମର୍ଶ ଦାତା ନୀଳଶୈଳ ସଙ୍ଗୀତ ଏକାଡ଼େମୀର ସମ୍ପାଦକ ବାଉରୀବନ୍ଧୁ ସେଠୀ ପ୍ରମୁଖ ଉପସ୍ଥିତ ଥିଲେ । ଏହି କାର୍ଯ୍ୟକ୍ରମ କୁ ଅନୁଷ୍ଠାନର କର୍ମକର୍ତ୍ତା ମାନେ ଉପସ୍ଥିତ ରହି ପରିଚାଳନା କରିଥିଲେ ।

# ଧରାପୃଷ୍ଟରେ ନାଲି ଟୁକୁ ଟୁକୁ ସାଧବ ବହୁଙ୍କ ସୁନ୍ଦରତା



**ରାଇଘର,(ମହାଭାରତ) :** ପୃଥିବୀ ପୃଷ୍ଠରେ ଧରା ଅବତରଣ କରିଛି ବର୍ଷା ଋତୁ ବସୁଧା ସବୁଜ ସୁନ୍ଦର ହେବା ସହ ଭରପୁର୍ ହୋଇଉଠିଛି ସବୁଜିମା । ଆଉ ସେହି ସବୁଜିମା ରେ ଅଧିକ ସୁନ୍ଦରତା ଭରି ଦେଇଛନ୍ତି । ତଥା ପୃଥିବୀ ପୃଷ୍ଠରେ ସବୁଜକୁ ରଙ୍ଗିନ କରିଛନ୍ତି କୁନି କୁନି ନାଲି ଟୁକୁ ଟୁକୁ ସାଧବ ବୋହୂ । ଲାଗେ ସତେ ଯେମିତି ଘାଷ ଗାଲିଚା ଉପରେ ଓହ୍ଲେହି ଆସିଛନ୍ତି ଅପସରା ମାନେ । ତେବେ ନବରଙ୍ଗପୁର ଜିଲ୍ଲାର ଅନେକ ଅଞ୍ଚଳରେ ଦେଖୁବାକୁ ମିଳିଛି ସାଧବ ବହୁଙ୍କ ସମ୍ଭାର । ସେପରି ରାଇଘର ବ୍ଲକର ବିଭିନ୍ନ ଗାଁ ମାନଙ୍କରେ ମଧ୍ୟ ନାଲି ଟୁକୁ ଟୁକୁ ସାଧବ ବାହୁଙ୍କ ସୋନ୍ଦର୍ଯ୍ୟର ପସରା । ତାହା ସାଙ୍ଗକୁ ପାହାଡ ପର୍ବତ ମାଳା ହୋଇ ଉଠିଛି ସବୁଜିମା । ପ୍ରକୃତିର ଏହି ସୌନ୍ଦର୍ଯ୍ୟ ଦେଖି କବି ଓ ପ୍ରକୃତି ପ୍ରେମୀ ହୋଇ ଯାଇଛନ୍ତି ଭାବୁକ । କାହିଁ କେତେ କାଳରୁ ଚାଷୀ ଭାଇଙ୍କ ସାଥି ପାଲଟିଛନ୍ତି ଏହି ସାଧବ ବୋହୂ । ସାଧବ ବୋହୂଙ୍କୁ ଦେଖି ଏ ବର୍ଷ ଭଲ ଫସଲ ହେବ ବୋଲି ଅନୁମାନ କରିନିଏ ଚାଷି ଭାଇ । ମାତ୍ର ଆଜି ଏ କିଟ ବିଲୁପ୍ତ ପ୍ରାୟ । ରାସାୟନିକ ସାର ଓ କିଟ ନାଶକ ଔଷଧର ବିପୁଳ ପ୍ରୟୋଗ ଯୋଗୁଁ ଏ ମାନଙ୍କର ବଂଶ ଲୋପ ପାଇ ଯାଉଛି । କିନ୍ତୁ ଆଜିବି ଜିଲ୍ଲାର ଅନେକ ସ୍ଥାନରେ ପ୍ରତିବର୍ଷ ଭଳି ଏ ବର୍ଷ ମଧ୍ୟ ନାଲି ଓଢ଼ଣି ତଳେ ଢାଙ୍କି ହୋଇ ଧରା ମଣ୍ଡଳକୁ ସୌନ୍ଦର୍ଯ୍ୟ କରୁଛନ୍ତି ଏହି ସାଧବ ବୋହୂମାନେ । ଯାହାର ନିଆରା ମଜା ନେଉଛନ୍ତି ସ୍ଥାନୀୟ ବାସିନ୍ଦା । ସତରେ ପ୍ରକୃତିର ଅପରୂପ ସୌନ୍ଦର୍ଯ୍ୟ ଓ ଧରା ପୃଷ୍ଟରେ ନାଲି ରଙ୍ଗର ସାଧବ ବୋହୁ ଲାଗୁଛି ସତେ ଯେମିତି ପ୍ରକୃତିର ରାଣୀ ନାଲି ସାଢି ପିନ୍ଧି ଧରାପୃଷ୍ଟରେ ସଜେଇ ହୋଇଛି ।

# ମା' ଡାକ୍ତରଖାନାରେ ଛାଡ଼ି ଯାଇଥିବା ନବଜାତ ଶିଶୁର ମୃତ୍ୟୁ

**ଅନୁଗୋଳ,(ମହାଭାରତ):** ତାଳଚେର ଅଞ୍ଚଳର ମାନସିକ ସ୍ଥିତି ଠିକ ନଥିବା ଜଣେ ଯୁବତୀ ଗର୍ଭବତୀ ହେବା ପରେ ସନ୍ତାନ ପ୍ରସବ ପାଇଁ ତା' ମା ସହ ଅନୁଗୋଳ ଜିଲା ମୁଖ୍ୟ ଚିକିତ୍ସାଳୟକୁ ଗତ ୧୨ ତାରିଖ ଆସିଥିଲା । ଏଠାରେ ମିଲି(ଛଦ୍ମନାମ) ଏକ ଶିଶୁ ପୁତ୍ରକୁ ଜନ୍ମ ଦେଇଥୁଲା । ଜନ୍ମ ବେଳେ ପିଲାଟିର ସ୍ୱାସ୍ଥ୍ୟ ଠିକ୍ ନଥିଲା । ତେଣୁ ତାକୁ ଏସଏନସିୟୁରେ ରଖାଯାଇଥିଲା । ଜନ୍ମର ଦୁଇ ଦିନ ପରେ ମାନସିକ ସ୍ଥିତି ଠିକ ନଥିବା ଯୁବତୀ ଓ ତା ମା' ଡ଼ାକ୍ତରଖାନା ଛାଡ଼ି ପଳାଇଥିଲେ । ଗତ ୨୧ ତାରିଖ ରାତିରେ ଶିଶୁ ପୁତ୍ରର ମୃତ୍ୟୁ ହୋଇଯାଇଥିଲା । ଏ ଘଟଣାରେ ଡ଼ାକ୍ତରଖାନା କର୍ତ୍ତୃପକ୍ଷ ସ୍ଥାନୀୟ ପୁଲିସକୁ ସୂଚନା ଦେଇଥିଲେ ଓ ଶବ ବ୍ୟବଚ୍ଛେଦ କରିଥିଲେ । ପରେ ଚିନ୍ମୟୀ ଦାସ ଓ ସୁଧାକର ସାହୁ ସମ୍ମାନର ସହ କରଡା ଗାଡିଆ ଶ୍ମଶାନରେ ଶବ ଦାହ କରିଥିଲେ ।

# ଷ୍ଟଣ୍ଟ ଦେଖାଇବା ହେଲା କାଳ : ଜଣେ ମୃତ, ଜଣେ ଗୁରୁତର

**ବାଲିଗୁଡ଼ା,(ମହାଭାରତ):** ମୋଟର ସାଇକେଲରେ ଷ୍ଟଣ୍ଟ ଦେଖାଇବା ହେଲା କାଳ । କନ୍ଧମାଳ ଜିଲ୍ଲା ତୁମୁଡ଼ିବନ୍ଧ ନେତାଜୀ ସୁଭାଷ ଚନ୍ଦ୍ର ବୋଷ କଲେଜ ନିକଟରେ ଘଟିଲା ସିରିଜ୍ ଦୁର୍ଘଟଣା । ଭବାନୀପାଟଣାରୁ ଭଞ୍ଜନଗର ଶବ ନେଇ ଯାଉଥିବା ଆମ୍ବୁଲାନ୍ସ ସହ କେଟିଏମ୍ ମୋଟରସାଇକେଲ ଧକ୍କା । ଭାରସାମ୍ୟ ହରାଇ ପଛରୁ ଆସୁଥିବା ଆଉ ଏକ ମୋଟରସାଇକେଲ ମଧ୍ୟ ଦୁର୍ଘଟଣା ଗ୍ରସ୍ତ ହୋଇଥିବା ଜଣାପଡ଼ିଛି । ଷ୍ଟଣ୍ଟ ଦେଖାଉଥିବା ଯୁବକଙ୍କ ମୃତ୍ୟୁ ଘଟିଥିବା ବେଳେ ଅନ୍ୟ ମୋଟରସାଇକେଲ ଚାଳକ ଗୁରୁତର ଆହାତ ହୋଇଥିବା ଜଣାପଡ଼ିଛି । ମୃତ ଯୁବକ ଜଣକ ଲଙ୍କାଗଡ଼ ଅଞ୍ଚଳର ଜନ ନାୟକ ହୋଇଥିବା ବେଳେ ଗୁରୁତର ଆହତ ବ୍ୟକ୍ତି ଜଣକ ତୁମୁଡ଼ିବନ୍ଧର ଗଜପତି ସାହୁ ହୋଇଥିବା ଜଣାପଡ଼ିଛି । ଘଟଣା ପ୍ରକାରେ ଗତକାଲି ଅପରାହ୍ନରେ ଏକ ଆମ୍ବୁଲାନ୍ସ ଭବାନୀପାଟଣାରୁ ଏକ ଶବ ନେଇ ଭଞ୍ଜନଗର ଅଭିମୁଖେ ଯାଉଥିବା ବେଳେ ତୁମୁଡ଼ିବନ୍ଧ ନେତାଜୀ ସୁଭାଷ ଚନ୍ଦ୍ର ବୋଷ କଲେଜ ନିକଟସ୍ଥ ଏକ ବୁଲାଣି ରାସ୍ତାରେ ଏକ କେଟିଏମ୍ ମୋଟର ସାଇକେଲରେ ଷ୍ଟଣ୍ଟ ଦେଖାଉ ଦେଖାଉ ଭାରସାମ୍ୟ ହରାଇ ଆମ୍ବୁଲାନ୍ସକୁ ସାମ୍ନା ପଟରୁ ଧକ୍କା ଦେଇଥିଲେ,ସେହି ସମୟରେ ପଛପଟୁ ଆସୁଥିବା ଆଉ ଏକ ମୋଟରସାଇକେଲ ମଧ୍ୟ ଭାରସାମ୍ୟ ହରାଇ ଆମ୍ବୁଲାନ୍ସ ସହ ଧକ୍କା ସୋଇଥିଲା । ସ୍ଥାନୀୟ ଲୋକଙ୍କ ସହାୟତାରେ ଉଭୟ ମୋଟରସାଇକେଲ ଚାଳକ ଙ୍କୁ ଗୁରୁତର ଅବସ୍ଥାରେ ତୁମୁଡ଼ିବନ୍ଧ ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରରେ ଭର୍ତ୍ତି କରାଯାଇଥିଲା । କିନ୍ତୁ ସେଠାରେ କେଟିଏମ୍ ମୋଟରସାଇକେଲ ଚାଳକ ଜନ ନାୟକଙ୍କୁ ଡାକ୍ତର ମୃତ ଘୋଷଣା କରିଥିବା ବେଳେ ଗୁରୁତର ଆହତ ଗଜପତି ସାହୁଙ୍କୁ ପ୍ରାଥମିକ ଚିକିତ୍ସାପରେ ବ୍ରହ୍ମପୁର ସ୍ଥାନାନ୍ତର କରିଥିବା ଜଣାପଡ଼ିଛି । ଘଟଣାକୁ ନେଇ ଅଧିକ ତଦନ୍ତ ଜାରି ରଖିଛି ତୁମୁଡ଼ିବନ୍ଧ ପୋଲିସ୍ ।



## ପ୍ରୋତ୍ସାହନ ଅଭାବରୁ ହଜି ବାକୁ ବସିଲାଣି ସିଂଘ କାମ



ଗଜପତି(ମହାଭାରତ): ଗଜପତି ଜିଲ୍ଲା ସଦର ମହକୁମା ପାରଳାଖେମୁଣ୍ଡିର ସିଂଘକାମ ରାଜ୍ୟ ଓ ରାଜ୍ୟ ବାହାରେ ପ୍ରସିଦ୍ଧ ଲାଭ କରିଛି। ସିଂଘରେ ନିଖୁଣ କାରୁକାର୍ଯ୍ୟ କରୁଥିବାର ଦେଖିବାକୁ ମିଳିଛି। ସିଂଘରେ ମାଛ ବଗ, ଚଢେଇ, ପାନିଆ,ଚିଙ୍ଗୁଡ଼ି, ମୟୁର, ଜଗନ୍ନାଥ ,ଡଙ୍ଗା, ହାତୀ ଏହି ଭଳି ବିଭିନ୍ନ ନିଖୁଣ ଭାବେ କାରୁ କାର୍ଯ୍ୟ କାରିଥାନ୍ତି। ପାରଳାଖେମୁଣ୍ଡି ସହରରେ କିଛି ପରିବାର ନିଜର କୌଳିକ ବୃତ୍ତିକୁ ଆଜି ମଧ୍ୟ ବଞ୍ଚାଇ ରଖିଛନ୍ତି। ସରକାର ସେମାନଙ୍କୁ କିଛି ପ୍ରେତ୍ସାହନ ଯୋଗାଇ ଦେଲେ ସେମାନଙ୍କ କୌଳିକ ବୃତ୍ତି ବଞ୍ଚିବା ସହିତ ସେମାନଙ୍କର ଅର୍ଥନୈତିକ ଓ ସାମାଜିକ ଅଭିବୃଦ୍ଧି ହୋଇ ପାରିବ ବୋଲି ଆଶା କରାଯାଉଛି। ମୁଖ୍ୟତଃ ସିଂଘ ଦର ଦାମ ବୃଦ୍ଧି ଓ ବାହାର ରାଜ୍ୟରୁ କିଣିବାକୁ ପଡୁଛି ବୋଲି ସିଂଘ କାରିଗର ପ୍ରକାଶ କରିଛନ୍ତି। ଏମାନଙ୍କୁ କାରିଗର ଭତ୍ତା ଯୋଗାଇ ଦେଲେ ଉପକୃତ ହୋଇ ପାରିବେ ବୋଲି ଆଶା କରାଯାଉଛି।

## ବିପଦପୂର୍ଣ୍ଣ ପାଲଟିଲାଣି ରେଙ୍ଗାଲି ରୁ ବନ୍ଧବାହାଲ ଯିବା ରାସ୍ତା

ସମ୍ବଲପୁର (ମହାଭାରତ) ରେଙ୍ଗାଲି ଦେଇ ବନ୍ଧବାହାଲ ରାସ୍ତା ଏବେ ଲୋକଙ୍କ ପାଇଁ ପାଲଟିଲାଣି ବିପଦ ପୁର୍ଣ ରାସ୍ତା । ଲୋକଙ୍କ ଗମନା ଗମନ ପାଇଁ ରାସ୍ତା ତିଆରି ହେଲା କିନ୍ତୁ ଝାରସୁଗୁଡା ଲଖନପୁର ବ୍ଲକ ରେ ଥିବା ଜେଏସଡବ୍ଲୁ ଇନଭାରତ କମ୍ପାନୀ ର ମନମାନି ଆଉ ଦାଦାଗିରି ପାଇଁ ରାସ୍ତା ର ପାଲଟିଲାଣି ଲୋକଙ୍କ ପାଇଁ ମରଣ ଯନ୍ତା । ପ୍ରତିଦିନ ବେଲଗାମ ଭାବରେ ଜେଏସଡବ୍ଲୁ ଇନଭାରତ କମ୍ପାନୀ ର କୋଇଲା ଏବଂ ଆସ ଗାଡି ଭାୟା ସ୍ପ୍ରେ ସାଲଡ଼ ଦେଇ ଦ୍ରୁତ ଗତି ରେ ଗାଡି ଯିବା ଫଳରେ ରାସ୍ତା ର ଅବସ୍ଥା ଅତ୍ୟନ୍ତ ଗୁରତର ହେଲାଣି । ବାରମ୍ବାର ପ୍ରତିଦିନ ଦୁର୍ଘଟଣା ଘଟୁଛି ଲୋକଙ୍କ ଧନଜୀବନ ଯାଉଛି ହେଲେ କାହାରିକୁ ଖାତିର ନ କରି ଝାରସୁଗୁଡାର ଜେଏସଡବ୍ଲୁ କମ୍ପାନୀ ଚଳାଇଛି ମନ ମାନି ଆଉ ଲୋକଙ୍କ ଜୀବନ ସହ ଖେଳ ଖେଳୁଛି । ଅନ୍ୟ ପଟେ ସ୍ଥାନୀୟ ପ୍ରସାସନ ଠୁ ଆରମ୍ଭ କରି ଜିଲ୍ଲାପ୍ରଶାସନ କେହି ଏ ଦିଗରେ ନଜର ନ ଦେବା ଏବେ ଲୋକଙ୍କ ପାଇଁ ବିପଦ ହେଲାଣି । ବାରମ୍ବାର ଜଣ ସାଧାରଣ ପ୍ରସାସନ ପାଖରେ ଗୁହାରି କଲେ ମଧ୍ୟ କେହି ଶୁଣୁ ନାହାନ୍ତି ବୋଲି ସ୍ଥାନୀୟ ଲୋକେ ମତ ପ୍ରକାଶ କରୁଛନ୍ତି । ଅନ୍ୟ ପଟେ ଦେଖାବକୁ ବାକି ରହିଲା ପ୍ରଶାସନ ଜେଏସଡବ୍ଲୁ ଇନଭାରତ କମ୍ପାନୀ କୁ ତାଗିତ କରିବ ନ ଖୋଲା ଖୋଲି ଭାବରେ ଲୋକଙ୍କ ଜୀବନ ସହ ଖେଳ ଖେଳିବ ତାହା ଦେଖିବାକୁ ବାକି ରହିଲା ।

## ଅକ୍ଷରରେ ସାତ ଅଙ୍କରେ ତିନି ଲେଖି ସଢା କାର୍ଯ୍ୟ ନିର୍ବାହୀ ଅଧିକାରୀ ଦେଲେ ଚିଠିଯ

ହାଟଡିହି,(ମହାଭାରତ):କେନ୍ଦୁଝର ଜିଲ୍ଲା ହାଟଡିହି ବ୍ଲକ ଅଧୀନ ସଢା ଗ୍ରାମ ପଞ୍ଚାୟତ କାର୍ଯ୍ୟ ନିର୍ବାହୀ ଅଧିକାରୀ ହରିହର ସେଠି ଏକ ଚିଠି ରେ ଭୂଲ ଲେଖି ହରଡ଼ଘଣାରେ ପଡିଛନ୍ତି । ତାଙ୍କର ଚିଠିକୁ ଲକ୍ଷ୍ୟ କଲେ ଖାମଖିଆଲି ନୀତି ପ୍ରଦର୍ଶିତ ହେଉଛି । ଖବରରୁ ଜଣାଯାଇଛି ଯେ ସୂଚନା ଅଧିକାର ନିୟମ ଅନୁସାରେ ଜଣେ ଆବେଦନକାରୀ ସଢା ଗ୍ରାମ ପଞ୍ଚାୟତ ସମ୍ପର୍କିତ ସୂଚନା ପାଇଁ ଗତ ୧୬.୧.୨୦୨୪ ରେ ହାଟଡିହୀ ବ୍ଲକ କାର୍ଯ୍ୟାଳୟ ଜନ ସୂଚନା ଅଧିକାରୀଙ୍କ ନିକଟରେ ଦରଖାସ୍ତ ଆବେଦନ କରିଥିଲେ । କୌଣସି ସୂଚନା ମିଳିନଥିଲା । ଫଳରେ ପ୍ରଥମ ଅପିଲେଟ ଅଧିକାରୀ ତଥା ବିଡ଼ିଓଙ୍କ ନିକଟରେ ୧୯.୨.୨୦୨୪ ରେ ଅପିଲ ଦାୟର ହୋଇଥିଲା । ଶୁଣାଣି ପାଇଁ ୨୨.୪.୨୦୨୪କୁ ତାରିଖ ଧାର୍ଯ୍ୟ ହୋଇଥିଲେ ମଧ୍ୟ କୌଣସି ଅର୍ଡର ପ୍ରକାଶିତ ହେବା ବାବଦରେ ଜଣାଯାଇନଥିଲା । କିନ୍ତୁ ଚିଠି ନଂ ୧୭/୧୮.୬.୨୦୨୪ ରେ ସଢା ଗ୍ରାମ ପଞ୍ଚାୟତ କାର୍ଯ୍ୟ ନିର୍ବାହୀ ଅଧିକାରୀ ହରିହର ସେଠି ଏକ ଚିଠି ଆବେଦନକାରୀଙ୍କୁ ପ୍ରଦାନ କରିଛନ୍ତି । ସେଠି ଚିଠିରେ ଗୋଟିଏ ସ୍ଥାନରେ ଉଲ୍ଲେଖ କରିଛନ୍ତି ଯେ ଜେରକ୍ସ ଏବଂ ଅନ୍ୟାନ୍ୟ ଖର୍ଚ୍ଚ ବାବଦକୁ ୩ ହଜାର ଟଙ୍କା ଏବଂ ଆଉ ଏକ ସ୍ଥାନରେ ୭ ହଜାର ଟଙ୍କା ଗ୍ରାମ ପଞ୍ଚାୟତରେ ଦାଖଲ କରିବେ।

## ଜିଲ୍ଲା ମୁଖ୍ୟ ଚିକିତ୍ସାଳୟରେ ଘରୋଇ ଆମ୍ବୁଲାନ୍ସ ଚାଳକଙ୍କ ଉପଦ୍ରବ; ରୋଗୀ ହନ୍ତସନ୍ତ

ଖୋର୍ଦ୍ଧା (ମହାଭାରତ) : କିଛିଦିନର ବ୍ୟବଧାନ ପରେ ପୁଣି ଥରେ ଏବେ ଦେଖିବାକୁ ମିଳିଛି ଖୋର୍ଦ୍ଧା ଜିଲ୍ଲା ମୁଖ୍ୟ ଚିକିତ୍ସାଳୟ ପରିସର ମଧ୍ୟରେ ବେସରକାରୀ ଆମ୍ବୁଲାନସ୍ ଡ୍ରାଇଭରଙ୍କ ଦୌରାତ୍ମ୍ୟ । ଚୋରୀ ତ ଚୋରି ତା ସଙ୍ଗେ ପୁଣି ସିନାଜୋରି। ଆହତଙ୍କ କଥା ପଚରେ କିଏ, ଏମାନେ ମୃତଦେହକୁ ମଧ୍ୟ ଛାଡୁ ନାହାନ୍ତି । ଶାଗୁଣା ପକ୍ଷୀ ଭଳି ସମସ୍ତଙ୍କୁ ଝୁଣି ଖାଇବା ପାଇଁ ସଦାବେଳେ ଉଣ୍ଡି ବସିଥାନ୍ତି । ସୁଯୋଗ ମିଳିଲେ କିଛି ଟଙ୍କା ପାଇଁ ନିଜ ମାନବିକତାକୁ ମଧ୍ୟ ଭୁଲି ଯାଉଛନ୍ତି ଏହି ଆମ୍ବୁଲାନ୍ସ ଡ୍ରାଇଭର। ଏମିତି କିଛି ଘଟଣା ଘଟିଛି ଖୋର୍ଦ୍ଧା ଜିଲ୍ଲା ମୁଖ୍ୟ ଚିକିତ୍ସାଳୟରେ। ସୂଚନା ଅନୁଯାୟୀ, ଗତ ୧୬ତାରିଖ ରବିବାର ଦିନ ବରୁଣେଇ ରଜପର୍ବ ମହୋତ୍ସବ ଦେଖି ଘରକୁ ଫେରୁଥିବା ବେଳେ ଖୋର୍ଦ୍ଧା ଜଟଣୀ ରାସ୍ତାର କାରମେଲ୍ ସ୍କୁଲ ଠାରେ ଦୁର୍ଘଟଣାର ଶିକାର ହୋଇଥିବା ଜଟଣୀ ଛଣଘର ଗ୍ରାମର ଜଣେ ମହିଳାଙ୍କୁ ଭୁବନେଶ୍ୱର ସ୍ଥିତ ହାଇଟେକ୍ ମେଡିକାଲକୁ ନେବା ପାଇଁ ଆମ୍ବୁଲାନ୍ସ ଡ୍ରାଇଭର ଦୁଇ ହଜାର ଟଙ୍କା ବଦଳରେ ଚାରି ହଜାର ଟଙ୍କା ଜୋର୍ ଜବରଦସ୍ତ କରି ରୋଗୀଙ୍କ ସମ୍ପର୍କୀୟଙ୍କ ଠାରୁ ନେଇଥିଲେ। ତେବେ ସଂଘ



ତରଫରୁ ଦର ନିର୍ଦ୍ଧାରିତ କରା ଯାଇଥିବା କଥା ଶୁଣିବାକୁ ମିଳିଥିଲେ ସୁଦ୍ଧା ଏପରି ଜୁଲମ କରି ଟଙ୍କା ଲୁଟ କରିବା ରୋଗୀଙ୍କ ସମ୍ପର୍କୀୟଙ୍କୁ ବ୍ୟଥିତ କରିଛି। ଏଭଳି ଅନେକ ଘଟଣା ପ୍ରତିଦିନ ଘଟୁଥିଲେ ମଧ୍ୟ ଅଧିକ ଖର୍ଚ୍ଚାନ୍ତ ହୋଇ ରୋଗୀ ନେବାକୁ ବାଧ ହେଉଛନ୍ତି ସମ୍ପର୍କିୟ। ଆଉ ସୋନେ ପେ ସୁହାଗା ପରି ଗତ ୮ଦିନ ହେବ ମହାପ୍ରୟାଣ ଅଚଳ ହୋଇ ପଡିଥିବାବେଳେ ଏହାର ଫାଇଦା ନେବାକୁ ପଛେଇ ନାହାଁନ୍ତି ଘରୋଇ ଆମ୍ବୁଲାନ୍ସ ଡ୍ରାଇଭର । ସବୁଠାରୁ ବଡ଼ ଗୁରୁତ୍ୱପୂର୍ଣ କଥା ରୋଗୀ ପରିବହନ ନିମନ୍ତେ ସରକାରୀ ଅଥବା ବେସରକାରୀ ଅୟମ୍ବୁଲାନ୍ସ ପାଇଁ ସରକାରଙ୍କ ପକ୍ଷରୁ କିଛି ନିର୍ଦ୍ଦିଷ୍ଟ ନିୟମ ରହିଛି, ହେଲେ ଏଠି ସମ୍ପୂର୍ଣ ଓଲଟା, କେବଳ ସରକାରୀ ଆମ୍ବୁଲାନ୍ସକୁ ଛାଡି ଦେଲେ କୌଣସି ଗୋଟିଏ ହେଲେ ବି ବେସରକାରୀ ଆମ୍ବୁଲାନ୍ସ ମାନଙ୍କରେ ସ୍ୱୀକୃତି ପ୍ରାପ୍ତ ସଂସ୍ଥାର ତାଲିମପ୍ରାପ୍ତ ଡ୍ରାଇଭର ଅଛନ୍ତି ନା ସେମାନେ ରୋଗୀ ସେବା ବାବଦରେ ଅଭିଜ୍ଞ । ଅନେକ ଆମ୍ବୁଲାନ୍ସରେ ଆନୁସଙ୍ଗିକ ଉପକରଣ ନଥିବା ବେଳେ ସେଥିରେ ଥିବା ଅକ୍ସିଜେନ ସିଲିଣ୍ଡର ମଧ୍ୟ ଅକାମୀ ରହୁଥିବା ଜଣା ପଡ଼ିଛି। ତା ସହିତ ଗାଡ଼ିର ବୀମା ଓ ଫିଟନେସକୁ ନେଇ ଘରୋଇ ଆମ୍ବୁଲାନ୍ସ ମାଲିକ ଆଦୌ ସଚେତନ ନଥିବା ବେଳେ ଅଳ୍ପ ସମୟରେ କିପରି ମାଲାମାଲ ହେବେ, ସେଥିପାଇଁ ପ୍ରୟାସ ଜାରି ରଖୁଛନ୍ତି । ରୋଗୀ ଜୀବନ ସହିତ ଖେଳ ଖେଳୁଥିବା ଏ ଭଳି ବେଆଇନ ଘରୋଇ ଆମ୍ବୁଲାନ୍ସ ମାଲିକ ଓ ଡ୍ରାଇଭରଙ୍କ ଉପରେ କାର୍ଯ୍ୟାନୁଷ୍ଠାନ ନେବାକୁ ପରିବହନ, ସ୍ୱାସ୍ଥ୍ୟ ବିଭାଗ ଏବଂ ପୁଲିସ ଯେମିତି କୁଣ୍ଠାବୋଧ କରୁଛି । ଆନୁସଙ୍ଗିକ ଉପକରଣ ନଥିବା ଆମ୍ବୁଲାନ୍ସରେ ରୋଗୀଙ୍କୁ ଅନ୍ୟତ୍ର ସ୍ଥାନାନ୍ତରିତ କରା ଯାଉଥିବା ବେଳେ ରୋଗୀଙ୍କ ପାଇଁ କେବଳ ଭଗବାନ ହିଁ ସାହା ଭରସା ।ଆମ୍ବୁଲାନ୍ସ କର୍ମଚାରୀଙ୍କ ଯୋଗୁଁ ଅନେକ ସମୟରେ ମେଡିକାଲରେ ଆଇନ ଶୃଙ୍ଖଳା ପରିସ୍ଥିତି ସୃଷ୍ଟି ହୋଇଥିବା ଘଟଣା ମଧ୍ୟ ନଜିର ରହିଛି। ଆମ୍ବୁଲାନ୍ସ କର୍ମଚାରୀଙ୍କ ପାଇଁ କିଛି ଟଙ୍କା ହିଁ ସତେ ଯେମିତି ସବୁକିଛି। ଟଙ୍କା ଆଗରେ ରୋଗୀର ମୂଲ୍ୟବାନ ଜୀବନ ତୁଛ ହୋଇଥିବା ମନେ ହେଉଛି । ଜିଲ୍ଲା ମୁଖ୍ୟ ଚିକିତ୍ସାଳୟରେ ନିୟୋଜିତ ବେସରକାରୀ ଆମ୍ବୁଲାନ୍ସ ଗୁଡିକର କାଗଜପତ୍ର ବୈଧ ନଥିବା ଏଂ ଆନୁସଙ୍ଗିକ ଉପକରଣ ନଥିବା ସମ୍ପର୍କରେ ଅନେକ ଥର ବିଭାଗୀୟ ଅଧିକାରୀ ମାନଙ୍କୁ ଅବଗତ କରାଇବା ପରେ ମଧ୍ୟ କୌଣସି କାର୍ଯ୍ୟାନୁଷ୍ଠାନ ଗ୍ରହଣ ନକରାଯିବା ଏବଂ ନିରବ ରହିବା, ଯାହାକି ସାଧାରଣରେ ପ୍ରଶ୍ନବାଚୀ ସୃଷ୍ଟି କରିଛି। ତେବେ ମେଡିକାଲ ପରିସରରେ ଘରୋଇ ଆମ୍ବୁଲାନ୍ସ ନରଖିବାକୁ ବିଗତ ଦିନରେ ତତକାଳୀନ ଜିଲ୍ଲାପାଳଙ୍କ ତାଗିଦ ପରେ କିଛି ଦିନ ଧର୍ମକୁ ଆଖିଠାର ସଦୃଶ ମେଡିକାଲ୍ ପରିସରରେ ଥିବା ଆହାର କେନ୍ଦ୍ରକୁ ଲାଗି ରହିଥିବା ଖାଲି ପଡ଼ିଆରେ ସମସ୍ତ ଘରୋଇ ଆମ୍ବୁଲାନ୍ସ ରହୁଥିଲା। କିନ୍ତୁ ଜିଲ୍ଲାପାଳ ଓ ଜିଲ୍ଲା ମୁଖ୍ୟ ଚିକିତ୍ସାଧିକାରୀ ବଦଳିବା ପରେ ଯଥା ପୂର୍ବଂ ତଥା ପରଂ ପରିସ୍ଥିତି ଉପୁଜିଛି । ଘରୋଇ ଆମ୍ବୁଲାନ୍ସ ଗୁଡ଼ିକ ମେଡିକାଲ ପରିସରରେ ହୋଇଥିବା ପାର୍କିଂସ୍ଥଳକୁ ମାଡି ବସିଥିବା ବେଳେ ସେଠାରେ ନିଜ ପାଇଁ ଅସ୍ଥାୟୀ ଗୃହ ମଧ୍ୟ ନିର୍ମାଣ କରିବାକୁ ବସିଲେଣିୟ ଯାହା ଫଳରେ ରୋଗୀଙ୍କ ସମ୍ପର୍କିୟମାନେ ରାସ୍ତା ଉପରେ ଇତଃସ୍ତତ ଭାବେ ଗାଡି ରଖିବାକୁ ବାଧ ହେଉଛନ୍ତି। ଫଳରେ ମେଡିକାଲକୁ ଆସୁଥିବା ଲୋକଙ୍କ ଯାତାୟତ ଲାଗି ବିଭିତ୍ତ ସମସ୍ୟା ଉପୁଜୁଛି । ମେଡିକାଲ ପରିସରରେ କୌଣସି ଘରୋଇ ଆମ୍ବୁଲାନ୍ସ ରହୁନି ବୋଲି ଜିଲ୍ଲା ମୁଖ୍ୟ ଚିକିତ୍ସାଧିକାରୀଙ୍କ ବକ୍ତବ୍ୟ, ଯାହାକି ବାସ୍ତବ ଘଟଣା ଠାରୁ ସମ୍ପୂର୍ଣ୍ଣ ଭାବେ ଭିନ୍ନ। ଅନ୍ୟପକ୍ଷରେ ଘରୋଇ ଆମ୍ବଲାନ୍ସ ସଂଘର ସଭାପତି ବୋଲାଉଥିବା ଏସ୍.କେ. ୟୁନସ ନାମକ ଜଣେ ଆମ୍ବୁଲାନ୍ସ ଡ୍ରାଇଭର ମେଡିକାଲକୁ ଆସୁଥିବା ସମସ୍ତ ରୋଗୀଙ୍କ ସହ ଉତ୍ତମ ବ୍ୟବହାର ପ୍ରଦର୍ଶନ କରାଯାଉଛି । କାହାକୁ ବାଧ କରାଯାଉନି, ସଙ୍ଘ ତରଫରୁ ଧାର୍ଯ୍ୟ ଦର ଅନୁସାରେ ଭଡା ରଖାଯାଉଛି । ଯଦି କୌଣସି ଡ୍ରାଇଭର ରୋଗୀଙ୍କୁ ଏଭଳି ହଇରାଣ କରୁଛନ୍ତି, ତାହା ଦୃଷ୍ଟିଗୋଚର ହେଲେ ସଂପୃକ୍ତ ଡ୍ରାଇଭରଙ୍କ ଉପରେ ସଂଘ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବ । ବିନା କାଗଜ ପତ୍ରରେ ଅନେକ ଗୁଡ଼ିଏ ଆମ୍ବୁଲାନ୍ସ ଚାଲୁଥିବା କଥାକୁ ସେ ସ୍ୱୀକାର କରିଥିବା ବେଳେ ଏନେଇ ସେ ଅନେକ ସମୟରେ ସ୍ଥାନୀୟ ପରିବହନ ବିଭାଗକୁ ଅବଗତ କରାଇଥିବା ନେଇ ସୂଚନା ଦେଇଛନ୍ତି । ତେବେ ଏ ସମ୍ପର୍କରେ ଆଞ୍ଚଳିକ ପରିବହନ ଅଧିକାରୀ ଅରବିନ୍ଦ ନାୟକଙ୍କୁ ପଚାରିବାରେ ବିଭିନ୍ନ ସମୟରେ ଆମ୍ବୁଲାନ୍ସ ମାନଙ୍କର କାଗଜପତ୍ର ଯାଞ୍ଚ କରିବାକୁ ଗଲାବେଳେ ଖବର ପାଇ କିଛି ଡ୍ରାଇଭର ନିଜ ଆମ୍ବୁଲାନ୍ସ ଗୁଡ଼ିକ ଲୁଚାଇ ଦେଇଥାନ୍ତି, ଏପରିକି ଯାଞ୍ଚ ଟିମକୁ ଦେଖି ଆମ୍ବୁଲାନ୍ସର ମାଲିକ ମାନେ ମଧ୍ୟ ଲୁଚୁଛନ୍ତି, ଯାହା ଫଳରେ ଉକ୍ତ ଆମ୍ବୁଲାନ୍ସ ମାନଙ୍କର କାଗଜପତ୍ର ଯାଞ୍ଚ କରିବା ସମ୍ଭବ ହେଉନାହିଁ। ତେବେ ନିୟମ ଖିଲାପ କରୁଥିବା ଘରୋଇ ଆମ୍ବୁଲାନ୍ସ ଗୁଡ଼ିକ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି କହିଛନ୍ତି। ରୋଗୀଙ୍କୁ ଲୁଟିବା ପାଇଁ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟରେ ସତେ ଯେମିତି ଏକ ଅଦୃଶ୍ୟ ଶକ୍ତି କାମ କରୁଛି। ଏହି ଗୋରଖଧନ୍ଦା ରେ ଲିପ୍ତ ରହିଥିବା ସ୍ୱାସ୍ଥ୍ୟ ବିଭାଗ କର୍ମଚାରୀଙ୍କ ମୁଖା ଖୋଲିବାର ଆବଶ୍ୟକ ରହିଛି ବୋଲି କହିଛନ୍ତି ରୋଗୀଙ୍କ ସମ୍ପର୍କୀୟ ।ତେଣୁ ଜିଲ୍ଲାପାଳ ଏ କ୍ଷେତ୍ରରେ ତଦନ୍ତ କରି ଦୃଢ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରନ୍ତୁ ବୋଲି ସାଧାରଣରେ ଦାବି ହେଉଛି।

## ବିଭିନ୍ନ ଦାବି ନେଇ ବିଧାୟକଙ୍କୁ ସ୍ମାରକପତ୍ର

### ଘୁମୁସର ଜିଲ୍ଲା ଗଠନ ଦାବି

ଭଞ୍ଜନଗର,(ମହାଭାରତ) କିଛି ମାସର ନୀରବତା ପରେ ପୁଣି ଥରେ ଘୁମୁସର ଜିଲ୍ଲା ଗଠନ ଦାବି ଜୋର ହୋଇଛ। ଜିଲ୍ଲା ଗଠନ ସମେତ ବିଭିନ୍ନ ଦଫା ଦାବି ନେଇ ଭଞ୍ଜନଗର ବରିଷ୍ଠ ନାଗରିକ ମଞ୍ଚ, ଘୁମୁସର ବିକାଶ ପରିଷଦ ଓ ଘୁମୁସର ବାହିନୀ କର୍ମକର୍ତ୍ତାମାନେ ଭଞ୍ଜନଗର ବିଧାୟକ ପ୍ରଦ୍ୟୁମ୍ନ ନାୟକଙ୍କ ଦୃଷ୍ଟି ଆକର୍ଷଣ କରିଛନ୍ତି । ଏହାସହ ପୃଥକ୍ ଭାବେ ସ୍ମାରକପତ୍ର ପ୍ରଦାନ କରିଛନ୍ତି। ଘୁମୁସର ବାହିନୀ ସମ୍ପାଦକ ନଚିକେତା ପ୍ରଧାନ, ମାଧବ ନାୟକ,ବିଶ୍ୱମ୍ବର ଜେନା, ନିଲୁ ବିଶୋୟୀ,ପପୁ ପ୍ରଧାନ ଓ ଅରକ୍ଷିତ ପରିଚ୍ଛାଙ୍କ ନେତୃତ୍ୱରେ ବିଧାୟକ ଶ୍ରୀ ନାୟକଙ୍କୁ ସମ୍ବର୍ଦ୍ଧିତ କରାଯିବା ସହ ଘୁମୁସର ଜିଲ୍ଲା ଗଠନ ପାଇଁ ରାଜ୍ୟ ସ୍ତରରେ ରେ ଅଞ୍ଚଳବାସୀଙ୍କ ଦାବି ଉପସ୍ଥାପନ ନିମନ୍ତେ ସ୍ମାରକପତ୍ର ଦିଆଯାଇଥିଲା ।ଏଥି ସହିତ ବରିଷ୍ଠ ନାଗରିକ ମଞ୍ଚଞ୍ଚ ତରଫରୁ ତିନି ଦଶନ୍ଧିର ଏହି





ପୁରୁଣା ଦାବି ଘୁମୁସର ଜିଲ୍ଲା ଗଠନକୁ ରାଜ୍ୟ ସରକାର ଏଥର ବିଚାରକୁ ନିଅନ୍ତୁ ବୋଲି ନିବେଦନ କରାଯାଇଥିବା ବରିଷ୍ଠ ନାଗରିକ ମଞ୍ଚର ସଭାପତି ସୋମନାଥ ନାୟକ ପ୍ରକାଶ କରିଛନ୍ତି । ସେହିପରି ବରିଷ୍ଠ ନାଗରିକଙ୍କ ପାଇଁ ବୈଠକଗୃହ ନିର୍ମାଣ ଓ ଭଞ୍ଜନଗରରେ ଶୀଳତଭଣ୍ଡାର ନିର୍ମାଣ ଦାବି କରାଯାଇଛି। ବରିଷ୍ଠ ନାଗରିକ ମଞ୍ଚର କାର୍ଯ୍ୟକାରୀ ସଭାପତି ପ୍ରଫେସର୍ ଶିବରାମ ପଣ୍ଡା ଓ ସମ୍ପାଦକ ରବିନାରାୟଣ ସାମନ୍ତଙ୍କ ସମେତ ସମସ୍ତ କର୍ମକର୍ତ୍ତା ଉପସ୍ଥିତ ରହି ବିଧାୟକଙ୍କୁ ସମ୍ବର୍ଦ୍ଧିତ କରିଥିଲେ । ସେହିପରି ଘୁମୁସର ବିକାଶ ପରିଷଦ ପକ୍ଷରୁ ମଧ୍ୟ ସ୍ମାରକପତ୍ର ପ୍ରଦାନ କରାଯାଇଛି। ସ୍ଥାନୀୟ କବିସମ୍ରାଟ ଉପେନ୍ଦ୍ରଭଞ୍ଜ ମହାବିଦ୍ୟାଳୟକୁ ସ୍ୱୟଂଶାସିତ ମାନ୍ୟତା, ବ୍ରହ୍ମପୁର-ଫୁଲବାଣୀ ରେଳପଥ ନିର୍ମାଣ, ଓଡ଼ିଆ ଭାଷା ସାହିତ୍ୟ ଓ ସଙ୍ଗୀତ ବିଶ୍ୱବିଦ୍ୟାଳୟ ଓ ଆଦିବାସୀ ବିଶ୍ୱବିଦ୍ୟାଳୟ ପ୍ରତିଷ୍ଠା, ଉପେନ୍ଦ୍ରଭଞ୍ଜଙ୍କ ନାମରେ ଡାକଟିକେଟ୍ ପ୍ରଚଳନ ଓ ଭଞ୍ଜ ସାହିତ୍ୟକୁ ହିନ୍ଦୀ ଏବଂ ଇଂରାଜୀ ଭାଷାରେ ଅନୁବାଦ, କବିଙ୍କ ଶ୍ରେଷ୍ଠକାବ୍ୟ,ବୈଦେହୀଶ ବିଳାସ ନାମରେ ବୈଦେହୀ ଟ୍ରେନ୍ ପ୍ରଚଳନ, ବୀର ଚକରା ବିଶୋଇଙ୍କ ନାମରେ ଶାରୀରିକ ବିଶ୍ୱବିଦ୍ୟାଳୟ ସ୍ଥାପନ, ଖୋଲା ରଙ୍ଗମଞ୍ଚ ଓ ଘୁମୁସର ସଂଗ୍ରହାଳୟ ନିର୍ମାଣ,ଭଞ୍ଜନଗର ମେଡ଼ିକାଲ କୁ ଜିଲ୍ଲା ହସ୍ପିଟାଲ ମାନ୍ୟତା ପ୍ରଦାନ, ଆଞ୍ଚଳିକ ନିଦାନ ପରୀକ୍ଷା କେନ୍ଦ୍ର ଖୋଲିବା, ଗୋଷ୍ଠୀ ଓ ପ୍ରାଥମିକ ସ୍ୱାସ୍ଥ୍ୟ କେନ୍ଦ୍ର ମାନଙ୍କରେ ଡାକ୍ତର ନିଯୁକ୍ତି ଆଦି ଦାବି ବିଷୟରେ ଏଥିରେ ଉଲ୍ଲେଖ କରାଯାଇଛି। ସମ୍ପାଦକ ପ୍ରକାଶ ଚନ୍ଦ୍ର ସାହୁ ଙ୍କ ନେତୃତ୍ୱରେ ଏହି ସ୍ମାରକପତ୍ର ପ୍ରଦାନ କରାଯାଇଛ।

## ସୋସୋ ପୋଲିସର ଚଢ଼ାଉ,ମୋରମ ବୋଝେଇ ଟ୍ରାକ୍ଟର ଏବଂ ଜେସିବି ଜବତ



ହାଟଡିହି,(ମହାଭାତ):କେନ୍ଦୁଝର ଜିଲ୍ଲା ସୋସୋ ପୋଲିସ ମୋରମ ଏବଂ ପଥର ମାଫିଆ ମାନଙ୍କ ପାଇଁ ଏବେ କଣ୍ଟା ସାଜିଛି । ନିକଟରେ ହଦଗଡ଼ ହସ୍ତୀ ଅଭୟାରଣ୍ୟ ଥିବା ବେଳେ ଏହି ଥାନା ଅଞ୍ଚଳଟି ଉଭୟ ଭଦ୍ରକ ଏବଂ ବାଲେଶ୍ୱର ଜିଲ୍ଲାକୁ ସଂଲଗ୍ନ କରୁଛି । ଫଳରେ ମାଫିଆ ମାନେ ଚୋରା ମୋରମ ଏବଂ ପଥର ପରିବହନ କ୍ଷେତ୍ରରେ ସୁଗମ ହେଉଛି। ପୂର୍ବରୁ ହସ୍ତୀ ଅଭୟାରଣ୍ୟ, ଗ୍ରାମ୍ୟ ଜଙ୍ଗଲ, ସରକାରୀ ଜାଗା ଅଞ୍ଚଳ ମାନଙ୍କରୁ ମୋରମ, ପଥର ଖୋଲି ଚୋରା ଚାଲାଣ ହେବାର ବହୁ ଉଦାହରଣ ରହିଛି । କିନ୍ତୁ ମାଫିଆ ମାନେ କେତେବେଳେ ଖସି ଯାଉଥିବା ବେଳେ ଆଉ କେତେବେଳେ ଧରା ମଧ୍ୟ ପଡି ଗିରଫ ହେଉଛନ୍ତି । ସୋସୋ ଅଞ୍ଚଳରେ ମାଫିଆ ମାନଙ୍କୁ ସାବାଡ଼ କରିବା ପାଇଁ ଆନନ୍ଦପୁର ଡ଼ିଏସପିଙ୍କ ତ□ବଧାନରେ ସୋସୋ ପୋଲିସ ଯାଞ୍ଚ ଏବଂ ଚଢ଼ାଉ ଜୋରଦାର କରିଛି । ବୁଧବାର ରାତି ସୋସୋ ଥାନା ଅଧିକାରୀ ବିଜୟ କୁମାର ବିହାରୀ ଏବଂ ଅନ୍ୟ ପୋଲିସ କର୍ମଚାରୀ ଚଢ଼ାଉ କରି ୫ଟି ଟ୍ରାକ୍ଟର ଜବତ କରିଛନ୍ତି । ସେଥି ମଧ୍ୟରୁ ଚୋରା ମୋରମ ବୋଝେଇ ୩ଟି ଟ୍ରାକ୍ଟର ଅଛି । ମୋରମ ଖୋଲୁଥିବା ଏକ ଜେସିବି ମଧ୍ୟ ଜବତ ହୋଇଛି । ରିପୋର୍ଟ ଲେଖା ହେବା ପର୍ଯ୍ୟନ୍ତ ସମ୍ପୃକ୍ତ ଗାଡି ଚାଳକ ମାନଙ୍କୁ ଅଟକ ରଖାଯାଇଛି। ଆନନ୍ଦପୁର ଡ଼ିଏସପି ପ୍ରଶାନ୍ତ ବେହେରା କହିଛନ୍ତି ଯେ ମୋରମ ବୋଝେଇ ଟ୍ରାକ୍ଟର, ଖୋଲୁଥିବା ଜେସିବି ଜବତ ହୋଇ ଏ ସଂକ୍ରାନ୍ତୀୟ ଏକ ମାମଲା ରୁଜୁ ହୋଇ ତଦନ୍ତ ଚାଲିଛି।

## ଖାଉଟି କଲ୍ୟାଣ ମନ୍ତ୍ରୀଙ୍କ ସହ କଂଗ୍ରେସ ବିଧାୟକଙ୍କ ସାକ୍ଷାତକାର

### ନିଜ ନିର୍ବାଚନ ମଣ୍ଡଳୀରେ ୧୫,୯୧୩ ହିତାଧିକାରୀଙ୍କୁ ରାସନ କାର୍ଡ ପାଇଁ ଅନୁମତି

ବିଷମକଟକ(ମହାଭାରତ): ଦିନିକିଆ ଗସ୍ତ ରେ ଆଜି ଖାଦ୍ୟ ଯୋଗାଣ ଖାଉଟି କଲ୍ୟାଣ ତଥା ବୈଷୟିକ ପ୍ରଯୁକ୍ତି ବିଦ୍ୟା ମନ୍ତ୍ରୀ କୃଷ୍ଣ ଚନ୍ଦ୍ର ପାତ୍ର ରାୟଗଡା ଜିଲ୍ଲା ଗସ୍ତ କରିଛନ୍ତି । ଏହି ଅବସରରେ ବିଷମକଟକ ର ନବ ନିର୍ବାଚିତ କଂଗ୍ରେସ ବିଧାୟକ ନୀଳ ମାଧବ ହିକକା ମନ୍ତ୍ରୀ କୃଷ୍ଣ ଚନ୍ଦ୍ର ପାତ୍ର ଙ୍କୁ ସାକ୍ଷାତ କରି ନିଜ ଅଞ୍ଚଳ ର ଚାଷୀ ମାନଙ୍କ ବିଭିନ୍ନ ସମସ୍ୟା ଜଣେଇବା ସହ ସେଗୁଡିକ ସମାଧାନ ପାଇଁ ମନ୍ତ୍ରୀ ଙ୍କ ନିକଟରେ ଦାବି ଜଣେଇଛନ୍ତି। ବିଧାୟକ ନୀଳ ମାଧବ ନିଜେ ଜଣେ ଚାଷୀ ହୋଇଥିବା ସ୍ଥଳେ ଚାଷୀ ମାନଙ୍କ ସମସ୍ୟା କୁ ସେ ଅଙ୍ଗେ ନିଭେଇଥିବା କୁହାଯାଉଛି। ତେବେ ନିଜ ଦାବି ପତ୍ର ରେ ଚାଟିକଣା ସ୍ଥିତ ନିୟମଗିରି ଖାଦ୍ୟ ଶସ୍ୟ କୋପ୍ରେଟିଭ ସୋସାଇଟି କୁ କାର୍ଯ୍ୟକ୍ଷମ କରିବା ଦିଗରେ ଗୁରୁତ୍ୱ ଦେବା ପାଇଁ ବିଧାୟକ ଦାବି ଜଣେଇଥିବା ଉଲ୍ଲେଖ ରହିଛି । ଯଦ୍ୱାରା ନିୟମଗିରି ର ଡ଼ଙ୍ଗରିଆ କନ୍ଧ ଙ୍କ ସମେତ ଆଖ ପାଖ ଅଞ୍ଚଳ ର ଆଦିବାସୀ ମାନେ ନିଜ ଖାଦ୍ୟ ଶସ୍ୟ, ଜଙ୍ଗଲ ଜାତ ଦ୍ରବ୍ୟ ସଂରକ୍ଷଣ, ସଞ୍ଚୟ, ବ୍ୟବସାୟ ତଥା ବଜାର ପାଇଁ ଉପଯୁକ୍ତ ପରିବେଶ ପାଇପାରିବେ ଓ ଯାହା ସେମାନଙ୍କ ଅର୍ଥନୈତିକ ଅଭିବୃଦ୍ଧି, ସ୍ୱାବଲମ୍ବି ଓ ଜୀବନ ଜୀବିକା ପାଇଁ ସହାୟକ ର ମାର୍ଗ ହୋଇପାରିବ ଓ ଏହି ଅଞ୍ଚଳ ରେ ଶୀତଳ ଭଣ୍ଡାର ର ଅଭାବ ଚାଷୀ ଙ୍କ ପାଇଁ ଏକ ପ୍ରମୁଖ ସମସ୍ୟା ହୋଇଥିବା ସ୍ଥଳେ ଏଠାରେ ନୂତନ ଶୀତଳ ଭଣ୍ଡାର ନିର୍ମାଣ ପାଇଁ ମଧ୍ୟ ମନ୍ତ୍ରୀ ଙ୍କ ଦୃଷ୍ଟି ଆକର୍ଷଣ କରିଥିବା ସୂଚନା ରହିଛି । ଏଥି ସହ ରାଜ୍ୟ ଖାଦ୍ୟ ସୁରକ୍ଷା ଆଇନ ଅନ୍ତର୍ଗତ ସାଧାରଣ ବଣ୍ଟନ ପ୍ରଣାଳୀ ମାଧ୍ୟମରେ ନୂତନ ରାସନ କାର୍ଡ ହିତାଧିକାରୀ ଙ୍କୁ ସାମିଲ କରାଯିବା ପାଇଁ ଅନୁମତି, ଯୌଥ ପରିବାର ତଥା ବିବାହ ପରେ ଅଲଗା ରାସନ କାର୍ଡ ପାଇଁ ଉପୁଜିଥିବା ସମସ୍ୟା ସହ



ହିତାଧିକାରୀଙ୍କ ବର୍ଦ୍ଧିତ ଅନୁପାତ ରେ ଖାଦ୍ୟ ଯୋଗାଣ କୋଟା କୁ ବାଢିବା ପାଇଁ ମଧ୍ୟ ନିବେଦନ କରିଥିବା ଜଣାପଡିଛି । ଅନୁରୂପ ଭାବେ ଚଳିତ ଋତୁ ରେ ମିଲର ମାନଙ୍କ ଟାର୍ଗେଟ ବାଢିବା ଦିଗରେ ସରକାର ଧ୍ୟାନ ଦେବା ପାଇଁ, ଚାଷୀ ମାନଙ୍କ ଟୋକେନ ବୈଧତା କୁ ୩୦ ଦିନ ପରିବର୍ତ୍ତେ ୪୫ ଦିନ କରାଯିବା ଓ ଚାଷୀଙ୍କୁ ବାରମ୍ବାର ଟୋକେନ ପ୍ରଦାନ କରାଯିବା ବଦଳରେ ଏକ କାଳୀନ ଟୋକେନ ବ୍ୟବସ୍ଥା କରାଯିବା ଦିଗରେ ବିଚାର କରାଯିବା ପାଇଁ ସେ ଗୁରୁତ୍ୱ ଦେଇଛନ୍ତି ଯାହାଦ୍ୱାରା ଚାଷୀ କୁ ତାର ଫସଲ ଅମଳ ପରେ ଟୋକେନ ଆସିବାରେ ବିଳମ୍ବ ଯୋଗୁଁ ବାରମ୍ବାର ଅପେକ୍ଷା କରିବା, ଅମଳ ହୋଇଥିବା ଫସଲ କୁ ବର୍ଷା ଦାଉ ରୁ ରକ୍ଷା ପାଇବା, ସାଇତି ରଖିବା ଆଦି ଚିନ୍ତା ଓ ସମସ୍ୟା ରୁ ମୁକ୍ତି ମିଳି ପାରିବ । ଏହି ସବୁ ସମସ୍ୟା ପ୍ରତି ଗୁରୁତ୍ୱ ଦେବା ପାଇଁ ମାନ୍ୟବର ବିଧାୟକ ମନ୍ତ୍ରୀ ଙ୍କୁ ନିଜ ଦାବି ପତ୍ର ରେ ଜଣେଇଥିବା ସୂଚନା ରହିଛି । ନବ ନିର୍ବାଚିତ ବିଧାୟକ ଙ୍କ ଏଭଳି ପଦକ୍ଷେପ ଓ ଚାଷୀ ଙ୍କ ପାଇଁ ଆନ୍ତରିକତା କୁ ବିଭିନ୍ନ ମହଲ ରୁ ପ୍ରଶଂସନୀୟ ବୋଲି ଚର୍ଚ୍ଚା ହେଉଛି ଓ ତେବେ ଉକ୍ତ ସମସ୍ୟା ଗୁଡିକ ସହ ଚାଷୀ ଭାଇ ମାନେ ନିତିଦିନ ସଂଘର୍ଷ କରୁଥିବା ବେଳେ ନୂତନ ସରକାର ଙ୍କ ଏଥିପ୍ରତି ଦୃଷ୍ଟି ଯୁଗାନ୍ତକାରୀ ପଦକ୍ଷେପ ହୋଇପାରିବ ଏଥି ସହ ମୋ ନିର୍ବାଚନ ମଣ୍ଡଳୀ ର ବିଷମକଟକ ବ୍ଲକ ମଧ୍ୟରେ ମୋଟ ୧୬୮୧ ଖଣ୍ଡ ଆବେଦନ ରେ ମୋଟ ୪୨୬୦ ଜଣ ନୂତନ ହିତାଧିକାରୀ ସାମିଲ ପାଇଁ, ମୁନିଗୁଡା ବ୍ଲକ ରେ ୧୯୪୭ ଆବେଦନ ଓ ୫୪୭୩ ହିତାଧିକାରୀ, କୋଲନରା ବ୍ଲକ ରେ ୬୮୯ ଆବେଦନ ସହ ୨୫୮୮, କଲ୍ୟାଣସିଂପୁର ବ୍ଲକ ମଧ୍ୟରେ ୭୨୩ ଖଣ୍ଡ ଆବେଦନ ରେ ମୋଟ ୩୫୯୨ ଜଣ ହିତାଧିକାରୀ ଏଭଳି ପାଖା ପାଖି ୧୬,୦୦୦ ହିତାଧିକାରୀ ରାସନ କାର୍ଡ ରେ ଅନ୍ତର୍ଭୁକ୍ତ ହେବା ପାଇଁ ଆଶାବାଦୀ ଥିବା ବେଳେ ଏମାନଙ୍କ ବିଷୟ ପ୍ରତି ମାନ୍ୟବର ମନ୍ତ୍ରୀ ଙ୍କ ଦୃଷ୍ଟି ଆକର୍ଷଣ କରିଥିବା ନବନିର୍ବାଚିତ ବିଧାୟକ ନୀଳ ମାଧବ ହିକକା ସ୍ପଷ୍ଟ କରିଛନ୍ତି।

## ଦାଦନ ଖଟିବାକୁ ଯାଇ ବାଙ୍ଗାଲୋର ରେ ଓଡ଼ିଆ ଯୁବକଙ୍କ ମୃତ୍ୟୁ

ହାଟଡିହି(ମହାଭାରତ)ପୁଅ ବଡ଼ ହୋଇ ରୋଜଗାର କରିବ ।ପରିବାରର ଦୁଃଖ ଘୁଞ୍ଚିବ । ପେଟ ପାଇଁ ଗରିବ ଘରର ପୁଅ ଦାଦନ ଖଟିବାକୁ ବାହାର ରାଜ୍ୟକୁ ଯାଇ ଶେଷରେ ସବୁଦିନ ପାଇଁ ଆରପାରିକୁ ଚାଲିଗଲା । କେନ୍ଦୁଝର ଜିଲା ହାଟଡିହୀ ବ୍ଲକ ଶାଳନିଆ ପଞ୍ଚାୟତ ବିଷ୍ଣୁପୁର ଗ୍ରାମର ଜଣେ ଯୁବକ ଦାଦନ ଖଟିବାକୁ ବାଙ୍ଗାଲୋର ଯାଇଥିଲେ । ସେଠାରେ ତାଙ୍କର ମୃତ୍ୟୁ ଘଟିଛି । ପୁଅକୁ ହରାଇ ବାପା,ମା ଦୁଃଖରେ ଭାଙ୍ଗି ପଡ଼ିଥିବା ବେଳେ ପରିବାର ଏବେ ସ୍ଥାନୀୟ ଅଞ୍ଚଳରେ ଶୋକର ଛାୟା ଖେଳି ଯାଇଛି । ସୂଚନା ଅନୁସାରେ ସନାତନ ମହାକୁଡ଼ଙ୍କ ପୁଅ ରାଜେଶ (୨୯ବର୍ଷ ) ପ୍ରାୟ ୫ ବର୍ଷ ହେବ ରୋଜଗାର ପାଇଁ ଦାଦନ ଖଟିବାକୁ ବାଙ୍ଗାଲୋର ଯାଇଥିଲେ । ଏକ ଘର ଭଡା ନେଇ ସେଠାରେ ରହୁଥିଲେ। କିନ୍ତୁ ବୁଧବାର ରାଜେଶ ମୃତ୍ୟୁ ବରଣ କରିଥିବା ସେଠାକାର ପୋଲିସ ଫୋନ କରି ଜଣାଇଥିବା ପରିବାର ଲୋକ କହିଛନ୍ତି । ତେବେ ଏକ ଫ୍ୟାନରେ ଝୁଲି ପଡ଼ିଥିବା ଅବସ୍ଥାରେ ତାଙ୍କ ମୃତ ଦେହ ଉଦ୍ଧାର କରାଯାଇଥିବା କୁହାଯାଇଛି ।ଏପରି ମୃତ୍ୟୁକୁ ସହଜରେ ଗ୍ରହଣ କରାଯାଇପାରିନି । ଶାଳନିଆ ପଞ୍ଚାୟତର ପୂର୍ବତନ ସମିତି ସଭ୍ୟ ବୀରେନ୍ଦ୍ର ବିଶ୍ୱାଳ ଏପରି ମୃତ୍ୟୁକୁ ନେଇ ସନ୍ଦେହ ପ୍ରକାଶ କରିଥିବା ବେଳେ ରାଜ୍ୟ ସରକାରଙ୍କ ହସ୍ତକ୍ଷେପ ଲୋଡି ନିରପେକ୍ଷ ତଦନ୍ତ ଦାବୀ କରିଛନ୍ତି । ସୂଚନା ଯୋଗ୍ୟ କିଛି ମାସ ପୂର୍ବରୁ ରାଜେଶ ଗାଁକୁ ବୁଲିବାକୁ ଆସିଥିଲେ । ତାଙ୍କ ବାପା ସନାତନ କଟକରେ ଏକ ତେଜରାତି ଦୋକାନରେ କାମ କରନ୍ତି ।

# ଆଫଗାନିସ୍ତାନର ଲଜ୍ଜାଜନକ ପରାଜୟ, ଫାଇନାଲରେ ଦ. ଆଫ୍ରିକା





## ●ଆଫଗାନିସ୍ତାନ ୫୬, ଦ. ଆଫ୍ରିକା ୬୦/୧
## ●ପାୱାର ପ୍ଲେରେ ୫ ୱିକେଟ ହରାଇଲା ଆଫଗାନିସ୍ତାନ
## ●ଜାନସେନ ଓ ସାମ୍‌ସିଙ୍କ ଦମ୍‌ଦାର ବୋଲିଂ, ଦୁଇ ଅଙ୍କ ଛୁଇଁପାରିଲେନି ୧୦ ବ୍ୟାଟ୍ସମ୍ୟାନ

ମୁମ୍ବାଇ ୨୭।୬ : ଇତିହାସ ରଚିଲା ଦକ୍ଷିଣ ଆଫ୍ରିକା। ନିଜ କ୍ରିକେଟ୍ ଇତିହାସରେ ପ୍ରଥମ ଥର ପାଇଁ କୌଣସି ଆଇସିସି ଇଭେଣ୍ଟର ଫାଇନାଲରେ କରିଛି ଏଣ୍ଟ୍ରି । ଆଉ ସେପଟେ ଆଫଗାନିସ୍ତାନ ଫାଇନାଲ ଆଶା ଧୂଳିସାତ ସେମି ମୁକାବିଲାରେ ଦକ୍ଷିଣ ଆଫ୍ରିକା ଠାରୁ ୯ ୱିକେଟରେ ପରାସ୍ତ ହୋଇଛି ।ଏହାସହିତ ରାସିଦ ସେନାର ବିଶ୍ୱକପ୍ ଅଭିଯାନ ଶେଷ ହୋଇଛି।

ସେମି ମୁକାବିଲାରେ ଟସ୍ ଜିତି ପ୍ରଥମ ବ୍ୟାଟିଂ କରିବାକୁ ନିଷ୍ପତ୍ତି ନେଇଥିଲା। ହେଲେ ଦଳ ଆଶା ଅନୁସାରେ କରିପାରିନଥିଲା ବ୍ୟାଟିଂ ପ୍ରଦର୍ଶନ। ଲିଗ୍ ଏବଂ ସୁପର-୮ ଷ୍ଟେଜରେ ବିରୋଧୀଙ୍କ ବୋଲରଙ୍କ ପାଇଁ ଟେନସନ୍ ସାଜିଥିବା ଗୁରବାଜ୍ (୦)ଙ୍କୁ ସଅଳ ଆଉଟ କରିଥିଲେ ଦକ୍ଷିଣ ଆଫ୍ରିକା ବୋଲର। ଆଉ ଏହାପରେ ପଡିଚାଲିଲା ଆଫଗାନୀ ବ୍ୟାଟରଙ୍କ ୱିକେଟ୍। ପାୱାର ପ୍ଲେରେ ଆଫଗାନିସ୍ତାନ ଦଳ ୫ ୱିକେଟ୍ ହରାଇଥିଲା। ଟି-୨୦ ବିଶ୍ୱକପ ଇତିହାସରେ ଏହା ପୂର୍ବରୁ କେବେ ଦେଖାଯାଇ ନଥିଲା। ଟି-୨୦ ବିଶ୍ୱକପ ସେମିଫାଇନାଲ ମ୍ୟାଚର ପାୱାରପ୍ଲେରେ ୫ ୱିକେଟ ହରାଇ ଆଫଗାନିସ୍ତାନ ପ୍ରଥମ ଦଳ ଭାବେ ରେକର୍ଡ କରିଛି। ଅଜମତୁଲ୍ଲାଙ୍କୁ ଛାଡି ଅନ୍ୟ କୌଣସି ବ୍ୟାଟର ଦୁଇ ଅଙ୍କ ସ୍କୋର ବି କରିପାରିନଥିଲେ। ଶେଷରେ ମାତ୍ର ୧୩ ଓଭର ବ୍ୟାଟିଂ କରି ଦଳ ୫୬ ରନରେ ଅଲ୍‌ଆଉଟ୍ ହୋଇଯାଇଥିଲା। ଅନ୍ୟମାନଙ୍କ ମଧ୍ୟରେ ଇବ୍ରାହିମ୍ ଜଦ୍ରାନ (୨), ଗୁଲବଦିନ ନାଏବ (୯), ମହମ୍ମଦ ନବି (୦), ଖରୋଟେ (୨), କରିମ ଜନତ (୮), ରସଦ ଖାନ (୮), ନୁର ଅହମ୍ମଦ (୦), ନବୀନ ଉଲ ହକ୍ (୨) ରନ୍ କରିଥିଲେ। ସେପଟେ ଦକ୍ଷିଣ ଆଫ୍ରିକା ପକ୍ଷରୁ ମାର୍କୋ ଜାନସେନ୍ ଏବଂ ସାମ୍ସି ସର୍ବାଧିକ ୩ଟି ଲେଖାଏଁ ୱିକେଟ୍ ନେଇଥିବା ବେଳେ ରାବାଡ଼ା ଏବଂ ନୋର୍ଟଜି ୨ଟି ଲେଖାଏଁ ୱିକେଟ୍ ନେଇଥିଲେ। ବାକି କେଶବ ମହାରାଜ କେବଳ ଜଣେ ବୋଲର ଯାହାଙ୍କ ଖାତା କୌଣସି ବି ୱିକେଟ୍ ଯାଇନାହିଁ ।

ଅନ୍ୟପଟେ ୫୭ ରନର ଟାର୍ଗେଟ ନେଇ ପଡିଆକୁ ଓହ୍ଲାଇଥିଲେ ଦକ୍ଷିଣ ଆଫ୍ରିକା ବ୍ୟାଟର ସମସ୍ତେ ଭାବୁଥିଲେ କି ପୂର୍ବ ମ୍ୟାଚ୍ ପରି ଆଫଗାନୀ ବୋଲର ସଂଘର୍ଷ କରିବେ। ଆଉ ମ୍ୟାଚ୍ ବେଶ୍ ରୋମାଞ୍ଚକର ହେବ। ହେଲେ କିଛି ସମୟ ପାଇଁ ମ୍ୟାଚରେ ରୋମାଞ୍ଚକର ଥିଲା। କାହିଁକି ୨ୟ ଓଭରରେ ଫଜଲ ଫାରୁକି କ୍ୱିଣ୍ଟନ ଡି କକ୍‌ଙ୍କ ୱିକେଟ୍ ନେଇ ମ୍ୟାଚ୍ରେ ରୋମାଞ୍ଚ ବଢାଇଥିଲେ। ହେଲେ ଦକ୍ଷିଣ ଆଫ୍ରିକା ବ୍ୟାଟର ତାହା କରିବାକୁ ଦେଇଥିଲେ। ଆଉ କାମ ଦେଇନଥିଲା ଆଫଗାନୀ ସ୍ପିଡ୍ ଏବଂ ଫିଁକୀ। ଶେଷରେ ହେନ୍ରିକ୍ସଙ୍କ ୨୯ ରନ୍ ଏବଂ ମାକ୍ରମଙ୍କ ୨୩ ରନ୍ ବଳରେ ସେମି ମ୍ୟାଚ୍ ଜିତିଯାଇଛି।ଦକ୍ଷିଣ ଆଫ୍ରିକା ମାତ୍ର ୯ ଓଭରରେ ଖେଳରେ ଏହି ଛୋଟିଆ। ଟାର୍ଗେଟକୁ ହାସଲ କରିଛନ୍ତି ଦକ୍ଷିଣ ଆଫ୍ରିକା ବ୍ୟାଟର ।

## ଜାତୀୟ ତାଇକୋଣ୍ଡୋରେ ଓଡିଶାରୁ ୩୧ ପ୍ରତିଯୋଗୀ

ଭଦ୍ରକ,୨୭।୬:ତାଏକ୍ୱୋଣ୍ଡୋ ଫେଡେରେସନ୍ ଅଫ୍ ଇଣ୍ଡିଆ' ଆନୁକୂଲ୍ୟରେ,୪୧ ତମ ଜାତୀୟ ତାଏକ୍ୱୋଣ୍ଡୋ ଚମ୍ପିୟାନସିପ୍ ଚଳିତ ମାସ ୨୮ ରୁ ୩୦ ତାରିଖ ପର୍ଯ୍ୟନ୍ତ ଲକ୍ଷ୍ନୌ ସ୍ଥିତ କେ.ଡି. ସିଂହ ବାବୁ ଷ୍ଟାଡିୟମ୍ ରେ ଅନୁଷ୍ଠିତ ହେଉଅଛି । ଭାରତୀୟ ତାଏକ୍ୱୋଣ୍ଡୋ ର ଜନକ ଗ୍ରାଣ୍ଡ ମାଷ୍ଟର୍ ଡ. ଜିମ୍ମୀ ଆଁ. ଜାଗତିଆନୀ ଙ୍କ ନିୟନ୍ତ୍ରଣରେ ଏହି ସାମରିକ ଉତ୍ସବ ଅନୁଷ୍ଠିତ ହେବ। ଏହି ସମ୍ମାନଜନକ ସର୍ବଭାରତୀୟ ପ୍ରତିଯୋଗିତାରେ ଓଡ଼ିଶାରୁ ମୋଟ ୩୧ ଜଣ ପ୍ରତିଯୋଗୀ ପ୍ରତିନିଧିତ୍ୱ କରିବେ। ଏମାନେ ସମସ୍ତେ ଗତ ଡିସେମ୍ବର ମାସରେ ଅନୁଷ୍ଠିତ ରାଜ୍ୟ ଚମ୍ପିୟାନସିପ୍ ପ୍ରତିଯୋଗିତାରେ ପଦକ ବିଜେତା। ଉଭୟ 'ଖେରୋଗୀ' ଓ 'ପୁମସେ' ଶୃଙ୍ଖଳା ର ବାଳିକା ବର୍ଗରେ ପ୍ରତିଦ୍ୱନ୍ଦିତା ପାଇଁ ୧୨ ଜଣ କ୍ରୀଡାବିତ୍ ମନୋନୀତ ହୋଇଛନ୍ତି। ସେମାନେ ହେଲେ : ଉପାସନା ମଲ୍ଲିକ, ଶୁଭଶ୍ରୀ ପ୍ରିୟଦର୍ଶିନୀ, ସୋନମ୍ ଦତ୍ତ, ଜୟଶ୍ରୀ ସାହୁ, ଇପ୍ସିତା ପ୍ରିୟଦର୍ଶିନୀ ନାୟକ,



ମୋନାଲିସା ପ୍ରିୟଦର୍ଶିନୀ ସାହୁ, ଦିବ୍ୟାଶା ପ୍ରଧାନ, ଦିବ୍ୟା ପ୍ରିୟାଂଶୁ ପୃଷ୍ଟି, ପି.ଆଁ. କଶିସ୍, ସ୍ୱପ୍ନାରାଣୀ ସାହୁ, ଅନୁଷ୍କା ତରାଇ, ଓ ପ୍ରିତିଲଗ୍ନା ସତପଥୀ।

ସେହିପରି ବାଳକ ବିଭାଗରେ ୧୯ ଜଣ ପ୍ରତିଯୋଗୀ ପ୍ରତିଦ୍ୱନ୍ଦିତା କରିବେ। ସେମାନେ ହେଲେ : ଧନେଶ୍ୱର ଜେନା, ପଦ୍ମଲୋଚନ ସିଂହ, ବିବେକ ନାୟକ, ପ୍ରିତମ୍ ଚନ୍ଦ୍ର ଉପ୍ଧ୍ୟାୟ, ଦେବାଶିଷ ପୋହି, ଉପମନ୍ୟୁ ନାୟକ, ସାଇ ସୁଜିତ ପରିଡ଼ା, ସୋନୁ ନିଗମ ପରିଡା, ପ୍ରିନ୍ସ ପ୍ରଧାନ, ରାଜିବ ରାଉତ, ବିବସ୍ୱନ ମହନ୍ତ, କ୍ୟାପଟେନ୍ ରାଜ୍, ରୁଦ୍ର ନାରାୟଣ ପାତ୍ର, ଅରବିନ୍ଦ ସ୍ୱାଇଁ, ଆଶୁତୋଷ ବେହେରା, ସ୍ୱୟମ୍ ସାଇମନ୍ ନନ୍ଦ, ନିର୍ମାଲ୍ୟ ମଲ୍ଲିକ, ଶୁଭମ୍ ବେହେରା ଓ ଅଭିମାନ ଅନୁପ୍ରାସ ମଲ୍ଲିକ। ପ୍ରଶିକ୍ଷକ ରୂପେ ସୁଶ୍ରୀ ତାରିଣୀ ସାହୁ ଓ ସୁଧାକର ଜେନା ଏବଂ ରେଫରୀ ରୂପେ ଯୋଗଗୁରୁ ସୁରେଶ ନାୟକ ଓ ଶେକ୍ ସମୀର୍ ଟିମ୍ ସହିତ ଯାତ୍ରା କରିଛନ୍ତି। 'ତାଏକ୍ୱୋଣ୍ଡୋ ଆସୋସିଏସନ୍ ଅଫ୍ ଭଦ୍ରକ' ର ସାଧାରଣ ସମ୍ପାଦକ ସଂଗ୍ରାମ ତ୍ରିପାଠୀ ମ୍ୟାନେଜର ଦାୟିତ୍ୱ ନିର୍ବାହ କରିବେ। 'ତାଏକ୍ୱୋଣ୍ଡୋ ଆସୋସିଏସନ୍ ଅଫ୍ ଓଡ଼ିଶା' ର ସାଧାରଣ ସମ୍ପାଦକ ରବି ନାରାୟଣ ପାଣିଗ୍ରାହୀ ଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଟିମ୍ ଓଡିଶା ରହିବ।

# ଭାରତର ଯାତ୍ରା ଖର୍ଚ୍ଚ ୩୩.୬୮ କୋଟି ଟଙ୍କା



ନୂଆଦିଲ୍ଲୀ,୨୭।୬: ଆଗାମୀ ପ୍ୟାରିସ୍ ଅଲିମ୍ପିକ୍ସ ଲାଗି ଭାରତୀୟ ଦଳର ଯାତ୍ରା ଖର୍ଚ୍ଚ ୩୩.୬୮ କୋଟି ଟଙ୍କା ହେବ ଯାହା ଗତ ଟୋକିଓ ଅଲିମ୍ପିକ୍ସର ଦୁଇ ଗୁଣ ଜୁଲାଇ ୨୬ରୁ ଅଗଷ୍ଟ ୧୧ ପର୍ଯ୍ୟନ୍ତ ପ୍ୟାରିସ୍ ଆୟୋଜିତ ହେବାକୁ ଥିବା ଏହି ପ୍ରତିଯୋଗିତା ଲାଗି ଖେଳାଳି, ସପୋର୍ଟ ଷ୍ଟାଫ୍, ସରକାର ଓ ଆଇଓଏ ପ୍ରତିନିଧିଙ୍କ ଗସ୍ତ, ରହଣୀ, କ୍ରୀଡ଼ା ସଂରଜାମ ଓ ଲଜିଷ୍ଟିକ୍ସକୁ ନେଇ ଏକ ବିସ୍ତୃତ ବଜେଟ ପ୍ରସ୍ତୁତ କରିଛି ଭାରତୀୟ ଅଲିମ୍ପିକ୍ସ ସଂଘ (ଆଇଓଏ) ଗତ ସଂସ୍କରଣରେ ସରକାର ଏଥିଲାଗି ୧୩.୧୩ କୋଟି ଟଙ୍କା ଖର୍ଚ୍ଚ କରିଥିଲା। ଏବେ ୧୧୫ ସଦସ୍ୟଙ୍କୁ ଲାଗି ଏହି ବଜେଟ ହୋଇଛି। କ୍ରୀଡ଼ା ସମ୍ବନ୍ଧୀୟ କାର୍ଯ୍ୟକଳାପ, ପଦକ ଜିତୁଥିବା ଦଳ ଓ କ୍ରୀଡ଼ାବିତ୍‌ଙ୍କ ପୁରସ୍କାର ବାବଦ ଲାଗି ବଜେଟରେ ୧୪ କୋଟି ରଖାଯାଇଛି।

ଏହାବାଦ୍ ୧୧୫ ଜଣଙ୍କ ବିମାନ ଟିକେଟ୍ ଲାଗି ୩.୫ କୋଟି ଏବଂ ୨୫ ଦିନ ରହଣୀରେ ଭତ୍ତା ଖର୍ଚ୍ଚ ୨.୦୪ କୋଟି ଟଙ୍କା ରହିଛି ଆଇଓଏର କାର୍ଯ୍ୟନିର୍ବାହୀ କମିଟି (ଇସି) ସଦସ୍ୟ ଏବଂ ମୁଖ୍ୟାଳୟ ଅଧିକାରୀଙ୍କ ଲାଗି ସବୁଠୁ ଅଧିକ ୧୮.୯୦ କୋଟି ଟଙ୍କା ଖର୍ଚ୍ଚ ହେବ ଇସି ସଦସ୍ୟଙ୍କ ଟିଏ/ଡିଏ ଲାଗି ୮.୪ କୋଟି ରହିଛି। ଆଇଓଏର ସଭାପତି ପିଟି ଉଷା, ବରିଷ୍ଠ ଉପସଭାପତି ଅଜୟ ଏଚ୍ ପଟେଲ ଓ କୋଷାଧ୍ୟକ୍ଷ ସହଦେବ ଯାଦବ ଆଦି ୧୨ ଜଣ ସଦସ୍ୟଙ୍କ ପାଇଁ ଏହା ଖର୍ଚ୍ଚ କରାଯିବ ଇସି ସଦସ୍ୟଙ୍କ ପୁରସ୍କାର ବିତରଣ ଉତ୍ସବ ଓ ମ୍ୟାଚ୍ ଟିକେଟ୍ ଲାଗି ୧.୨ କୋଟି ହେବ ଏଥିସହ ଅଲିମ୍ପିକ୍ସରେ ଅଂଶଗ୍ରହଣ କରୁଥିବା ପ୍ରତ୍ୟେକ ଖେଳାଳିଙ୍କୁ ୨ ଲକ୍ଷ ଏବଂ ପ୍ରଶିକ୍ଷକ ଓ ସପୋର୍ଟ ଷ୍ଟାଫ୍‌ଙ୍କୁ ୧ ଲକ୍ଷ ଟଙ୍କା ଦେବାକୁ ନିଷ୍ପତ୍ତି ନେଇଛି।





ଆଫଗାନିସ୍ତାନର ଦୟନୀୟ ପ୍ରଦର୍ଶନରେ ପ୍ରଶଂସକଙ୍କ ମନଦୁଃଖ ଓ ମ୍ୟାଚ ଜିଣିବା ପରେ ଦ. ଆଫ୍ରିକା ଟିମ୍‌ରେ ଖୁସିର ମାହୋଲ।

# ଶୀର୍ଷ ସ୍ଥାନ ହରାଇଲେ ସୂର୍ଯ୍ୟକୁମାର

ନୂଆଦିଲ୍ଲୀ,୨୭।୬: ସଦ୍ୟତମ ଟି-୨୦ ମାନ୍ୟତା ଜାରି କରିଛି ଆଇସିସି। ଏଥିରେ ଭାରତୀୟ ଦଳର ତାରକା ଖେଳାଳି ସୂର୍ଯ୍ୟକୁମାର ଯାଦବ ନମ୍ବର ୱାନ ମାନ୍ୟତା ହରାଇଛନ୍ତି ସେ ଗୋଟିଏ ସ୍ଥାନ ତଳକୁ ଖସି ଦ୍ୱିତୀୟରେ ରହିଛନ୍ତି। ଅଷ୍ଟ୍ରେଲିଆର ତାରକା ବ୍ୟାଟର ଟ୍ରେଭିସ ହେଡ ଶୀର୍ଷକୁ ଉଠିଛନ୍ତି।ଅଧିନାୟକ ରୋହିତ ଶର୍ମାଙ୍କୁ ଜବରଦସ୍ତ ଫାଇଦା ମିଳିଛି।

ସୂର୍ଯ୍ୟକୁମାର ଯାଦବ ଅନେକ ସମୟରେ ଦମଦାର ପ୍ରଦର୍ଶନ କରି ଦଳକୁ ଜିତାଇଛନ୍ତି। ସେ ଦୀର୍ଘ ସମୟ ଧରି ଟି-୨୦ ମାନ୍ୟତାର ଶୀର୍ଷରେ ଥିଲେ ହେଲେ ତାଙ୍କଠୁ ଶୀର୍ଷ ସ୍ଥାନ ଛଡ଼ାଇ ନେଇଛନ୍ତି।ଟ୍ରେଭିସ୍ ହେଡ କଙ୍ଗାରୁ ଦଳର ଏହି ବ୍ୟାଟର ୮୪୪ ରେଟିଂ ପାଇଥିବା ବେଳେ ସୂର୍ଯ୍ୟଙ୍କ ରହିଛି ୮୪୨ ପଏଣ୍ଟ ପାକିସ୍ତାନର ଅଧିନାୟକ ବାବର ଆଜମ ଗୋଟିଏ ସ୍ଥାନ ହରାଇ ଚତୁର୍ଥକୁ ଖସି ଆସିଛନ୍ତି।ଟିମ୍ ଇଣ୍ଡିଆର ଯୁବ ଓପନିଂ ବ୍ୟାଟର ଯଶସ୍ୱୀ ଜୟସ୍ୱାଲ ନମ୍ବର ୭ରେ ରହିଛନ୍ତି।

ଇଂଲଣ୍ଡର ଫିଲ ସଲ୍ଟ ଗୋଟିଏ ସ୍ଥାନ ତଳକୁ ଖସି ତୃତୀୟ ନମ୍ବରରେ ପହଞ୍ଚିଛନ୍ତି। ପାକିସ୍ତାନର ୱିକେଟ୍ କିପର ବ୍ୟାଟର ମହମ୍ମଦ ରିଜୱାନ ଗୋଟିଏ ସ୍ଥାନ ହରାଇ ପଞ୍ଚମରେ ରହିଛନ୍ତି।ଇଂଲଣ୍ଡର ଅଧିନାୟକ ଜୋସ୍ ବଟଲର ଷଷ୍ଠ, ଦକ୍ଷିଣ ଆଫ୍ରିକାର ଆଡନ ମାରକ୍ରମ ଅଷ୍ଟମ, ଓ୍ୱେଷ୍ଟଇଣ୍ଡିଜର ବ୍ରେଣ୍ଡନ କିଙ୍ଗ ନବମ ଓ ଜନସନ ଚାର୍ଲ୍ସ ଦଶମ ସ୍ଥାନରେ ରହିଛନ୍ତି।।

ଭାରତୀୟ ଦଳର ଅଧିନାୟକ ରୋହିତ ଶର୍ମା ଟି-୨୦ ମାନ୍ୟତାରେ ଲମ୍ଫ ଡିଆଁ ମାରିଛନ୍ତି। ସେ ୩୮ତମ ସ୍ଥାନରେ ପହଞ୍ଚିଛନ୍ତି।ରୋହିତଙ୍କ ରେଟିଂ ପଏଣ୍ଟ ୫୨୭ ରହିଛି ଅଷ୍ଟ୍ରେଲିଆ। ବିପକ୍ଷରେ ରୋହିତ ୯୨ ରନର ବିସ୍ଫୋରକ ଇନିଂସ ଖେଳିଥିଲେ। ବିରାଟ କୋହଲିଙ୍କୁ ମଧ ମାନ୍ୟତାରେ ୩ଟି ସ୍ଥାନ ଫାଇଦା ମିଳିଛି ଏବଂ ସେ ୪୭ତମ ସ୍ଥାନରେ ପହଞ୍ଚିଛି।

## ହାରିବା ପରେ କାନ୍ଦିଲେ କ୍ୟାପଟେନ୍

ନୂଆଦିଲ୍ଲୀ,୨୭।୬: ଟି-୨୦ ବିଶ୍ୱକପ୍ ୨୦୨୪ ପ୍ରଥମ ସେମିରେ ଆଫଗାନିସ୍ତାନକୁ ହରାଇ ଫାଇଲାଲରେ ଦକ୍ଷିଣ ଆଫ୍ରିକା। ପ୍ରଥମ ଟିମ୍ ଭାବେ ସେ ଫାଇନାଲରେ ପ୍ରବେଶ କରିଛି। ଆଜିର ମୁକାବିଲାରେ ଆଫଗାନିସ୍ତାନକୁ ୯ ୱିକେଟରେ ହରାଇ ବାଜି ମାରିଛି ଦକ୍ଷିଣ ଆଫ୍ରିକା। ତେବେ ମ୍ୟାଚ୍ ହାରିବା ପରେ ଆଫଗାନ ଖେଳାଳି ବହୁତ ଭାଙ୍ଗିପଡିଥିବା ଦେଖିବାକୁ ମିଳିଥିଲା । ତାଙ୍କ ମୁହଁରୁ ସ୍ପଷ୍ଟ ବାରି ହୋଇପଡିଥିଲା ପରାଜୟର ଦୁଃଖ । କ୍ୟାପଟେନ୍ ରସିଦ୍ ଖାନଙ୍କ ଏମିତି ଗୋଟେ ଫଟୋ ଭାଇରାଲ୍ ହେଉଛି, ଯାହାକୁ ଦେଖିବା ପରେ ଜମାପଡୁଛି କି, ସେ ତାଙ୍କ ଲୁହକୁ ଲୁଚାଇବାକୁ ଚେଷ୍ଟା କରୁଛନ୍ତି। ଆଉ ତାଙ୍କ ପାଖରେ ହେଡ୍ କୋର୍ଚ ଜୋନାଥନ୍ ଟ୍ରୋଟ୍ ବି ଉପସ୍ଥିତ ଥିଲେ। ମୋଟାମୋଟି ଭାବେ କହିବାକୁ ଗଲେ ପରାଜୟ ପରେ ସେ ପୁରା ପୁରି ଭାବେ ଭାଙ୍ଗିପଡିଥିଲେ। କାରଣ ପୁରା ଟୁର୍ଣ୍ଣାମେଣ୍ଟରେ ଚମ୍ପିଆନ୍ ଭଳି ଖେଳିଥିଲା।

# ପିଚ୍‌କୁ ନେଇ ଉଠିଲା ପ୍ରଶ୍ନବାଚୀ

ନୂଆଦିଲ୍ଲୀ,୨୭।୬: ଆଇସିସି ଟି-୨୦ ବିଶ୍ୱକପ ୨୦୨୪ର ପ୍ରଥମ ସେମିଫାଇନାଲ ଶେଷ ହୋଇଛି। ଦକ୍ଷିଣ ଆଫ୍ରିକା ଏବଂ ଆଫଗାନିସ୍ତାନ ଟିମ୍ ମୁହାଁମୁହିଁ ହୋଇଥିଲେ। ଦୁଇ ଟିମର ପ୍ରଦର୍ଶନକୁ ଦେଖି ଅନୁମାନ କରାଯାଉଥିଲା ଯେ ସେମିଫାଇନାଲ ମୁକାବିଲା ରୋମାଞ୍ଚକର ହେବ। କିନ୍ତୁ ଏପରି କିଛି ହେଲ ନାହିଁ ।ଏକ ଏକତରଫା ମୁକାବିଲାରେ ଦକ୍ଷିଣ ଆଫ୍ରିକା ଆଫଗାନିସ୍ତାନକୁ ହରାଇ ଫାଇନାଲରେ ପ୍ରବେଶ କରିଛି।ଏହାରି ଭିତରେ ପୁଣି ଥରେ ଚଳିତ ବିଶ୍ୱକପରେ ପିଚକୁ ନେଇ ଅନେକ ପ୍ରଶ୍ନ ଉଠୁଛି। ଯଦିଓ ଦକ୍ଷିଣ ଆଫ୍ରିକା ମ୍ୟାଚକୁ ଜିତି ନେଇଛି, କିନ୍ତୁ ଟିମର



କ୍ୟାପ୍ଟେନ ଏଡନ୍ ମାରକ୍ରମ ଖୁସି ନାହାନ୍ତି। ଏହାସହ ସେ ମଜାକିଆ। ଭାବରେ କହିଛନ୍ତି ଯେ ଭଲ କଥା ଯେ ଏହି ପିଚରେ ପୁଣି ଥରେ ଖେଳିବୁ ନାହିଁ। ତାଙ୍କର କହିବା ଭାବକୁ ସହଜରେ ବୁଝା ଯାଇପାରିବ।

ଏଡନ୍ ମାରକ୍ରମ ମ୍ୟାଚ୍ ପରେ କହିଛନ୍ତି ଯେ ଆମେ ଖୁସି ଯେ ଏହି ପିଚରେ ଆମେ ପୁଣି ଥରେ ମ୍ୟାଚ୍ ଖେଳିବୁ ନାହିଁ। ସେ କହିଛନ୍ତି ଯେ ପୂରା ଟୁର୍ଣ୍ଣାମେଣ୍ଟରେ ପିଚ୍ ଆହ୍ୱାନପୂର୍ଣ୍ଣ ଥିଲା। କେବେ ୱିକେଟ୍ କଠିନ ଥିଲା ବୋଲି କହିବା ମୁସ୍କିଲ୍, କାରଣ ସବୁବେଳେ ଏହା ବ୍ୟାଟରଙ୍କ ଖେଳ ନୁହେଁ। ଏହିପରି ୱିକେଟରେ ବିଜୟ ହାସଲ କରିବା ଗୁରୁତ୍ୱପୂର୍ଣ୍ଣ ଥିଲା। ମାରକ୍ରମ କହିଛନ୍ତି ଯେ ଆମେ ଆମର ପୂରା କ୍ୟାରିୟରରେ ଏହା ହିଁ କରି ଆସୁଛୁ। ଭିନ୍ନ ସ୍ଥାନ, ଭିନ୍ନ ଭିନ୍ନ ପରିସ୍ଥିତିରେ ଖେଳିବା ପ୍ରଥମ ଥର ଆମେ ଫାଇନାଲ ଖେଳିବାକୁ ଯାଉଛୁ, କିନ୍ତୁ ଭୟ କରିବାର କିଛି ନାହିଁ। ସେ କହିଛନ୍ତି ଯେ ଏହି ବିଜୟ ଆମ ପାଇଁ ଗୁରୁତ୍ୱ ବହନ କରୁଛି। ଆମ ପାଖରେ ଅନେକ ବଡ଼ ଖେଳାଳି ଅଛନ୍ତି, କିନ୍ତୁ ଏହିପରି ପ୍ରଦର୍ଶନ ପାଇଁ ପୂରା ଟିମକୁ ଏକ ହୋଇ ଖେଳିବାକୁ ପଡ଼ିଥାଏ।

ଯଦି ପ୍ରଥମ ସେମିଫାଇନାଲ କଥା କହିବା ତେବେ ଆଫଗାନିସ୍ତାନ ପ୍ରଥମେ ବ୍ୟାଟିଂ କରି ୧୧.୫ ଓଭର ହିଁ ବ୍ୟାଟିଂ କରିପାରିଥିଲା। ଟିମ୍ ୧୦ ୱିକେଟ୍ ହରାଇ କେବଳ ୫୬ ରନ୍ କରିବାରେ ସଫଳ ହୋଇଥିଲା। ଅନ୍ୟପଟେ ଦକ୍ଷିଣ ଆଫ୍ରିକା ଟିମ୍ ୮.୫ ଓଭରରେ ମାତ୍ର ଗୋଟିଏ ୱିକେଟ୍ ହରାଇ ବିଜୟ ଲକ୍ଷ୍ୟକୁ ହାସଲ କରି ନେଇଥିଲା। ଏହାସହ ପ୍ରଥମ ଟିମ୍ ଭାବେ ଟି-୨୦ ବିଶ୍ୱକପ ୨୦୨୪ ଫାଇନାଲରେ ପ୍ରବେଶ କରିଛି।

# ଇଞ୍ଜାମାମଙ୍କ ଅଭିଯୋଗ ନେଇ ବର୍ଷିଲେ ରୋହିତ

ଗାଏନା ୨୭।୦୬: ଭାରତୀୟ ଦଳ ଉପରେ ବଲ୍ ଟ୍ୟାମ୍ପରିଂ ଅଭିଯୋଗ ଆଣିଥିବା ପାକିସ୍ତାନର ପୂର୍ବତନ ଅଧିନାୟକ ଇଞ୍ଜାମାମ ଉଲ୍-ହକ୍‌ଙ୍କୁ ଟିମ ଇଣ୍ଡିଆ। ଅଧିନାୟକ ତୀବ୍ର ସମାଲୋଚନା କରିଛନ୍ତି ।ଅଷ୍ଟ୍ରେଲିଆ। ବିପକ୍ଷରେ ବିଜୟ ପରେ ଇଞ୍ଜାମାମ ଏକ ଟିଭି କାର୍ଯ୍ୟକ୍ରମ ଅବସରରେ ଭାରତୀୟ ବୋଲରଙ୍କ ଉପରେ ଆପତ୍ତି ଉଠାଇଥିଲେ। ସେ କହିଥିଲେ, ଅର୍ଶଦୀପ ସିଂହ ୧୫ତମ ଓଭରରେ ବଲକୁ ରିଭର୍ସ ସୁଇଂ କରାଇଥିଲେ ।


ମାତ୍ର ୧୫ ଓଭର ପୁରୁଣା ବଲ୍ ରିଭର୍ସ ସୁଇଂ ହେବା ଆଶ୍ଚର୍ଯ୍ୟର ବିଷୟ। ଅମ୍ପାୟାରମାନେ ଆଖି ଖୋଲା ରଖିବା ଆବଶ୍ୟକ।ପାକିସ୍ତାନ ବୋଲର ରିଭର୍ସ ସୁଇଂ କରିଥିଲେ ବିବାଦରେ ଛନ୍ଦି ହୋଇଥାନ୍ତେ।ଭାରତ ପାଇଁ ଅମ୍ପାୟାରଙ୍କ ଆଖି ସର୍ବଦା ବନ୍ଦ ରହୁଛି।

ଆଜି ସାମ୍ବାଦିକ ସମ୍ମିଳନୀ ଅବସରରେ ଇଞ୍ଜାମାମଙ୍କ ଆପତ୍ତି ବିଷୟରେ ପ୍ରଶ୍ନ କରାଯାଇଥିଲା। ଜବାବରେ ରୋହିତ ବିରକ୍ତି ପ୍ରକାଶ କରି କହିଥିଲେ, ଏଭଳି ପ୍ରଶ୍ନର କି ଉତ୍ତର ଦେବି ? ଏଠାରେ ତାପମାତ୍ରା ଅଧିକ ରହିଛି । ଶୁଷ୍କ ଜଳବାୟୁରେ ବଲ୍ ରିଭର୍ସ ସୁଇଂ କରିବା ନୂଆ କଥା ନୁହେଁ। ପ୍ରତ୍ୟେକ ଦଳର ବୋଲର ରିଭର୍ସ ସୁଇଂ କରୁଛନ୍ତି।

ବର୍ତ୍ତମାନ ଅପତ୍ତି ଉଠାଉଥିବା ଲୋକଙ୍କୁ ମସ୍ତିଷ୍କ ଖୋଲିବା ଆବଶ୍ୟକ। ଅଷ୍ଟ୍ରେଲିଆ। କିମ୍ବା ଇଂଲଣ୍ଡ ନୁହେଁ, ବିଶ୍ୱକପ୍ ୱେଷ୍ଟଇଣ୍ଡିଜରେ ଖେଳାଯାଉଛି। ସୂଚନାଯୋଗ୍ୟ, ଭାରତ ଚଳିତ ଟୁର୍ଣ୍ଣାମେଣ୍ଟରେ ଅପରାଜେୟ ରହିଛି ୬ଟି ମ୍ୟାଚ୍ ଜିତି ଭାରତ ସେମିରେ ପ୍ରବେଶ କରିଛି।ଅର୍ଶଦୀପ ଚମତ୍କାର ବୋଲିଂ କରୁଛନ୍ତି ଓ ଇତି ମଧ୍ୟରେ ସେ ୧୫ଟି ୱିକେଟ୍ ନେଇ ସାରିଛନ୍ତି।

# ଶ୍ରୀଲଙ୍କା ଟିମକୁ ବଡ ଝଟକା : ଇସ୍ତଫା ଦେଲେ ଜୟବର୍ଦ୍ଧନେ

କଲମ୍ବୋ,୨୭।୬: ଟି -୨୦ ବିଶ୍ୱକପ ୨୦୨୪ରେ ଶ୍ରୀଲଙ୍କାର ଖରାପ ପ୍ରଦର୍ଶନ ପରେ ଭେଟେରାନ କ୍ରିକେଟର ମାହେଲା ଜୟବର୍ଦ୍ଧନେ ଶ୍ରୀଲଙ୍କା କ୍ରିକେଟ୍ ଦଳର ପରାମର୍ଶଦାତା ପ୍ରଶିକ୍ଷକ ପଦରୁ ଇସ୍ତଫା ଦେଇଛନ୍ତି। ମାହେଲା ଜୟବର୍ଦ୍ଧନେ ୨୦୨୨ରେ ପରାମର୍ଶଦାତା ଭାବରେ ଦାୟିତ୍ୱ ଗ୍ରହଣ କରିଥିଲେ। ତାଙ୍କ କାର୍ଯ୍ୟକାଳ ମଧ୍ୟରେ ସେ ଶ୍ରୀଲଙ୍କା ଜାତୀୟ କ୍ରିକେଟ୍ ଦଳର ପ୍ରଦର୍ଶନରେ ଉନ୍ନତି ଆଣିବାରେ ଉଲ୍ଲେଖନୀୟ ଅବଦାନ ରଖିଥିଲେ। ଶ୍ରୀଲଙ୍କା କ୍ରିକେଟ୍ ବୋର୍ଡ ଏକ ସରକାରୀ ବିବୃତ୍ତି ଜାରି କରି ଇସ୍ତଫା ନିଶ୍ଚିତ କରିଛି। ଉଲ୍ଲେଖ ଥାଉ କି ମାହେଲା ଜୟବର୍ଦ୍ଧନେ ସେପ୍ଟେମ୍ବର ୨୦୨୨ରେ ଅଷ୍ଟ୍ରେଲିଆରେ ହୋଇଥିବା ଟି-୨୦ ବିଶ୍ୱକପ



ପୂର୍ବରୁ ପରାମର୍ଶଦାତା ଭାବେ ଯୋଗ ଦେଇଥିଲେ । ଏହି ଆଧାରରେ, ମାହେଲା ଜୟବର୍ଦ୍ଧନେ ଖେଳାଳି ବିକାଶ କାର୍ଯ୍ୟକ୍ରମ ଆରମ୍ଭ କରିଥିଲେ ସେ ଶ୍ରୀଲଙ୍କାରେ ଘରୋଇ କ୍ରିକେଟର ଉନ୍ନତି ପାଇଁ ଚେଷ୍ଟା ଜାରି ରଖିଥିଲେ। ଏହା ବ୍ୟତୀତ ସେ ଅଣ୍ଡର -୧୯ ସ୍ତରୀୟ ଦଳକୁ ଏକ ଉଚ୍ଚ ସ୍ତରକୁ ନେବାକୁ ଉଦ୍ୟମ କରିଥିଲେ। ୨୦୨୧ ମସିହାରେ ସେ ଶ୍ରୀଲଙ୍କା କ୍ରିକେଟ୍ ବୋର୍ଡ ଦ୍ୱାରା ଦେଶର ଅଣ୍ଡର -୧୯ ଦଳର ପରାମର୍ଶଦାତା ଭାବରେ ନିଯୁକ୍ତ ହୋଇଥିଲେ, ଯାହା ପାଇଁ ସେ କୌଣସି ଦରମା ନେଇନଥିଲେ । ଉଲ୍ଲେଖ ଥାଉ କି ମାହେଲା ଜୟବର୍ଦ୍ଧନେ ୨୦୧୪ରେ ତାଙ୍କ କ୍ରିକେଟ୍ କ୍ୟାରିୟରରୁ ସନ୍ୟାସ ନେଇଥିଲେ । ପରବର୍ତ୍ତୀ ବର୍ଷ ସେ ବ୍ୟାଟିଂ ପରାମର୍ଶଦାତା ଭାବରେ ଇଂଲଣ୍ଡ ଦଳରେ ଯୋଗ ଦେଇଥିଲେ। ଏହା ବ୍ୟତୀତ ମାହେଲା ଜୟବର୍ଦ୍ଧନେ ୨୦୧୭ରେ ଆଇପିଏଲ୍ ଫ୍ରାଞ୍ଚାଇଜ୍ ମୁମ୍ବାଇ ଇଣ୍ଡିଆନ୍ସର କୋଚ୍ ହୋଇଥିଲେ ଏବଂ ତାଙ୍କ ଅଧୀନରେ ଏମଆଇ ୨୦୧୭ରେ ଆଇପିଏଲ୍ ଟାଇଟଲ୍ ଜିତିଥିଲା।

Printed & Published by Biswajit Samanta on behalf of Kusuma Samanta printed at Niyati Publication (P) Ltd., 166-B MANCHESWAR INDUSTRIAL ESTATE, BHUBANESWAR-751010 & Published From LP-115, PRASANTI VIHAR, HOUSING BOARD COLONY BHUBANESWAR-751 024. Tele: (0674)2546981 Fax: (0674)2546982
Mob.: 9937028982, 7847944970, 7008420927 , Email : odishamahabharata@gmail.com, orissamahabharat@rediffmail.com Editor: SURJIT KUMAR DHAL ସମ୍ପାଦକ: ସୁରଜିତ୍ କୁମାର ଧଳ